କଟକ
ଗୁରୁବାର ୮ ଅକ୍ଟୋବର, ୨୦୨୬
ପ୍ରାତଃ ସଂସ୍କରଣ

October 8, 2026 Cuttack
Vol - XXIV, Issue - 188
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ପାରା ଏସିଆନ ଗେମ୍ସରେ ଓଡ଼ିଶାର ପ୍ରମୋଦ ଭଗତ ହେବେ ଭାରତର ଧ୍ୱଜାବାହକ

**ଭୁବନେଶ୍ୱର,୭।୧୦(ନି.ପ୍ର):** ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସ ଶେଷ ହୋଇଯାଇଛି। ଆସନ୍ତା ୧୮ରୁ ୨୪ ଯାଏ ନାଗୋୟାରେ ହେବାକୁ ଯାଉଛି ପାରା ଏସିଆନ ଗେମ୍ସ। ଏହାର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶାର ପାରାଲିମ୍ପିଆନ ପ୍ରମୋଦ ଭଗତ ଭାରତର ଧ୍ୱଜାବାହକ ହେବେ। ତାଙ୍କ ସହ ରହିବେ ଭବିନା ପଟେଲ।

ଟ୍ରେନିଂ ଏବଂ ନିଯୁକ୍ତି ବିଜ୍ଞାପନ
SAFETY & FIRE ENGINEERING COURSES
ଓଡ଼ିଶା ଏବଂ ଓଡ଼ିଶା ବାହାରେ ଥିବା STEEL PLANT, POWER PLANT, ALUMINUM, OIL REFINERY, PROJECT ଏବଂ CONSTRUCTION COMPANY ପାଇଁ ନିମ୍ନ ପଦବୀ ଗୁଡ଼ିକ ଆବଶ୍ୟକ।
■ଯୋଗ୍ୟତା:- H.S.C PASS / +2 / ITI / Diploma / B. Tech / Any Graduate ■ Age: 18 to 35 years
AFTER TRAINING SALARY : Rs. 18, 000/- to Rs. 25, 000/-
ଟ୍ରେନିଂ ପରେ ନିଶ୍ଚିତ ନିଯୁକ୍ତି
■ FIREMAN ■ FIRE SUPERVISOR ■ FIRE OFFICER ■ SAFETY STEWARD ■ SAFETY SUPERVISOR ■ SAFETY OFFICER ■ SAFETY ENGINEER ■ SAFETY MANAGER
100 % Job Limited Seats
INSTITUTE OF INDUSTRIAL SAFETY AND FIRE MANAGEMENT
(An ISO 9001:2015 & OHSAS Certified Institute)
B/48, 1st Floor, BDA Duplex Colony, Baramunda, Bhubaneswar, Odisha, Pin-751003
Cont.: 9337712395, Email: iisfm.educ@gmail.com, web: www.iisfm.co.in

**୨୫ ବର୍ଷର ନିରନ୍ତର ଯାତ୍ରା**

# ଦେଶବାସୀଙ୍କ ବିଶ୍ୱାସ ସବୁଠାରୁ ବଡ଼ ଶକ୍ତି



**ନୂଆଦିଲ୍ଲୀ,୭।୧୦(ନି.ପ୍ର):** ସାର୍ବଜନୀନ ଜୀବନରେ ଦେଶ ସେବାରେ ୨୫ ବର୍ଷ ପୂରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୭ ଅକ୍ଟୋବର ୨୦୦୧ରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୧୪ ଯାଏ ରହିଥିଲେ ଗୁଜରାଟର ମୁଖ୍ୟମନ୍ତ୍ରୀ ପଦରେ। ୨୦୧୪ରେ ନିର୍ବାଚନରେ ବିପୁଳ ବିଜୟ ପରେ ସେ ହୋଇଥିଲେ ଦେଶର ପ୍ରଧାନମନ୍ତ୍ରୀ। ସେବେଠାରୁ ଏଯାବତ ସେ ଲଗାତାର ତିନିଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୨୦୦୧ରୁ ୨୦୨୬ ତାଙ୍କର ଏହି ୨୫ ବର୍ଷର ନିରନ୍ତର ଯାତ୍ରା ଏକ ବହୁତ ବଡ଼ ଉପଲବ୍ଧି।

ଏହି ଅବସରରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶବାସୀଙ୍କୁ ଭର୍ଚୁଆଲ ଭାବରେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ୨୫ ବର୍ଷ ପୂର୍ବେ ୫୦ ବର୍ଷ ବୟସରେ ଜଙ୍ଗଲରେ ବୁଲି ବୁଲି ଆଦିବାସୀଙ୍କ ସେବା କରୁଥିଲି। ପାହାଡ଼ରେ ରହୁଥିଲି। ମୋର ରାଜନୈତିକ କାର୍ଯ୍ୟ କେବଳ ସଂଗଠନରେ ହିଁ ସୀମିତ ଥିଲା। ସେତେବେଳେ କେବେ କଳ୍ପନା କରିନଥିଲି ସାର୍ବଜନୀନ ଜୀବନରେ ଏହି ମାଇଲଖୁଣ୍ଟରେ ପହଞ୍ଚିବି ବୋଲି। ଆଜି ସରକାରର ମୁଖ୍ୟ ଭାବରେ ଦେଶ ସେବା କରିବାର ୨୫ ବର୍ଷ ପୂରଣ ହେଉଛି। ଲୋକଙ୍କ ନିରନ୍ତର ଆଶୀର୍ବାଦକୁ ଏହାର ଶ୍ରେୟ ଦେଉଛି। ବିଜେପି, ଏନ୍‌ଡିଏ ଏବଂ ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି।

ମୋଦୀ କହିଛନ୍ତି, ଜନତା ମୋ ପାଇଁ ଈଶ୍ୱରଙ୍କର ଏକ ରୂପ। କୋଟି କୋଟି ଲୋକଙ୍କ ବିଶ୍ୱାସ ମୋର ଶକ୍ତି। ଦେଶ ମୋତେ ବହୁତ କିଛି ଦେଇଛି। ଦେଶ ମୋ ପାଇଁ ସବୁକିଛି। ଦେଶର ନାଗରିକମାନଙ୍କର ମୋ ଉପରେ ସବୁଠାରୁ ଅଧିକ ଅଧିକାର ରହିଛି। କୋଟି କୋଟି ଭାରତୀୟଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି ଯେ ଈଶ୍ୱର ମୋତେ ଦେଶ ପାଇଁ ଆହୁରି ଅଧିକ କାମ କରିବାକୁ, ଦିନ ରାତି ନାଗରିକଙ୍କ ସେବା କରିବା ପାଇଁ ଶକ୍ତି ଦିଅନ୍ତୁ।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ଏବେ ବି ନିଜକୁ ଜଣେ ଛାତ୍ର ବୋଲି ଭାବୁଛି। ୨୫ ବର୍ଷର ଜନସାଧାରଣଙ୍କ ବିଶ୍ୱାସ ଏବଂ ୨୫ ବର୍ଷର ଅଭିଜ୍ଞତା ଏକ ମହାନ ସମ୍ପତ୍ତି। ଏହି ପୁଞ୍ଜି ଦେଶର ଏବଂ ଭାରତ ମାତାର ପ୍ରତ୍ୟେକ ସନ୍ତାନ ଏହାର ହକଦାର। ସ୍କୁଲ ଦିନଗୁଡ଼ିକୁ ମନେ ପକାଇ ମୋଦୀ କହିଛନ୍ତି, ଶିଖିବାର ଇଚ୍ଛା ତାଙ୍କ ଜୀବନର ଏକ ଅଂଶ ହୋଇଗଲା। ଶିଖିବାର ଇଚ୍ଛା ମୋର କେବେ ହ୍ରାସ ନପାଉ ଏହା ମଧ୍ୟ ମୁଁ ସବୁବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି। ପଛକୁ ଫେରି ଚାହିଁଲେ କୃତଜ୍ଞତାର ଭାବନା ଅନୁଭବ କରେ। ଜୀବନର ପ୍ରତ୍ୟେକ ଘଟଣାରୁ ମୁଁ ଶିକ୍ଷା ପାଇଛି। ଯେଉଁମାନେ ମୋତେ ତଳକୁ ଟାଣି ଆଣିଥିଲେ ସେମାନେ ମୋତେ ଠିଆ ହେବାକୁ ଶିଖାଇଲେ। ଯେଉଁମାନେ ମୋତେ ବିରୋଧ କରୁଥିଲେ ସେମାନେ ଗଣତନ୍ତ୍ରର ଶକ୍ତି କ'ଣ ଏହା ମଧ୍ୟ ବୁଝାଇଲେ। ପ୍ରତ୍ୟେକ ସଙ୍କଟ ମୋ ଧୈର୍ଯ୍ୟର ପରୀକ୍ଷା କରିଥିଲା। ପ୍ରତ୍ୟେକ ସଫଳତା ମୋତେ ବଡ଼ ଲକ୍ଷ୍ୟ ଆଡ଼କୁ ଆଗକୁ ବଢ଼ିବାକୁ ଶକ୍ତି ଦେଇଥିଲା।

## ଜନ୍ମଦିନରେ ଜଳିଲା ଯବାନଙ୍କ ଜୁଇ

**ରାୟଗଡ଼ା/ଭୁବନେଶ୍ୱର,୭।୧୦(ନି.ପ୍ର):** 



ନାଗାଲ୍ୟାଣ୍ଡରେ କର୍ତ୍ତବ୍ୟରତ ଓଡ଼ିଆ ଯବାନ ଭି. ତେଜା ଶହୀଦ ହୋଇଯାଇଛନ୍ତି। ଜନ୍ମଦିନରେ ଜଳିଛି ତାଙ୍କର ଜୁଇ। ଅକ୍ଟୋବର ୭ରେ ସେ ତାଙ୍କର ୩୧ତମ ଜନ୍ମଦିନ ପାଳନ କରିଥାଆନ୍ତେ। ଡିସେମ୍ବର ମାସରେ ମଧ୍ୟ ତାଙ୍କର ବାହାଘର ହୋଇଥାନ୍ତା। ଏହି ଦୁଃଖଦ ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମାତୃଭୂମିର ସେବାରେ ଶହୀଦ ଯବାନଙ୍କ ସର୍ବୋଚ୍ଚ ବଳିଦାନ ଓ ନିଷ୍ଠା ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ଶହୀଦ ତେଜାଙ୍କ ପାର୍ଥିବ ଶରୀରକୁ ହେଲିକପ୍ଟର ଯୋଗେ ବିଶାଖାପାଟଣା ଅଣାଯାଇଥିଲା। ସେଠାରୁ ଆମ୍ବୁଲାନ୍ସରେ ରାୟଗଡ଼ାକୁ ନେବା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପାର୍ଥିବ ଶରୀର ଫେରିବା ପରେ ଶହୀଦ ଯବାନଙ୍କୁ ସମ୍ମାନ ଜଣାଇବା ପାଇଁ ଶହ ଶହ ଲୋକ ଏକ ବିଶାଳ ମୋଟରସାଇକେଲ୍ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୭।୧୦(ନି.ପ୍ର):** ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଅଦଳବଦଳ କରିଛନ୍ତି। ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାପାଳଙ୍କୁ ପରିବର୍ତ୍ତନ କରାଯାଇଛି। ନବରଙ୍ଗପୁର ଜିଲ୍ଲା ମହେଶର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ଅନ୍ୟା ଦାସଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଜିଏ ଓ ପିଜି ଅତିରିକ୍ତ ସଚିବ ହୋଇଥିବାବେଳେ ମଧୁମିତାଙ୍କୁ ନିଯୁକ୍ତି ଦିଆଯାଇଛି ନୂଆପଡ଼ା ଜିଲ୍ଲାପାଳ ଭାବେ। ପ୍ରଦୀପ ନାୟକ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି। ଅଶ୍ୱିନି ଏ ଏଲ୍‌ଙ୍କୁ ଭବାନୀପାଟଣା ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। କସ୍ତୁରୀ ଶା ହୋଇଛନ୍ତି ଜିଏ ଓ ପିଜି ବିଭାଗ ଉପସଚିବ।

## ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

**ରାୟଗଡ଼ା,୭।୧୦(ନି.ପ୍ର):** ପୋଖରୀରେ ବୁଡ଼ି ଦୁଇ ନାବାଳିକାଙ୍କର ମୃତ୍ୟୁ ହୋଇଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶାନ୍ତିନଗରରେ ଘଟିଛି ଏହି ଅଭାବନୀୟ ଘଟଣା। ମୃତ ଦୁଇ ନାବାଳିକା ପୂଜାରୀଗୁଡ଼ା ପଞ୍ଚାୟତ ବଡ଼ନାୟକଗୁଡ଼ା ଗାଁର ୧୨ ବର୍ଷୀୟା ନିଲୁ କାଡ୍ରାକା ଓ ୧୨ ବର୍ଷୀୟା କାମି ତିଆକା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦୁଇ ନାବାଳିକା ଶାନ୍ତିନଗର ବନ୍ଧକୁ ଗାଧୋଇବା ପାଇଁ ଯାଇଥିବାବେଳେ ପାଣିରେ ବୁଡ଼ିଯାଇଥିଲେ। ଦୁହେଁ ସପ୍ତମ ଶ୍ରେଣୀରେ ପଢୁଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବଢ଼ିଲା ରେପୋ ରେଟ୍

### ୫.୨୫% ଥିଲା, ୫.୫୦% ହେଲା

**ନୂଆଦିଲ୍ଲୀ,୭।୧୦(ନି.ପ୍ର) :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମୁଦ୍ରା ନୀତି କମିଟି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆରବିଆଇ ରେପୋ ରେଟ୍‌କୁ ୨୫ ବେସିସ୍ ପଏଣ୍ଟ (୦.୨୫%) ବୃଦ୍ଧି କରିଛି। ଏହା ସହିତ ଦେଶରେ ୫.୨୫%ରୁ ୫.୫୦% ବୃଦ୍ଧି ପାଇଛି ରେପୋ ହାର। ଫେବୃଆରୀ ୨୦୨୩ ପରଠାରୁ ପ୍ରାୟ ଚାରି ବର୍ଷ ମଧ୍ୟରେ ଏହା ପ୍ରଥମଥର ପାଇଁ ଆର୍‌ବିଆଇ ସୁଧ ହାର ବୃଦ୍ଧି କରିଛି।

ଏହା ଘୋଷଣା କରି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ସାମଗ୍ରିକ ଅର୍ଥନୈତିକ ପରିସ୍ଥିତି, ବିଶ୍ୱ ବିକାଶ ଏବଂ ଭବିଷ୍ୟତ ଦୃଷ୍ଟିକୋଣର ବିସ୍ତୃତ ମୂଲ୍ୟାଙ୍କନ ପରେ, ଆର୍‌ବିଆଇର ମୁଦ୍ରା ନୀତି କମିଟି ସର୍ବସମ୍ମତିକ୍ରମେ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ୫.୫୦% କରିବାକୁ ନିଷ୍ପତ୍ତି ନେଇଛି। ସ୍ଥାୟୀ ଜମା ସୁବିଧା (ଏସ୍‌ଡିଏଫ) ହାର ୫.୨୫% ଏବଂ ସୀମାନ୍ତ ସ୍ଥାୟୀ ସୁବିଧା (ଏମଏସଏଫ) ଏବଂ ବ୍ୟାଙ୍କ ହାର ୫.୭୫% କୁ ବୃଦ୍ଧି କରାଯାଇଛି। ଆରବିଆଇ ଗଭର୍ଣ୍ଣର ବ୍ୟାଖ୍ୟା କରିଛନ୍ତି ଯେ, ବୃଦ୍ଧି ପାଉଥିବା ଶକ୍ତି ଏବଂ ଅନ୍ୟାନ୍ୟ କଞ୍ଚାମାଲ ମୂଲ୍ୟ ମୂଳ ମୁଦ୍ରାସ୍ଫୀତି ଏବଂ ଖର୍ଚ୍ଚକୁ ବୃଦ୍ଧି କରୁଛି। ଯେତେବେଳେ ମୁଦ୍ରାସ୍ଫୀତି ବୃଦ୍ଧି ପାଏ, ରିଜର୍ଭ ବ୍ୟାଙ୍କ ରେପୋ ହାର ବୃଦ୍ଧି କରି ଏହା ହ୍ରାସ କରିବାକୁ ଚେଷ୍ଟା କରେ। ଯେତେବେଳେ ଋଣ ମହଙ୍ଗା ହୁଏ, ଲୋକମାନେ ଅଧିକ ବିଚାରପୂର୍ଣ୍ଣ ଭାବରେ ଖର୍ଚ୍ଚ କରିବେ, ଯାହା ଚାହିଦା ହ୍ରାସ କରିବ ଏବଂ ଶେଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। (ପୃଷ୍ଠା:୫)



## ଦିବ୍ୟାଙ୍ଗ ଭତ୍ତା ପାଇଁ ୧୦ କିମି ଚାଲିଲେ ମାଆ ପୁଅ

**ନୂଆପଡ଼ା,୭।୧୦(ନି.ପ୍ର):** ଦିବ୍ୟାଙ୍ଗ ଭତ୍ତା ପାଇଁ ୧୦ କିମି ଚାଲିଛନ୍ତି ମାଆ ଓ ପୁଅ। ଏହି ଦୁଃଖଦ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍‌ରେ। ଚନାବେଡ଼ା ଗାଁର ପଖନେ ବେହେରା ଜଣେ ବିଧବା ମହିଳା। ତାଙ୍କର ଦୁଇ ପୁଅ ଦିବ୍ୟାଙ୍ଗ। ଜଣେ ପୁତ୍ରଙ୍କର ଦିବ୍ୟାଙ୍ଗ ଭତ୍ତା ଗତ ୪ ମାସ ଧରି ମିଳିନଥିବା ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଦୁଇ ଦିବ୍ୟାଙ୍ଗ ପୁଅଙ୍କୁ ସାଙ୍ଗରେ ଧରି ବ୍ଲକ୍‌କୁ ଚାଲି ଚାଲି ଯାଇଥିଲେ। ଗାଁରୁ ବ୍ଲକ୍ କାର୍ଯ୍ୟାଳୟ ୫ କିମି ଦୂର। କିନ୍ତୁ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି କାହାକୁ ଭେଟି ନପାରି ନିରାଶ ହୋଇ ଦୁଇ ଦିବ୍ୟାଙ୍ଗ ପୁଅଙ୍କୁ ଧରି ସେ ପୁଣି ଚାଲି ଚାଲି ୫ କିମି ଘରକୁ ଫେରିଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ରସାୟନ ବିଜ୍ଞାନରେ ଦୁଇ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର





**ଷ୍ଟକହୋମ୍,୭।୧୦(ଏଜେନ୍ସି):** ୨୦୨୬ ପାଇଁ ମେଡ଼ିସିନ ଓ ଫିଜିକ୍ସରେ ନୋବେଲ ପୁରସ୍କାର ଘୋଷଣା ହେବା ପରେ ରସାୟନ ବିଜ୍ଞାନରେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଘୋଷଣା କରାଯାଇଛି। ଦୁଇ ବୈଜ୍ଞାନିକ ଫ୍ରାନ୍ସର ହେନରୀ ବି. କାଗନ ଓ ଜାପାନର କେନ୍ସୋ ସୋଆଇଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଜୈବିକ ସଂଶ୍ଳେଷଣରେ ଅଣ-ରୈଖିକ ପ୍ରଭାବ ଏବଂ ଅଟୋକାଟାଲିସିସ୍ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ଉଭୟ ଏହି ପୁରସ୍କାର ପାଇବେ। ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ କୁହାଯାଇଛି ଯେ, ଦୁଇ ବୈଜ୍ଞାନିକଙ୍କ ଗବେଷଣା ଏପରି ରାସାୟନିକ ପ୍ରକ୍ରିୟାକୁ ବୁଝିବାରେ ନୂଆ ଦିଗ ଦେଖାଇଛି। କାଗନ ଓ ସୋଆଇଙ୍କ ଗବେଷଣାର ମୁଖ୍ୟ ବିଷୟ ହେଉଛି ଅଣୁର ଦୁଇଟି ପ୍ରତିବିମ୍ବ ରୂପ। ଏହି ଦୁଇ ରୂପ ଦେଖିବାକୁ ସମାନ ହୋଇଥିଲେ ମଧ୍ୟ ପରସ୍ପରର ଦର୍ପଣ ପ୍ରତିଛବି ଭଳି ଭିନ୍ନ ହୋଇଥାଏ। ମଣିଷର ବାମ ଓ ଡାହାଣ ହାତ ଏହାର ସରଳ ଉଦାହରଣ।

ଗବେଷଣାରେ ଅଟୋକାଟାଲିସିସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ପ୍ରକ୍ରିୟାରେ ରାସାୟନିକ ପ୍ରତିକ୍ରିୟାରୁ ତିଆରି ହେଉଥିବା ପଦାର୍ଥ ନିଜେ ପୁଣି ସେହି ପ୍ରତିକ୍ରିୟାକୁ ଆହୁରି ଆଗକୁ ବଢ଼ାଇଥାଏ। ଫଳରେ ଆରମ୍ଭରେ ଥିବା ଏକ ଅତି କ୍ଷୁଦ୍ର ପାର୍ଥକ୍ୟ ମଧ୍ୟ ଧୀରେ ଧୀରେ ବଡ଼ ଅସମାନତାରେ ପରିଣତ ହୋଇପାରେ। ଏହା ମାଧ୍ୟମରେ ଗୋଟିଏ ଅଣୁରୂପ କିପରି ଅନ୍ୟଟି ଉପରେ ପ୍ରାଧାନ୍ୟ ବିସ୍ତାର କରେ, ତାହା ବୁଝିବାରେ ଦୁଇ ବୈଜ୍ଞାନିକ ସଫଳ ହୋଇଛନ୍ତି। ଏହି ଗବେଷଣାର ପ୍ରଭାବ ମୌଳିକ ରସାୟନ ବିଜ୍ଞାନରେ ସୀମିତ ନୁହେଁ। ଔଷଧର ବିକାଶ ଓ ଉତ୍ପାଦନରେ ଅଣୁର ନିର୍ଦ୍ଦିଷ୍ଟ ରୂପକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। ସମାନ ପରମାଣୁରୁ ଗଠିତ ଦୁଇଟି ପ୍ରତିବିମ୍ବ ରୂପ ଶରୀରରେ ଭିନ୍ନ ଭାବରେ କାମ କରିପାରେ। ତେଣୁ ଏହି ଆବିଷ୍କାର ଭବିଷ୍ୟତର ଔଷଧ ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ବହନ କରେ। ଆସନ୍ତା ଡିସେମ୍ବର ୧୦ରେ ଷ୍ଟକହୋମରେ ସ୍ୱିଡେନର ରାଜା କାର୍ଲ ଷୋଡ଼ଶ ଗୁସ୍ତାଫ୍ ବିଜେତାମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିବେ। ଉଭୟ ବୈଜ୍ଞାନିକଙ୍କୁ ମିଳିତ ଭାବେ ୧୨ ମିଲିୟନ୍ ସ୍ୱିଡିଶ୍ କ୍ରୋନା ପୁରସ୍କାର ରାଶି ମିଳିବ।

## ମାଓ ଡମ୍ପରୁ ମିଳିଲା ଏକେ-୪୭



**ଦନ୍ତେୱାଡ଼ା,୭।୧୦(ଏଜେନ୍ସି):** ଛତିଶଗଡ଼ର ଦକ୍ଷିଣ ବସ୍ତର ଦନ୍ତେୱାଡ଼ା ଜିଲ୍ଲାରେ ସୁରକ୍ଷା ବାହିନୀ ପକ୍ଷରୁ ଏକ ତଲାସୀ ଅଭିଯାନରେ ମାଓ ଡମ୍ପରୁ ଅସ୍ତ୍ରଶସ୍ତ୍ର ସମେତ ବହୁ ମାଓ ସାମଗ୍ରୀ ଜବତ କରାଯାଇଛି। ସୁରକ୍ଷା ବାହିନୀକୁ ମିଳିଛି ଏକ ବଡ଼ ସଫଳତା। ବାରସୁର ଅଞ୍ଚଳର ମଙ୍ଗନାର, ଚୁର୍ଦୁମ୍, ତୋଡମା ଏବଂ କୋହକାବେଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଏସବୁ ଲୁଚାଇ ରଖିଥିଲେ। ମାଓ ଡମ୍ପରୁ ମିଳିଥିବା ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ମଧ୍ୟରେ ରହିଛି ଗୋଟିଏ ଏକେ-୪୭, ଗୋଟିଏ ଇନ୍‌ସାସ୍ ରାଇଫଲ୍, ଗୋଟିଏ ବିଜିଏସ୍ ଲଞ୍ଚର୍, ପ୍ରଚୁର ପରିମାଣର ଗୁଳିଗୋଳା, ଟିଫିନ୍ ବୋମା, କୁକର୍ ବୋମା, ଡିଟୋନେଟର ସାମଗ୍ରୀ, ୱାକି-ଟକି ସେଟ୍, ମାଓ ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ହେଇଥିଲା ଏହି ତଲାସୀ ଅଭିଯାନ।

# ଜନ୍ତରମନ୍ତରରେ ହାଇଡ୍ରାମା

## ଇଣ୍ଡି ମେଣ୍ଟ ସାଂସଦଙ୍କ ସମେତ ରାହୁଲ ଓ ପ୍ରିୟଙ୍କାଙ୍କୁ ଉଠାଇ ନେଲା ପୋଲିସ

**ନୂଆଦିଲ୍ଲୀ,୭।୧୦(ନି.ପ୍ର):** ଏସ୍‌ଆଇଆର୍, ସିଇସି ପ୍ରସଙ୍ଗରେ ଇଣ୍ଡି ମେଣ୍ଟ ପକ୍ଷରୁ ମଙ୍ଗଳବାର ଦିଲ୍ଲୀରେ ହୋଇଥିଲା ପଦ ଯାତ୍ରା। ଇଣ୍ଡି ମେଣ୍ଟ ପକ୍ଷରୁ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରବେଶ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ କଡ଼ା ପୋଲିସ ପ୍ରହରାରେ ଏହା ସମ୍ଭବ ହୋଇନଥିଲା। କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆକାଶବାଣୀ ଭବନରେ ପ୍ରବେଶ କରିଥିଲେ। ଭବନର ଖୁବ୍ ନିକଟରେ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟ। ସେହିବାଟେ ସେ କାର୍ଯ୍ୟାଳୟରେ ପ୍ରବେଶ ପାଇଁ ଯୋଜନା କରିଥିଲେ, କିନ୍ତୁ ଏହା ସମ୍ଭବ ହୋଇନଥିଲା। ରାହୁଲଙ୍କ ସହ ମଧ୍ୟ ରହିଥିଲେ ପ୍ରିୟଙ୍କା ଗାନ୍ଧି। ଦୁହେଁ ଆକାଶବାଣୀ ଭବନ ପରିସରରେ ଦୀର୍ଘ ସମୟ ଯାଏ ଧାରଣା ଦେଇଥିଲେ।

ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍‌ଗେ ଇଣ୍ଡି ମେଣ୍ଟର ସାଂସଦମାନଙ୍କୁ ଏକ ଲଞ୍ଚ୍ ପାର୍ଟିକୁ ନିମନ୍ତ୍ରଣ କରିଥିଲେ। ଲଞ୍ଚ୍ ପାର୍ଟିରେ କିନ୍ତୁ ସାମିଲ ହୋଇନଥିଲା ସମାଜବାଦୀ ପାର୍ଟି। ଏହାପୂର୍ବରୁ ମଙ୍ଗଳବାର ପଦଯାତ୍ରାରେ ବି ଗାୟବ ରହିଥିଲେ ଆପ୍, ଡିଏମ୍‌କେ ଏବଂ ଓୱେସିଙ୍କ ପାର୍ଟି।



ବୁଧବାର ଲଞ୍ଚ୍ ପରେ ରାହୁଲଙ୍କ ସମେତ ଇଣ୍ଡି ମେଣ୍ଟ ସାଂସଦ ବସ୍‌ରେ ଜନ୍ତର-ମନ୍ତରକୁ ଯାତ୍ରା କରିଥିଲେ ଆନ୍ଦୋଳନ ପାଇଁ। କିନ୍ତୁ କଡ଼ା ପୋଲିସ ପ୍ରହରା ରହିଥିଲା। ମୁହାଁମୁହିଁ ହୋଇଥିଲେ ପୋଲିସ ଓ ଇଣ୍ଡି ସାଂସଦ। ରାସ୍ତା ଉପରେ ବସି ରହି ପ୍ରିୟଙ୍କା ପ୍ରତିବାଦ କରିଥିଲେ। ଇଣ୍ଡି ମେଣ୍ଟ ସାଂସଦଙ୍କ ସମେତ ରାହୁଲ ଓ ପ୍ରିୟଙ୍କାଙ୍କୁ ବି ବସ୍‌ରେ ଉଠାଇ ନେଇଥିଲା ପୋଲିସ।

# କଂଗ୍ରେସର ବନ୍ଦ ଡାକରାରେ ବିଜେଡ଼ିର ୟୁ-ଟର୍ଣ୍ଣ

## ଗଡ଼ିବ ଘରୋଇ ବସ୍
## ଖୋଲିବ କଟକ ମାଲ୍‌ଗୋଦାମ

**ଭୁବନେଶ୍ୱର,୭।୧୦(ନି.ପ୍ର):** ଓଡ଼ିଶା ବନ୍ଦର ଡାକରା ଦେଇଛି କଂଗ୍ରେସ। ଏସ୍‌ଆଇଆର୍, ଏମ୍‌ଏମ୍‌ଡିଆର୍ ଆଦି ପ୍ରସଙ୍ଗରେ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ ଯାଏ ୧୨ ଘଣ୍ଟା ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସର ବନ୍ଦ ଡାକରାରେ ବିଜେଡ଼ି ସାମିଲ ହେବ ବୋଲି ପ୍ରଥମେ ଘୋଷଣା କରିଥିଲା। କିନ୍ତୁ ଅଧଘଣ୍ଟାଏ-ଘଣ୍ଟାଏ ମଧ୍ୟରେ ପୁଣି ୟୁ-ଟର୍ଣ୍ଣ ମାରିଥିଲା ବିଜେଡ଼ି।

ବନ୍ଦ ଡାକରା ପରେ ବିଜେଡ଼ି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ କହିଥିଲେ ଯେ, ବିଜେଡ଼ି ଏହି ଆନ୍ଦୋଳନରେ ସାମିଲ ହେବ। କିନ୍ତୁ କ'ଣ ହେଲା କେଜାଣି କିଛି ସମୟ ପରେ ସେ ପୁଣି ସ୍ୱର ବଦଳାଇଥିଲେ। ବନ୍ଦ ଡାକରା ପୂର୍ବରୁ କଂଗ୍ରେସ ଆମକୁ ପଚାରି ନାହିଁ, ତେଣୁ ବିଜେଡ଼ି ଏହି ବନ୍ଦରେ ସାମିଲ ହେବ ନାହିଁ ବୋଲି ସ୍ପଷ୍ଟ କହିଥିଲେ। ବିଜେଡ଼ିର ଏହି ୟୁ-ଟର୍ଣ୍ଣ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ଦିଲ୍ଲୀରେ ଇଣ୍ଡି ମେଣ୍ଟର ପ୍ରତିବାଦ ପଦଯାତ୍ରାରେ ବିଜେଡ଼ିର ରାଜ୍ୟସଭା ସାଂସଦ ଭାବେ ସାମିଲ ହୋଇଥିଲେ। ଏହାକୁ ନେଇ ବିଜେପି ପକ୍ଷରୁ ତୀବ୍ର ସମାଲୋଚନା ହୋଇଥିଲା। ବିଜେପି ଓ କଂଗ୍ରେସଠାରୁ ସମଦୂରତା ଅବଲମ୍ବନ କରୁଥିବା ବିଜେଡ଼ି ତା'ର ଆଭିମୁଖ୍ୟ ବଦଳାଉଛି ବୋଲି କୁହାଯାଇଥିଲା। ଏହା ପରେ ଗୁରୁବାର ବିଜେଡ଼ିର ୟୁ-ଟର୍ଣ୍ଣ କଥା ସାମନାକୁ ଆସିଛି। ବିଜେଡ଼ି ୟୁ-ଟର୍ଣ୍ଣ କରିବା ପରେ କଂଗ୍ରେସ ପକ୍ଷରୁ ମଧ୍ୟ ତୀବ୍ର ସମାଲୋଚନା କରାଯାଇଛି।

କଂଗ୍ରେସର ବନ୍ଦ ଡାକରା ଦେଇଥିଲେ ମଧ୍ୟ ଗୁରୁବାର ଘରୋଇ ବସ୍ ଗଡ଼ିବ। ଘରୋଇ ବସ୍ ମାଲିକ ସଂଘ ସଭାପତି ଲୋକନାଥ ପାଣି ଏହା ସ୍ପଷ୍ଟ କରିଛନ୍ତି। ବସ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବା ଘରୋଇ ବସ୍ ଗଡ଼ିବ। ଜାରି ରହିବ ଯାତ୍ରୀ ପରିବହନ। ତେବେ ବସ୍ ଚଳାଚଳ ପାଇଁ ସରକାର ସୁରକ୍ଷା ଦେବା ଆବଶ୍ୟକ ବୋଲି କୁହାଯାଇଛି। ବନ୍ଦରେ କଟକ ମାଲଗୋଦାମ ମଧ୍ୟ ଖୋଲା ରହିବ। ଏହି ସୂଚନା ଦେଇଛନ୍ତି ଚାମ୍ବର ଅଫ୍ କମର୍ସ ସାଧାରଣ ସଂପାଦକ।

ବନ୍ଦରେ ଭୁବନେଶ୍ୱରରେ ମୁତୟନ ହେବେ ୧୮ ପ୍ଲାଟୁନ ଫୋର୍ସ। ଏହି ସୂଚନା ଦେଇଛନ୍ତି ଡିସିପି ସର୍ବଣା ବିବେକ ଏମ୍। ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡ଼ିକରେ ପୋଲିସ ମୁତୟନ ରହିବେ।

### ଗୃହ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର,୭।୧୦(ନି.ପ୍ର):** ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ ଜାରି ହୋଇଛି ନିର୍ଦ୍ଦେଶାବଳୀ। ଜିଲ୍ଲାପାଳମାନଙ୍କୁ ମଧ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କାର୍ଯ୍ୟାଳୟ ସୁରୁଖୁରୁରେ ଚାଲିବାକୁ କୁହାଯାଇଛି। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ସହ ଆଗୁଆ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଅତ୍ୟାବଶ୍ୟକୀୟ ସେବା ଯେପରି ବାଧାପ୍ରାପ୍ତ ନହୁଏ ତାହା ଉପରେ ଗୁରୁତ୍ୱ ଦେବାକୁ ଏବଂ ସକାଳ ୯.୩୦ ସୁଦ୍ଧା କର୍ମଚାରୀ ଅଫିସ ଆସିବାକୁ କୁହାଯାଇଛି। ଭୁବନେଶ୍ୱରରେ ଲୋକଭବନ, ରାଜୀବ ଭବନ, ଖାରବେଳ ଭବନ, କୃଷି ଭବନ ଆଦି କର୍ମଚାରୀଙ୍କ ପାଇଁ ମଧ୍ୟ ଜାରି ହୋଇଛି ନିର୍ଦ୍ଦେଶାବଳୀ। ଗେଟ୍‌ରେ ପରିଚୟ ପତ୍ର ଓ ଅଫିସ ପାସ୍‌ର କଡ଼ାକଡ଼ି ଯାଞ୍ଚ କରିବାକୁ କୁହାଯାଇଛି।

## ଏସ୍‌ଇବିସିଙ୍କ ପାଇଁ କମିଶନ ଗଠିତ

**ଭୁବନେଶ୍ୱର,୭।୧୦(ନି.ପ୍ର):** ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏସ୍‌ଇବିସିଙ୍କ ପାଇଁ ଗଠନ କରିଛନ୍ତି କମିଶନ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ କମିଶନ ଅଧ୍ୟକ୍ଷ ରହିଛନ୍ତି। ସଦସ୍ୟ ରହିଛନ୍ତି ଅବସରପ୍ରାପ୍ତ ଆଇଏଏସ୍ ବିଜୟ କୁମାର ପୃଷ୍ଟି। ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମିଶ୍ର ମଧ୍ୟ କମିଶନ ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ। କମିଶନଙ୍କୁ ଗୁରୁ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ରାଜନୈତିକ ପ୍ରତିନିଧିତ୍ୱ ନେଇ ଏସ୍‌ଇବିସି କେତେ ପଛୁଆ ଏହା କମିଶନ ଅନୁଧ୍ୟାନ କରିବେ। ଏସ୍‌ଇବିସିଙ୍କ ସଂଖ୍ୟା ମଧ୍ୟ ସଠିକ ଭାବେ ଆକଳନ କରିବେ କମିଶନ। ସ୍ୱାୟତ୍ତଶାସନ ଅଞ୍ଚଳରେ ଏସ୍‌ଇବିସିଙ୍କ ଅନୁପାତ କେତେ ରହିଛି କମିଶନ ଏହା ମଧ୍ୟ ଅନୁଧ୍ୟାନ କରିବେ। ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ନାଗରିକଙ୍କ ପାଇଁ କମିଶନ ଗଠନ କରାଯାଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



# ଦ୍ୱିତୀୟ ଥର ପାଇଁ ମାଆ ହେବେ କିଆରା

## ସକ୍ସ ଧରି ଶେୟାର୍ କଲେ ପୋଷ୍ଟ



କିଆରା ଆଡ଼ଭାନୀ ଏବଂ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଜୀବନରେ ଖୁସିର ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ସନ୍ତାନର ପିତାମାତା ହେବା ପରେ ପୁଣି ଥରେ ଦମ୍ପତି ଦ୍ୱିତୀୟ ସନ୍ତାନକୁ ଅପେକ୍ଷା କରିଛନ୍ତି । ଆଜି କିଆରା ଏବଂ ସିଦ୍ଧାର୍ଥ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଫ୍ୟାନ୍ସଙ୍କ ସହ ଏହି ଖୁସି ଖବରକୁ ଶେୟାର କରିଛନ୍ତି । ଶେୟାର ହୋଇଥିବା ଫଟୋରେ ସେମାନଙ୍କ ଝିଅର ସକ୍ସ ହାତରେ ଧରିଥିବା ଦେଖାଯାଇଛି । ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ।

ଏହି ପୋଷ୍ଟ ସେୟାର କରିବା ସହ କ୍ୟାପସନରେ ଲେଖିଛନ୍ତି ଯେ, ପୁଣି ଥରେ, ଆମେ ଜୀବନର ସର୍ବୋତ୍ତମ ଉପହାର ପାଇଲୁ। ଆମର ହୃଦୟ ପ୍ରେମ ଏବଂ କୃତଜ୍ଞତାରେ ପରିପୂର୍ଣ୍ଣ । ଏହି ପୋଷ୍ଟ ସେୟାର ହେବା ମାତ୍ରେ ସେମାନଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ବିଶେଷ କଥା ହେଉଛି ଯେ, କିୟାରା ତାଙ୍କ ଝିଅକୁ ଜନ୍ମ ଘୋଷଣା କରିବା ପାଇଁ ଯେଉଁ ସକ୍ସ ଧରିଥିଲେ, ସେହି ସକ୍ସକୁ ହାତରେ ପୁଣି ଧରି ତାଙ୍କର ଦ୍ୱିତୀୟ ଗର୍ଭଧାରଣ ଘୋଷଣା କରିଥିଲେ ।

କିଆରା ୨୦୨୩ ମସିହାରେ ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ବିବାହ କରିଥିଲେ । ୨୦୨୫ ମସିହା ଜୁଲାଇ ୧୬ ତାରିଖରେ ସେମାନେ ସେମାନଙ୍କର ପ୍ରଥମ ଝିଅ ସାରାୟାହଙ୍କୁ ସ୍ୱାଗତ କରିଥିଲେ । ମା ହେବା ପରେ କିଛି ଦିନର ବିରତି ନେଇ ପୁଣି କର୍ମ ଜୀବନକୁ ଫେରିଥିଲେ । ଯଦି ତାଙ୍କ କାମ କଥା କୁହାଯାଏ ତେବେ କିଆରାଙ୍କର ଶେଷରେ ରିଲିଜ ହୋଇଥିବା ଫିଲ୍ମ ଟକ୍ସିକ୍ ଥିଲା । ଯେଉଁଥିରେ ସେ ୟଶଙ୍କ ବିପକ୍ଷରେ ଥିବାର ଦେଖିବାକୁ ମିଳିଥିଲା ।

## ହାର୍ଟ ଓ ଡାଇବେଟିସ ରୋଗୀଙ୍କ ପାଇଁ

# ସୁପରଫୁଡ୍ ଆତ



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ । କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ । ସୁସ୍ଥ ଶରୀର ପାଇଁ ଉତ୍ତମ ଖାଦ୍ୟର ଆବଶ୍ୟକତା ଥାଏ । ସମୟ ପରିବର୍ତ୍ତନ ହେବା ସହିତ ଖାଇବାରେ ମଧ ପରିବର୍ତ୍ତନ ହେଉଛି । ସେଥିପାଇଁ ବର୍ତ୍ତମାନ ଅଧିକାଂଶ ଲୋକ ଖାଇବା ପିଇବା ପ୍ରତି ସଚେତନ ହୋଇଗଲେଣି । ପନିପରିବାଠରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଖାଇବା ଆମ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ସବୁ ଖାଦ୍ୟକୁ ନିଜ ଖାଇବା ଲିଷ୍ଟରେ ସାମିଲ କରିବାକୁ ପରାମର୍ଶ ଦିଆଯାଉଛି । ସେହି ସବୁ ସୁସ୍ଥ ଖାଦ୍ୟ ମଧ୍ୟରୁ ଆତ ହେଉଛି ଅନ୍ୟତମ।

ଆତରେ ଭିଟାମିନ୍ ସି, ମ୍ୟାଗ୍ନେସିୟମ୍, ଭିଟାମିନ୍ ୬ ଏବଂଲୌହରେ ଭରପୂର ମାତ୍ରାରେ ରହିଛି । ଯାହା ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ। ଯାହା ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ବିଶେଷ କରି ଏହି ଫଳକୁ ହାର୍ଟ ଏବଂ ଡାଇବେଟିସ୍ ରୋଗୀଙ୍କ ପାଇଁ ଫଳପ୍ରଦ ହୋଇଥାଏ ବୋଲି ପ୍ରମାଣିତ ହୋଇଛି । ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା । ଯାହା ଆପଣଙ୍କ ଅନେକ ସମସ୍ୟାକୁ ଦୂରେଇ ସ୍ୱାସ୍ଥ୍ୟଗତ ଫାଇଦା ଦେଇଥାଏ ।

ଆତରେ ଭିଟାମିନ୍ ସି ଥାଏ, ଯାହା ଏକ ଆଣ୍ଟିଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ । ତେଣୁ ଏହି ଫଳକୁ ହାର୍ଟ ଏବଂ ଡାଇବେଟିସ ରୋଗୀଙ୍କ ପାଇଁ ରାମବାଣ ସଦୃଶ ହୋଇଥାଏ । ଭିଟାମିନ୍ ସି ଅଭାବରୁ ଏହି ସମସ୍ୟା ଦେଖାଦେଇଥାଏ । ତେଣୁ ଏହି ଫଳ ଖାଇବାକୁ ପରାମର୍ଶ ଦିଆଯାଏ ।

ଆଖି ପାଇଁ ବେଷ୍ଟ ହୋଇଥାଏ ଆତ । ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଆଖିକୁ ଫ୍ରି ରାଡିକାଲଠାରୁ ରକ୍ଷା କରିଥାଏ । ତେଣୁ ଏହାକୁ ଆଖି ପାଇଁ ମହୋଷଧି ବୋଲି ବିବେଚନା କରାଯାଏ । ଆଖିକୁ ନେଇ କିଛି ସମସ୍ୟା ଦେଖିଦେଉଥିଲେ ଆତ ଖାଇବା ଆବଶ୍ୟକ । ଏହାକୁ ଖାଇବା ଦ୍ୱାରା ଶରୀରରେ ଭିଟାମିନ୍ ସି ଅଭାବ ପୂରଣ ହୋଇଥାଏ । ଲୋକମାନେ ପ୍ରାୟତଃ ଦୁର୍ବଳତା ଅନୁଭବ କରିଥାଆନ୍ତି। ଯାହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏହା ସହିତ, ଆପଣଙ୍କୁ ଅନେକ ଭାଇରାଲ୍ ରୋଗରୁ ସୁରକ୍ଷିତ ରଖିଥାଏ । ଯଦି ଆପଣ ଦାନ୍ତ କିମ୍ବା ମାଢ଼ି ଯନ୍ତ୍ରଣାରେ ପୀଡିତ, ତେବେ ଆତ ଅନେକ ଫାଇଦା ଦେଇଥାଏ । ପ୍ରତିଦିନ ଆତ ଖାଇବା ଦ୍ୱାରା ଦାନ୍ତ ଏବଂ ମାଢ଼ି ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ।

ଏତିକି ନୁହେଁ ବରଂ ଆତକୁ ରକ୍ତହୀନତା ପୀଡିତ ଲୋକଙ୍କ ପାଇଁ ବହୋଷଧି ଭାବେ କାର୍ଯ୍ୟ କରିଥାଏ । ଯାହାକୁ ଖାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । ଏଥି ସହ ଏହାକୁ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲର ସ୍ତରକୁ ନିୟନ୍ତ୍ରଣ କରାଯାଇପାରିବ । ଯାହା ଏହି ସବୁ ସମସ୍ୟା ପାଇଁ ଲାଭଦାୟକ ବୋଲି ପ୍ରମାଣିତ ହୋଇଆସୁଛି । ଏଥିରେ ସନ୍ତୁଳିତ ପରିମାଣର ସୋଡିୟମ୍ ଏବଂ ପୋଟାସିୟମ୍ ଥାଏ। ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ ।

ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଆତକୁ ଭଲ ବୋଲି ବିବେଚନା କରାଯାଏ । ସେଥିପାଇଁ ଏହି ସବୁ ସମସ୍ୟା ଦେଖା ଦେଉଥିଲେ ଡାକ୍ତରମାନେ ଆତ ଖାଇବାକୁ ଅନେକ ସମୟରେ ପରାମର୍ଶ ଦେଇଥାଆନ୍ତି ।

# ନ୍ୟୁମୋନିକ୍ ପ୍ଲେଗ୍‌କୁ ନେଇ ଆତଙ୍କ!

## କରୋନାଠୁ ହଜାର ଗୁଣ ଭୟଙ୍କର

୨୦୧୯ରେ ଚୀନ୍‌ର ଉହାନ ଲ୍ୟାବ୍‌ରୁ ବାହାରିଥିବା ଏକ ଭାଇରସ୍ ସାରା ପୃଥିବୀକୁ ସ୍ତବ୍ଧ କରିଦେଇଥିଲା। ଲକ୍ଷ ଲକ୍ଷ ଜୀବନ ନେଇଥିଲା। ଆଉ ଏବେ, ପୁଣିଥରେ ସେହିଭଳି ଏକ ମାରାତ୍ମକ ମହାମାରୀ ମାଡି ଆସୁଛି। କୁହାଯାଉଛି, କରୋନାଠାରୁ ବି ହଜାରେ ଗୁଣା ଅଧିକ ବିପଦଜନକ ଏହି ଜୀବାଣୁ। ନାଁ ତା'ର 'ନ୍ୟୁମୋନିକ୍ ପ୍ଲେଗ୍'। ଏହି ଘାତକ ପ୍ଲେଗ ରୁଷିଆରେ ଗୁଳି ବେଗରେ ବ୍ୟାପିବାରେ ଲାଗିଛି।

ରୁଷିଆର ସାଇବେରିଆ ଅଞ୍ଚଳରେ ଥିବା ଏକ ହାଇ-ସେକ୍ୟୁରିଟି ଆଣ୍ଟି-ପ୍ଲେଗ୍ ରିସର୍ଚ୍ଚ ଲ୍ୟାବ୍‌ରେ ଗବେଷଣା ଚାଲିଥିବା ବେଳେ ହଠାତ୍ ଭାଙ୍ଗିଗଲା ଲ୍ୟାବ କାଚ। ଆଉ ସେହି ସାଂଘାତିକ୍ ବ୍ୟାକ୍ଟେରିଆ ସଂସ୍ପର୍ଶରେ ଆସି ଜଣେ ୨୮ ବର୍ଷୀୟା ଯୁବତୀ ଗବେଷକଙ୍କ ଆଖିବୁଜିଛନ୍ତି। ଏଥିସହ ୨୦୦ ଜଣଙ୍କୁ କ୍ୱାରେଣ୍ଟାଇନ୍ କରାଯାଇଛି। ଖବର ସାମ୍ନାକୁ ଆସିବା ପରେ ଚାରିଆଡେ କୋକୁଆ ଭୟ ସୃଷ୍ଟି ହୋଇଛି। ଆମେରିକା ହ୍ୱାଇଟ୍ ହାଉସ୍‌ଠୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ଡବ୍ଲୁଏଚ୍‌ଓ) ପର୍ଯ୍ୟନ୍ତ ସମସ୍ତଙ୍କ ନିନ୍ଦ ହଜିଯାଇଛି।



ରିପୋର୍ଟ ମୁତାବକ, ଇର୍କୁଟସ୍କ ସ୍ଥିତ ଏକ ଆଣ୍ଟି-ପ୍ଲେଗ୍ ଗବେଷଣା କେନ୍ଦ୍ରରେ କାମ କରୁଥିବା ୨୮ ବର୍ଷୀୟା ମହିଳା ଗବେଷକ ଦାରିଆ ଶିପିଲୋଭାଙ୍କ ମୃତ୍ୟୁ ପରେ ଆତଙ୍କ ଖେଳିଯାଇଛି। ସେପ୍ଟେମ୍ବର ୨୯ରେ ତାଙ୍କଠାରେ ଗୁରୁତର ନ୍ୟୁମୋନିଆ ଲକ୍ଷଣ ଦେଖାଦେଇଥିଲା। ଏହାପରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଉ ଅକ୍ଟୋବର ୧ରୁ ୨ ମଧ୍ୟରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ମିଡିଆ ଓ ଦ ମସ୍କୋ ଟାଇମ୍ସର ରିପୋର୍ଟ ଅନୁସାରେ, ଲ୍ୟାବ୍‌ରେ କାମ କରିବା ସମୟରେ ନ୍ୟୁମୋନିକ୍ ପ୍ଲେଗ୍‌ର ଏକ କାଚ ଶିଶି ଭାଙ୍ଗିଯିବାରୁ ସେ ଏହି ବ୍ୟାକ୍ଟେରିଆର ସଂକ୍ରମିତ ହୋଇଥିଲେ। ଘଟଣା ପରେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ବିଭିନ୍ନ ଚର୍ଚ୍ଚା। କେହି କହୁଛନ୍ତି ଏହା ନ୍ୟୁମୋନିକ୍ ପ୍ଲେଗ୍‌ର ମାମଲା, ଆଉ କେହି ଏହାକୁ କେବଳ ଗୁଜବ ବୋଲି କହୁଛନ୍ତି। ଏପଟେ ରୁଷ କର୍ତ୍ତୃପକ୍ଷ ଲ୍ୟାବ୍-ଲିକ୍ କଥାକୁ ଅସ୍ୱୀକାର କରିଛନ୍ତି। ମୃତ ଯୁବତୀ ମଙ୍ଗୋଲିଆ ଗସ୍ତ ସମୟରେ ଗୁରୁତର ନ୍ୟୁମୋନିଆରେ ପୀଡତ ଥିଲେ। ପ୍ରାରମ୍ଭିକ ପରୀକ୍ଷାରେ ତାଙ୍କ ଦେହରେ ପ୍ଲେଗ୍ ଜୀବାଣୁ ମିଳିନଥିବା ଦାବି କରାଯାଇଛି। ବର୍ତ୍ତମାନ ସମସ୍ତ ସନ୍ଦିଗ୍ଧଙ୍କୁ କଡ଼ା ଆଇସୋଲେସନ୍‌ରେ ରଖାଯାଇଥିବାରୁ ଏହା ବାହାରକୁ ବ୍ୟାପିବାର ଆଶଙ୍କା ନାହିଁ। ତେଣୁ ଭାରତବାସୀଙ୍କ ପାଇଁ ଏବେ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି।

'ନ୍ୟୁମୋନିକ୍ ପ୍ଲେଗ୍' ହେଉଛି ୟେର୍‌ସେନିଆ ପେଷ୍ଟିସ୍ ନାମକ ଜୀବାଣୁ ଦ୍ୱାରା ହେଉଥିବା ଏକ ସାଂଘାତିକ ଫୁସଫୁସ ସଂକ୍ରମଣ। ଏହା ସିଧାସଳଖ କାଶ, ସିଂଘାଣି ଓ ଶ୍ୱାସଜନିତ ଡ୍ରପ୍‌ଲେଟ୍ ମାଧ୍ୟମରେ କରୋନା ଭଳି ବାୟୁରେ ଦ୍ରୁତଗତିରେ ବ୍ୟାପିଥାଏ। ବିଶେଷଜ୍ଞଙ୍କ ମତରେ, ଶୀଘ୍ର ଚିହ୍ନଟ ଓ ସଠିକ୍ ଚିକିତ୍ସା ହେଲେ ଆଣ୍ଟିବାୟୋଟିକ୍ ଦ୍ୱାରା ଏହାକୁ ନିୟନ୍ତ୍ରଣ କରିହେବ। ଏହି ଘଟଣା ସାମ୍ନାକୁ ଆସିବା ପରେ ଆମେରିକାର ସିଡିସି ଓ ହ୍ୱାଇଟ୍ ହାଉସ୍ ପୂରା ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଘଟଣାର ସଠିକ୍ ଓ ସ୍ୱଚ୍ଛ ତଥ୍ୟ ପ୍ରକାଶ କରିବାକୁ ଆମେରିକା ପକ୍ଷରୁ ରୁଷକୁ ଆହ୍ୱାନ ଦିଆଯାଇଛି।

# ସମୟ ସହ ବଦଳିଯାଇଛି ଉତ୍ସବ ପାଳନର ଶୈଳୀ ହେଲେ ଅତୁଟ ରହିଛି ମା'ଙ୍କ ପ୍ରତି ଭକ୍ତି

ସମୟ ସହ ବଦଳିଯାଇଛି ଉତ୍ସବ ପାଳନର ଶୈଳୀ, ହେଲେ ଅତୁଟ ରହିଛି ମା'ଙ୍କ ପ୍ରତି ଭକ୍ତି। ଦୁର୍ଗାପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଓଡ଼ିଆ ସମାଜର ପରମ୍ପରା, ଭାବନା ଓ ସାମୂହିକ ଏକତାର ଏକ ବଡ଼ ପ୍ରତୀକ। ଶାରଦୀୟ ଦୁର୍ଗାପୂଜାରେ ମା' ଦୁର୍ଗାଙ୍କ ଆରାଧନା ସହ ଜଡ଼ିତ ଅନେକ ପୌରାଣିକ ରୀତିନୀତି ରହିଛି। ତେବେ ସମୟ ବଦଳିବା ସହ ପୂଜାର ଆୟୋଜନ, ପରିବେଶ ଓ ଉତ୍ସବ ପାଳନର ଶୈଳୀରେ ମଧ ଆସିଛି ଅନେକ ପରିବର୍ତ୍ତନ।

ପୌରାଣିକ ପରମ୍ପରା ଅନୁଯାୟୀ ଦୁର୍ଗାପୂଜାରେ ବୋଧନ, ଆମନ୍ତ୍ରଣ, ଅଧିବାସ, ନବପତ୍ରିକା ପ୍ରବେଶ, ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଓ ବିଜୟା ଦଶମୀ ଭଳି ବିଭିନ୍ନ ବିଧି ଅନୁଷ୍ଠିତ ହୁଏ। ପୂଜାରେ ମନ୍ତ୍ରପାଠ, ଚଣ୍ଡୀପାଠ, ହୋମ, ଆରତି ଓ ପାରମ୍ପରିକ ଭୋଗର ବିଶେଷ ମହତ୍ତ୍ୱ ରହିଛି। ପୂର୍ବରୁ ଅନେକ ସ୍ଥାନରେ ପୂଜାର ମୁଖ୍ୟ ଆକର୍ଷଣ ଥିଲା ଦେବୀଙ୍କ ମୂର୍ତ୍ତି ଓ ଶାସ୍ତ୍ରୀୟ ବିଧିବିଧାନ।



ଆଧୁନିକ ସମୟରେ ଦୁର୍ଗାପୂଜାର ଚିତ୍ର ଅନେକ ବଦଳିଛି। ବିଭିନ୍ନ ପୂଜା କମିଟି ଏବେ ଥିମ୍ ଆଧାରିତ ମଣ୍ଡପ, ଆଲୋକସଜ୍ଜା ଓ ସାଜସଜ୍ଜାକୁ ଗୁରୁତ୍ୱ ଦେଉଛନ୍ତି। ଐତିହାସିକ ସ୍ଥାପତ୍ୟ, ସାମାଜିକ ସମସ୍ୟା, ଲୋକକଳା ଓ ସମସାମୟିକ ଘଟଣାକୁ ନେଇ ମଣ୍ଡପ ତିଆରି ହେଉଛି। ଫଳରେ ପୂଜା ଏବେ ଧାର୍ମିକ ଆସ୍ଥା ସହିତ କଳା, ସୃଜନଶୀଳତା ଓ ସାମାଜିକ ବାର୍ତ୍ତା ପ୍ରଦାନର ଏକ ମାଧ୍ୟମ ପାଲଟିଛି।

ପୂର୍ବରୁ ପୂଜାରେ ମାଟି, କାଠ, ବାଉଁଶ ଓ ପ୍ରାକୃତିକ ସାମଗ୍ରୀର ବ୍ୟବହାର ଅଧିକ ଦେଖିବାକୁ ମିଳୁଥିଲା। ଏବେ ମଣ୍ଡପ ଓ ଆଲୋକସଜ୍ଜାରେ ଆଧୁନିକ ପ୍ରଯୁକ୍ତି, ଏଲ୍‌ଇଡି, ଡିଜିଟାଲ୍ ଡିସ୍‌ପ୍ଲେ ଓ ନୂଆ ଡିଜାଇନ୍‌ର ବ୍ୟବହାର ବଢ଼ିଛି। ସେହିପରି ସୋସିଆଲ ମିଡିଆ ଓ ଡିଜିଟାଲ୍ ପ୍ରଚାର ମାଧ୍ୟମରେ ପୂଜାର ସୂଚନା ଓ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ଶୀଘ୍ର ପହଞ୍ଚୁଛି।

# କିପରି କଟିବ ଆଜିର ଦିନ

୮ ଅକ୍ଟୋବର ୨୦୨୬

**ମେଷ:** ହାତ ପାଆନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**ବୃଷ:** ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହୋଇନପାରେ।

**ମିଥୁନ:** ନିଜ ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା ଦେଖାଦେବ।

**କର୍କଟ:** ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭ୍ରମଣ ଯୋଗ ରହିଛି।

**ସିଂହ:** ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେନି। ବ୍ୟବସାୟିକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା:** ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା:** କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ହ୍ରାସ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ:** ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର:** ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଦିନଟି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**କୁମ୍ଭ:** ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ। ମହିଳାମାନେ କର୍ମତତ୍ପର ହେବେ।

**ମୀନ:** ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍‌ଦେଲେ ପ୍ରାୟତଃ ଅସୁବିଧା ରହିବନି। ଅନ୍ୟ କଥାକୁ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

## ପାର୍ବଣ ପୂର୍ବରୁ ଅସ୍ତରଙ୍ଗରେ ପ୍ରଶାସନର ବଡ ଆକ୍ସନ

# ୧୧୬ ଜବରଦଖଲ ଉପରେ ବୁଲିଲା ବୁଲଡୋଜର



ଅସ୍ତରଙ୍ଗ,୭।୧୦(ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ପାର୍ବଣ ପୂର୍ବରୁ ପ୍ରଶାସନ ବଡ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ କରିଛି। ବୁଧବାର ଦିନ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ତହସିଲଦାର ଅମୀତ ରାୟ ଏବଂ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତିଙ୍କ ଉପସ୍ଥିତିରେ ୨ଟି ବୁଲଡୋଜର ଏବଂ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହ ଏହି ଉଚ୍ଛେଦ ଆରମ୍ଭ ହୋଇଥିଲା।

ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ମହାବୀର ମନ୍ଦିରଠାରୁ ବିଶ୍ୱାଳ ଶଙ୍ଖ ପୋଲ ପର୍ଯ୍ୟନ୍ତ ସମସ୍ତ ଜବରଦଖଲ ହଟାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ଦଶହରା ପରେ କୁହୁଡି ସିନେମା ହଲ ଛକ ପର୍ଯ୍ୟନ୍ତ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଅସ୍ତରଙ୍ଗ ବଜାର ମୌଜାର ୦.୪୮୯୪ ଏକର ସରକାରୀ ଜମି ଦୀର୍ଘ ଦିନ ହେଲା ଜବରଦଖଲ ହୋଇ ରହିଥିଲା। ବ୍ୟବସାୟୀମାନେ ନିଜ ଦୋକାନ ଆଗକୁ ବଢାଇ ପକ୍କା ନିର୍ମାଣ କରି ରାସ୍ତାକୁ ସଙ୍କୁଚିତ କରି ଦେଇଥିଲେ। ୨୦ ଫୁଟ ଓସାରର ମୁଖ୍ୟ ରାସ୍ତା ୧୦ ଫୁଟକୁ ଖସି ଆସିଥିଲା। ଏହି ରାସ୍ତା ଦେଇ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପୀରଜାହାନିଆ, ଗଙ୍ଗାଦେବୀ, କେଳୁଣୀ ମୁହାଣକୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଯାତାୟାତ କରନ୍ତି। ମଙ୍ଗଳ ଓ ଶନି ହାଟ ଦିନ ହାଇସ୍କୁଲ ଛକରେ ଘଣ୍ଟା ଘଣ୍ଟା ଜାମ ଲାଗୁଥିଲା। ଛାତ୍ରଛାତ୍ରୀ ଓ ଆମ୍ବୁଲାନ୍ସ ଫସି ରହୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ବର୍ଷେ ତଳୁ ଡିମାର୍କେସନ କରିଥିଲା। ଓପିଏଲଇ ଆକ୍ଟ ୧୯୭୨ ଅନୁସାରେ କ, ଖ, ଗ ନୋଟିସ ଓ ୭ ଦିନିଆ ଶେଷ ନୋଟିସ ଦିଆଯାଇଥିଲା। ଜବରଦଖଲ କେସ ନମ୍ବର ୨୧୦/୨୦୨୫-୨୬ରୁ ୩୨୬/୨୦୨୫-୨୬ ପର୍ଯ୍ୟନ୍ତ ୧୧୬ଟି କେସରେ ଆଦେଶ ହୋଇଥିଲା। ଜମି ନଛାଡିବାରୁ ବଳପୂର୍ବକ ଉଚ୍ଛେଦ କରାଯାଇଛି। କିଛି ବ୍ୟବସାୟୀଙ୍କର ସମ୍ପୂର୍ଣ୍ଣ ଦୋକାନ ଭାଙ୍ଗିଥିବା ବେଳେ କିଛିଙ୍କର ଆଂଶିକ ଭାଙ୍ଗିଛି। ତହସିଲଦାର କହିଛନ୍ତି, ଯାହାବି ଏନକ୍ରୋଚମେଣ୍ଟ ଥିଲା ସବୁ ଭଙ୍ଗା ହେବ। ବଜାର କମିଟି ସଭାପତି ଦୁଷ୍ମନ୍ତ ପରିଡା କହିଛନ୍ତି ପାର୍ବଣ ସମୟରେ ରୋଜଗାର ଆଶା ଥିଲା, ଏବେ ଅଇଥାନ କରାଯାଉଛି। ଏହି ଉଚ୍ଛେଦକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବୁଦ୍ଧିଜୀବୀ ପ୍ରଶଂସା କରିଥିବା ବେଳେ ସାଧାରଣ ଲୋକେ କହିଛନ୍ତି ରାସ୍ତା ଫାଙ୍କା ହେଲେ ସମସ୍ତଙ୍କୁ ସୁବିଧା ହେବ।

## ପ୍ରକୃତି ସଂରକ୍ଷକ ଓ ଇକୋଟୁରିଜିମ୍ ଗାଇଡ୍ ପାଠ୍ୟକ୍ରମର ଶୁଭାରମ୍ଭ



ଭୁବନେଶ୍ୱର,୭।୧୦(ନି.ପ୍ର): ଭୁବନେଶ୍ୱରସ୍ଥିତ ଆଇଆଇଟିଟିଏମ ଠାରେ ପ୍ରକୃତି ସଂରକ୍ଷକ ଓ ଇକୋଟୁରିଜିମ୍ ଗାଇଡ୍ ଉପରେ ଏକ ଜିଏସଡିପି ଆବାସିକ ପାଠ୍ୟକ୍ରମ ଆରମ୍ଭ ହୋଇଛି। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଆଇଏସିପି କାର୍ଯ୍ୟକ୍ରମ କେନ୍ଦ୍ରର ମିଳିତ ସହଯୋଗରେ ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଚିଲିକା ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ତଥା ଚିଲିକା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ (ଅତିରିକ୍ତ ଦାୟିତ୍ୱ) ଅଧିକାରୀ ଅମ୍ଲାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପାଠ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଇଆଇଟିଟିଏମ ଭୁବନେଶ୍ୱରର ନୋଡାଲ ଅଧିକାରୀ ତଥା ମୁଖ୍ୟ ପ୍ରଫେସର ଡକ୍ଟର ମହମ୍ମଦ ସବିର ହୁସୈନ, ଅଧ୍ୟକ୍ଷ, ତାଲିମ ପ୍ରଫେସର ଡକ୍ଟର ଆଦ୍ୟାଶା ଦାସ ଉପସ୍ଥିତ ଥିଲେ। ୪୨୦ ଘଣ୍ଟାର ଏହି ପାଠ୍ୟକ୍ରମରେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ସିକ୍କିମ, ଓଡ଼ିଶା ଏବଂ ତାମିଲନାଡୁ ଆଦି ଆଠଟି ରାଜ୍ୟର ଯୁବପିଢ଼ି ଯୋଗ ଦେଇଛନ୍ତି। ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଣ୍ଡିଆର ସଂରକ୍ଷଣ ପାଇଁ ବୈଷୟିକ ନିର୍ଦ୍ଦେଶକ ତଥା ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଆଇଏସିପିର ସଂଯୋଜକ ଡକ୍ଟର ଜି. ଅରୀନ୍ଦ୍ରନଙ୍କ ମାର୍ଗଦର୍ଶନରେ ଏହି ପାଠ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି।

## ଛାତ୍ର ନିର୍ବାଚନ ପାଇଁ ସରକାରଙ୍କ ପଦକ୍ଷେପକୁ ଏବିଭିପିର ସ୍ୱାଗତ

କାକଟପୁର,୭।୧୦(ନି.ପ୍ର): ଛାତ୍ର ନିର୍ବାଚନ ଆୟୋଜନ ପାଇଁ ସରକାରଙ୍କ ପଦକ୍ଷେପକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ପୂର୍ବତନ କାର୍ଯ୍ୟକର୍ତ୍ତା ନିରଞ୍ଜନ ମୁଦୁଲି ସ୍ୱାଗତ କରିଛନ୍ତି।



ଏହି ପଦକ୍ଷେପ ଛାତ୍ରମାନଙ୍କ ଗଣତାନ୍ତ୍ରିକ ଅଧିକାର, ମତ ପ୍ରକାଶର ସ୍ୱାଧୀନତା ଓ ଯୁବ ନେତୃତ୍ୱ ବିକାଶକୁ ସୁଦୃଢ଼ କରିବ। ନିରଞ୍ଜନ ମୁଦୁଲି କହିଛନ୍ତି ଯେ, ଏବିଭିପି ଦୀର୍ଘଦିନ ଧରି ଛାତ୍ର ନିର୍ବାଚନ ପୁନର୍ବାହାଲ ପାଇଁ ଦାବି କରିଆସୁଛି। ସେ ଏହାକୁ କ୍ୟାମ୍ପସରେ ଗଣତାନ୍ତ୍ରିକ ପରିବେଶ ମଜବୁତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି।

## ଦେଶୀ ମଦ ଜବତ, ଜଣେ ଗିରଫ



ଦଶପଲ୍ଲା,୭।୧୦(ନି.ପ୍ର): ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିନ ଚଢାଉ କରାଯାଇ ଦଶପଲ୍ଲା ଥାନା ଅନ୍ତର୍ଗତ ବନ୍ଧୁଗାଁ ଗ୍ରାମର ଉମେଶ ପ୍ରଧାନ (୪୬)ଙ୍କ ଠାରୁ ୧୭ ଲିଟର ଦେଶୀ ମଦ ଜବତ କରିବା ସହିତ ଗିରଫ କରାଯାଇଛି। ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ରାଜକିଆରୀ ଛକରେ ହାଇମାକ୍ସ ଲାଇଟ ଅଚଳ

କଣ୍ଟିଲୋ,୭।୧୦ (ନି.ପ୍ର): ଖଣ୍ଡପଡ଼ା ବ୍ଲକର ସିଧାମୂଳା ପଞ୍ଚାୟତ ଅଧୀନ ଜନଗହଳିପୂର୍ଣ୍ଣ ରାଜକିଆରୀ ଛକରେ ଅବସ୍ଥିତ ହାଇମାକ୍ସ ଲାଇଟ ପୋଷ୍ଟଟି ଦୀର୍ଘମାସ ଧରି ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ସଞ୍ଜ ନଇଁଲେ ଉକ୍ତ ଛକଟି ସଂପୂର୍ଣ୍ଣ ଅନ୍ଧାରରେ ରହୁଛି। ଛକ ଦେଇ ୪୮ ନଂ ରାଜ୍ୟ ରାଜପଥ ଯାଇଥିବାରୁ ରାତି ତମାମ ଦୂରଗାମୀ ଯାତ୍ରୀବାହି ବସ ଗୁଡିକ ରାଜକିଆରୀ ଛକ ଦେଇ ଯାତାୟାତ କରୁଥିବାରୁ, ବସ ଯୋଗେ ଯାତ୍ରା କରିବା ନିମନ୍ତେ ଜନସାଧାରଣ ଉକ୍ତ ଛକରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥାନ୍ତି। ମାତ୍ର ସଞ୍ଜରୁ ରାତି ତମାମ ଛକଟି ଅନ୍ଧକାରାଚ୍ଛନ୍ନ ହୋଇ ପଡୁଥିବାରୁ ଯାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଚଳ ଅବସ୍ଥାରେ ପଡି ରହିଥିବା ହାଇମାକ୍ସ ଲାଇଟ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ବ୍ଲକ ପ୍ରଶାସନ ଓ ସିଧାମୂଳା ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସିଧାମୂଳା ପଞ୍ଚାୟତବାସୀ ଦାବି କରିଛନ୍ତି।



## ବିକଶିତ ଭାରତ ନିର୍ମାଣ ପାଇଁ ସାମୂହିକ ସଂକଳ୍ପ ପାଠ ଓ ସେବା ଜ୍ୟୋତି ପଦଯାତ୍ରା




ନୟାଗଡ଼,୭।୧୦(ନି.ପ୍ର): ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ନୟାଗଡ଼ ଷ୍ଟାଡିୟମଠାରେ ସେବା ସଂକଳ୍ପ ଅଭିଯାନ -୨୦୨୬ ଅନ୍ତର୍ଗତ ଏକ ସେବା ଜ୍ୟୋତି ପଦଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବ୍ଲକ ଅଧ୍ୟକ୍ଷ, ନୟାଗଡ଼ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ଜନ ଜାତି ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତ୍ରିନାଥ ମଲ୍ଲିକ, ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ବିଶିଷ୍ଟ ସମାଜ ସେବୀ ରାଘବ ମଲ୍ଲିକ, ତାପସ ରଞ୍ଜନ ମାର୍ଥା, ସୁରଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲାବେଳେ ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ 'ବନ୍ଦେ ମାତରଂ' ଗାନ କରାଯାଇଥିଲା। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦେଶର ପ୍ରଗତି ଏବଂ ସେବା ମନୋଭାବ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହା ପରେ ଆଭାସୀ ମାଧ୍ୟମରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଉପସ୍ଥିତ ସମସ୍ତ ନାଗରିକ ବିକଶିତ ଭାରତ ୨୦୪୭ ନିର୍ମାଣ ପାଇଁ ସାମୂହିକ ସଂକଳ୍ପ ପାଠ କରିଥିଲେ। ସଂକଳ୍ପ ଗ୍ରହଣ ପରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିଥିମାନଙ୍କ ଦ୍ୱାରା ସେବା ଜ୍ୟୋତି ପ୍ରଜ୍ୱଳିତ କରାଯାଇଥିଲା ଏବଂ ଜାତୀୟ ସଂଗୀତ ଗାନ ପରେ ସେବା ଜ୍ୟୋତି ସ୍ଥାପନା ଉଦ୍ଦେଶ୍ୟରେ ଏକ ପଦଯାତ୍ରା ବାହାରିଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ବିଶାଳ ଭାରତ ମଣ୍ଡଳମ ଏବଂ ରଙ୍ଗୋଲି ରାଷ୍ଟ୍ର ନିର୍ମାଣ କରାଯାଇଥିଲା।



ମାଆ ମଙ୍ଗଳାଙ୍କ ଇନ୍ଦ୍ରାଣୀ ବେଶ

## ସେବା ସଂକଳ୍ପ ପଦଯାତ୍ରା: ତୃଣମୂଳସ୍ତରରେ ଲୋକଙ୍କ ସହ ଯୋଡ଼ି ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଖୋର୍ଦ୍ଧା(ନିପ୍ର ) ଜନସାଧାରଣଙ୍କ ନିକଟକୁ ସରକାରକୁ ନେଇଯିବା ସହ ତୃଣମୂଳସ୍ତରରେ ଲୋକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା, ଆଶା ଓ ଆକାଂକ୍ଷାକୁ ବୁଝିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶାସନ ବ୍ୟବସ୍ଥା କେବଳ ସରକାରୀ କାର୍ଯ୍ୟାଳୟ ଓ ଫାଇଲ୍ ମଧ୍ୟରେ ସୀମିତ ନ ରହି ଲୋକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଲୋକଙ୍କ ସମସ୍ୟାକୁ ନିକଟରୁ ଜାଣିଲେ ହିଁ ସେମାନଙ୍କ ପାଇଁ ଉପଯୁକ୍ତ ସମାଧାନର ବାଟ ବାହାର କରାଯାଇପାରିବ ବୋଲି ବୁଧବାର ଖୋର୍ଦ୍ଧାରେ ଆୟୋଜିତ ସେବା ସଂକଳ୍ପ ପଦଯାତ୍ରାର ଶୁଭାରମ୍ଭ କରଏହି ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ଏହି ଅବସରରେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ 'ସେବା ସଂକଳ୍ପ ଜ୍ୟୋତି ଛକ'ର ଉଦଘାଟନ କରିଥିଲେ। ପରେ ହାବେଳି ପଡ଼ିଆରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ସହ ପଦଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପଦଯାତ୍ରାକୁ ନେଇ ଖୋର୍ଦ୍ଧା ସହରରେ ଦିନତମାମ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା।

ହାବେଳି ପଡ଼ିଆଠାରେ ପଦଯାତ୍ରା ଆରମ୍ଭ ପୂର୍ବରୁ ଆୟୋଜିତ ସଭାରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ଜୀବନରେ ବିକାଶ ଓ ଜନକଲ୍ୟାଣର ପ୍ରତ୍ୟକ୍ଷ ପ୍ରଭାବ ସୃଷ୍ଟି କରିବା।ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚେ, ସେଥିପାଇଁ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କୁ ଦାୟିତ୍ୱବାନ ହେବାକୁ ପଡ଼ିବ। ତେଣୁ ଦଳୀୟ କର୍ମୀ ଓ ନିର୍ବାଚିତ ଜନପ୍ରତିନିଧିମାନେ ଲୋକଙ୍କ ସହ ନିୟମିତ ଯୋଗାଯୋଗ ରଖି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ଭାବେ କାମ କରିବା ଉଚିତ । ସରକାରଙ୍କ ବିକାଶମୂଳକ ଚିଠା ପ୍ରସ୍ତାବ ସମ୍ପର୍କରେ ମଧ ଆଲୋକପାତ କରି କହିଥିଲେ ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ସୃଷ୍ଟି, ମହିଳା ସଶକ୍ତୀକରଣ, କୃଷକଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସରକାର ପଦକ୍ଷେପ ନେଉଛନ୍ତି।

ଖୋର୍ଦ୍ଧାରେ ମୁଖ୍ୟମନ୍ତ୍ରୀଙ୍କ ପଦଯାତ୍ରାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ସଜୀବ କରିଥିଲା ଖୋର୍ଦ୍ଧାର ସେବା ସଂକଳ୍ପ ପଦଯାତ୍ରା ମାଧ୍ୟମରେ ସରକାର ଓ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ଜନସେବାକୁ ଅଧିକ ଗତିଶୀଳ କରିବାର ବାର୍ତ୍ତା ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ,, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଏସପି ସ୍ମିତ ପରମାର ଦାସ, ଏସଡିପିଓ ପଙ୍କଜ ମାଝୀ, ଜିଲ୍ଲା ର ଅନେକ ଥାନାର ଅଧିକାରୀଙ୍କ ସହିତ ବିଡ଼ିଓ ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାସ ପାଣିଗ୍ରାହୀଙ୍କ ସହିତ ସବୁ ଅଧିକାରୀ ଉପସ୍ଥିତ ଥିଲେ।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

କଣାସ,୭।୧୦(ନିପ୍ର): ନୀଳାଚଳ ସେବା ପ୍ରତିଷ୍ଠାନରେ ପୁନର୍ବାସ ଚିକିତ୍ସା ସେବା କେନ୍ଦ୍ର ଓ ମାନସିକ ଅନଗ୍ରସର ବିଦ୍ୟାଳୟରେ ବିଶ୍ୱ ମସ୍ତିଷ୍କ ପକ୍ଷା ଘାତ ଦିବସ ପାଳିତ ହୋଇଯାଇଛି। ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତୀ, ଫିଜିଓ ଥେରାପିଷ୍ଟ ସୁବ୍ରତ କୁମାର ଜେନା, ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ମାମଲା ପରିଡ଼ା, ସୁପ୍ରଭା ମହାନ୍ତି ଓ ମାଧୁରୀ ଦାସ ପ୍ରମୁଖ ଯୋଗ ଦେଇ ଅଭିଭାବକମାନଙ୍କୁ ମସ୍ତିଷ୍କ ପକ୍ଷାଘାତର କାରଣ ଓ ନିରାକରଣ ବିଷୟରେ ବୁଝାଇଥିଲେ।

## ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୋଲଗଡ଼,୭।୧୦(ନି.ପ୍ର): ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଅଧ୍ୟାପକ ଲକ୍ଷ୍ମୀକାନ୍ତ ପଟ୍ଟନାୟକଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥି ରୂପେ ଅଧକ୍ଷ ପ୍ରଫେସର ଦେବାଶିଷ ପୃଷ୍ଟି ଯୋଗଦେଇ ବୈଷୟିକ ଶିକ୍ଷା ନିଶ୍ଚିତ କର୍ମ ସଂସ୍ଥାନର ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ଏହି ଶିକ୍ଷା ଦ୍ୱାରା ସ୍ୱାବଲମ୍ବୀ ମଧ୍ୟ ହୋଇପାରିବେ ବୋଲି ଆଶା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ରଙ୍କନାଥ ମହାରଣା ଅଧକ୍ଷତା କରିଥିଲେ। ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରି ଗୋଲାପ ଫୁଲ ଦେଇ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଭାଗରେ କମ୍ପୁଟର ଓ ପାନୀୟ ଜଳ ଅଭାବ ରହିଥିବା ପ୍ରକାଶ କରିଥିଲେ। ଅଧକ୍ଷ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

## ଧର୍ମପରାୟଣାଙ୍କ ଏକାଦଶାହ ଉତ୍ସବରେ ଶ୍ରଦ୍ଧାଞ୍ଜଳି

ଡେଲାଙ୍ଗ,୭।୧୦(ନି.ପ୍ର): ଧର୍ମପରାୟଣ ତଥା ପରୋପକାରୀ ମହିଳା ସ୍ୱର୍ଗତା ଚନ୍ଦ୍ରବଦନୀ ରଣଜିତଙ୍କ ଏକାଦଶାହ ଉତ୍ସବ ଅବସରରେ ଶୋକାକୁଳ ପରିବେଶରେ ସ୍ମୃତିଚାରଣ ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡ଼ିଆ ସାଉରିଆ ଗ୍ରାମସ୍ଥିତ ତାଙ୍କ ବାସଭବନ ସମ୍ମୁଖରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ହୋଇଥିଲା। ସ୍ୱର୍ଗତା ଚନ୍ଦ୍ରବଦନୀ ଜଣେ ସାହସୀ, ଧର୍ମପରାୟଣ, ମେଳାପୀ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ଏକାଦଶାହ ଅବସରରେ ପରିବାରବର୍ଗ, ବନ୍ଧୁବାନ୍ଧବ, ଗ୍ରାମବାସୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଶୋକାକୁଳ ପରିବେଶରେ ବଡ଼ ପୁଅ ବୀରେନ୍ଦ୍ର ଓରଫ ମିଟୁ, ମଝିଆ ପୁଅ ପୀତବାସ, ସାନ ପୁଅ ଅଶୋକ ଏବଂ ଝିଅ ପାର୍ବତୀଙ୍କ ସମେତ ପରିବାର ସଦସ୍ୟମାନେ ସ୍ୱର୍ଗତ ଚନ୍ଦ୍ରବଦନୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାସହ ଝିଅ-ଜୋଇଁ, ପୁଅ-ବୋହୂ, ଭଣଜା-ଭାଣଜୀ, ପୁତୁରା, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ବିୟୋଗରେ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବାବେଳେ, ଉପସ୍ଥିତ ସମସ୍ତେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ବ୍ଲକସ୍ତରୀୟ ଯୁବ ସମାବେଶ – ୨୦୨୬

## ବାଲ୍ୟ ବିବାହ, ଲିଙ୍ଗଗତ ସମାନତା, ମହିଳା ହିଂସା ଦୂର ପାଇଁ ଶପଥ




ଯୁବ କ୍ଲବ, ଏନଏସଏସ ଅଧିକାରୀ, ଅଦ୍ୱିକା କ୍ଲବ, ଅଙ୍ଗନୱାଡ଼ି କର୍ମୀ ଏବଂ ୧୩୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଖୋର୍ଦ୍ଧା ସିଡିପିଓ ନନ୍ଦିତା ମହାନ୍ତି (ବେଟି ବଚାଓ ବେଟି ପଢାଓ) ଅଧୀନରେ ଏହି ଯୁବ ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ପରେ ବିଇଓ, ଡିସିପିଓ ଏବଂ ପ୍ରଧାନ

ଖୋର୍ଦ୍ଧା,୭।୧୦(ନିପ୍ର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଯୁବ ସମାବେଶ – ୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦ ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, କେରଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ମବରୁ ହୁସେନ, ଏବିଡିଓ ଦେବେନ୍ଦ୍ର ପ୍ରଧାନ, ଖୋର୍ଦ୍ଧା ସିଡିପିଓ ନନ୍ଦିତା ମହାନ୍ତି, ଡିସିପିଓ, ବିଇଓ, ପିଓ ତଥା ଏପିଓ, ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକମଣ୍ଡଳୀ ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା, ଶିକ୍ଷକ ତିନୋଟି ବିଷୟବସ୍ତୁ ଉପରେ ବଡ ଦଳ ଏବଂ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଛାତ୍ରଛାତ୍ରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ପରେ ଲୋକନୃତ୍ୟ ଓ ସଚେତନତା କାର୍ଯ୍ୟକ୍ରମ: ଲିଙ୍ଗଗତ ସମାନତା, ବାଲ୍ୟ ବିବାହ ଏବଂ ମହିଳାଙ୍କ ପ୍ରତି ହିଂସା ଉପରେ ଆଧାରିତ ଲୋକକଳା ପ୍ରଦର୍ଶନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହିତ ଛାତ୍ରଛାତ୍ରୀମାନେ ପୋଷଣ, ଶିଶୁ ଅଧିକାର ଏବଂ ଭବିଷ୍ୟତର ସ୍ୱପ୍ନ ସମ୍ବନ୍ଧୀୟ ଫଳକ ଧରି ଏକ ବିଶାଳ ଶୋଭାଯାତ୍ରା କରିଥିଲେ।

## ବିଜେଡିର ଜନ ସଂପର୍କ ପଦଯାତ୍ରା



ନିମାପଡା,୭।୧୦ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଅକ୍ଟୋବର ୨ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବିଜୁ ଜନତା ଦଳ ତରଫରୁ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ନିମାପଡା ବିଜେଡିନେତା ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ ନିମାପଡା ନିର୍ବାଚନ ମଣ୍ଡଳୀ ହରିପୁରଠାରୁ ଜନ ସଂପର୍କ ଯାତ୍ରା ଆରମ୍ଭକରି ବିଭିନ୍ନ ଛକ ବଜାରମାନଙ୍କରେ ପଥପ୍ରାନ୍ତ ସଭା ମାଧ୍ୟମରେ ରାଜ୍ୟରେ ବିଜେପି ସରକାର ନିର୍ବାଚନ ସମୟରେ ଲୋକମାନଙ୍କୁ ଦେଇଥିବା ପ୍ରତିଶୃତି ପାଳନ କରିନାହିଁ। ରାଜ୍ୟର ଋଣଭାର ଦିନକୁ ଦିନ ବଢି ବଢି ଚାଲିଛି,ପିଲାଙ୍କ ପାଠ ପଢା ବହିରେ ଅନେକ ତ୍ରୁଟି, ଏ ସରକାର ତୁରନ୍ତ ବଦଳିବା ଦରକାର । ଆଗାମୀ ପଂଚାୟତ ନିର୍ବାଚନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀ ନାୟକ କହିଛନ୍ତି। ଜନ ସଂପର୍କ ଯାତ୍ରା ଯିବା ସମୟରେ ହେ ନବୀନ ବାବୁ ତୁମେ ଆମ ଫ୍ୟାନ ଗୀତରେ ସାରା ନିମାପଡା ବଜାର ପ୍ରକମ୍ପିତ ହୋଇପଡିଥିଲା। ନିମାପଡା ଦୋଳବେଦୀ ଛକରେ ଥିବା ସ୍ୱାଧିନତା ସଂଗ୍ରାମୀ ତଥା କୃଷକନେତା ମୋହନ ଦାଶଙ୍କ ପ୍ରତମୂର୍ତ୍ତୀ,ଥାନା ସମ୍ମୁଖରେ ଥିବା ସହୀଦ ସ୍ତମ୍ଭ,ତହସିଲ ସମ୍ମୁଖରେ ଥିବା ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାଶ, ବ୍ଲକ ଛକ ନିକଟରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପରେ ସ୍ଥାନୀୟ ଟାଉନ ହଲ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା।

**Before the Central Government**
**South-eastern Region Bench, Hyderabad**
In the matter of sub-section 4 of section 13 of the Companies Act 2013 and clause (a) of sub-section (5) of Rule 30 of the Companies (Incorporation) Rules 2014

AND

In the matter of **M/S SAMBANDH FINSERVE PRIVATE LIMITED** having its **Registered Office at Duplex No. 15, Bhimpur Duplex Colony, Bhimpur, Near Airport, Khorda, Bhubaneswar, Orissa-751020**

**GENERAL NOTICE**

Notice is hereby given to General Public that the company proposes to make the application to the Central Government under section 13 of the Companies Act 2013, seeking confirmation of alteration of Memorandum of Companies of the company in term of special resolution passed at Annual General Meeting held on Wednesday, 30th day of September 2026 to enable the company to change its **Registered Office from "State of Orissa" to "State of West Bengal".**

Any person whose interest is likely to be affected by the proposed change, may deliver either on **MCA portal (www.mca.gov.in) by filling investor complaint form** or cause to be deliver or send by registered post of his/her objections supported by an affidavit stating the nature of his/her interest and ground of opposition to the **Regional Director** at the Address **3rd Floor, Corporate Bhavan, Bandlaguda, Nagole, Tattiannaram Village, Hayat Nagar Mandal, Ranga Reddy District, Hyderabad - 500068,** within **14 Days** of date of publication of this notice with a copy to the applicant company at its registered office at the address mentioned below: **Duplex No. 15, Bhimpur Duplex Colony, Bhimpur, Near Airport, Khorda, Bhubaneswar, Orissa**

Sd/-
**Puspjeet Kumar, Director**
DIN: 00548463

Date : 05.10.2026
Place : Bhubaneswar

**ପାଦଚିହ୍ନ** ଦଶଜଣ ଗରିବ ଲୋକ ଗୋଟିଏ କମ୍ବଳ ତଳେ ଆରାମରେ ଶୋଇଯାଇପାରିବେ, କିନ୍ତୁ ଦୁଇ ରାଜା ଗୋଟିଏ ରାଜ୍ୟରେ ଏକାଠି ରହିପାରିବେ ନାହିଁ ।

## ସମ୍ପାଦକୀୟ

# ଯୁବଶକ୍ତି ଦେଶର ଶକ୍ତି

ଯୁବପିଢ଼ି ଯେତେବେଳେ କାର୍ଯ୍ୟବଳରେ ପ୍ରବେଶ କରିବ, ଖର୍ଚ୍ଚ କରିବା ଯୋଗ୍ୟ ଆୟ ଅର୍ଜନ କରିବ, ବିଭିନ୍ନ ବ୍ୟବସାୟରେ ଘରୋଇ ଖର୍ଚ୍ଚକୁ ସମର୍ଥନ ଦେବା ଜାରି ରଖିବ, ସେତେବେଳେ ଦେଶର ଅର୍ଥବ୍ୟବସ୍ଥା ଆହୁରି ମଜଭୁତ ହେବ । ଏହାର ସକରାତ୍ମକ ପ୍ରଭାବ ଦେଖିବାକୁ ମିଳିବ। ଭାରତରେ ୧୫ରୁ ୫୯ ବର୍ଷ ବୟସ୍କଙ୍କ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ସକ୍ରିୟ ଜନସଂଖ୍ୟା ୬୬ ପ୍ରତିଶତରୁ ଅଧିକ । ଏହି ସଂଖ୍ୟା ଦିଲ୍ଲୀରେ ସର୍ବାଧିକ । ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ଷ୍ଟାଟିଷ୍ଟିକାଲ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରେ ୧୫ ରୁ ୫୯ ବର୍ଷ ବୟସ୍କ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ସକ୍ରିୟ ଜନସଂଖ୍ୟା ୭୦.୮ ପ୍ରତିଶତ । ଦିଲ୍ଲୀରେ ବି ଏହି ଜନସଂଖ୍ୟା ମଧ୍ୟରେ ପୁରୁଷଙ୍କ ତୁଳନାରେ (୭୦.୭ ପ୍ରତିଶତ) ମହିଳାଙ୍କ ସଂଖ୍ୟା ଅଧିକ (୭୦.୯ ପ୍ରତିଶତ) । ଦିଲ୍ଲୀ ତଳକୁ ରହିଛି ତେଲଙ୍ଗାନା, ସେଠାରେ ଏହି ଜନସଂଖ୍ୟା ୭୦.୨ ପ୍ରତିଶତ । ତେଲଙ୍ଗାନା ତଳକୁ ରହିଛି ଆନ୍ଧ୍ର ପ୍ରଦେଶ, ୭୦.୧ ପ୍ରତିଶତ। ରିପୋର୍ଟ ଅନୁଯାୟୀ, ୨୦୨୩ରେ ଦେଶର ମୋଟ୍ ଜନସଂଖ୍ୟାରେ ୯.୭ ପ୍ରତିଶତଙ୍କ ବୟସ ଥିଲା ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ। ସେମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ସଂଖ୍ୟା ତୁଳନାରେ ସାମାନ୍ୟ ଅଧିକ, ଯଥାକ୍ରମେ ୧୦.୨ ଓ ୯.୨ ପ୍ରତିଶତ । ଅନ୍ୟ ଦେଶଗୁଡ଼ିକରେ କେଉଁଠି ଜନ୍ମ ହାର ହ୍ରାସ ପାଉଛି ତ କେଉଁଠି ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଯୁବ ବର୍ଗ ତୁଳନାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢୁଥିବାରୁ କେତେକ ଦେଶ ପାଇଁ ଏହା ଚିନ୍ତାର କାରଣ ହୋଇଛି । ଭାରତ କିନ୍ତୁ ଏଭଳି ସ୍ଥିତିରେ ନାହିଁ । ଭାରତରେ ଯୁବକ ଯୁବତୀଙ୍କ ସଂଖ୍ୟା ଅଧିକ ରହିଛି। ଏହା ଭାରତ ପାଇଁ ଅତି ଲାଭଦାୟକ । ଅର୍ଥବ୍ୟବସ୍ଥାକୁ ମଧ ଗତି ଦେଉଛି ଯୁବକ ଯୁବତୀଙ୍କ ସଂଖ୍ୟା । ସେମାନଙ୍କ ରୋଜଗାର ବ୍ୟବସ୍ଥା ପାଇଁ ୨୦୨୫-୨୬ ବଜେଟରେ ଜରୁରୀ ସଂସାଧନର ଆବଣ୍ଟନ କରାଯାଇଥିଲା। ବଡ଼ ଆକାରରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ମ୍ୟାନୁଫ୍ୟାକ୍ଚରିଂ ମିଶନ ଆରମ୍ଭ କରିବାର ଘୋଷଣା ମଧ ଏ ଦିଗରେ ଏକ ବଡ଼ ପଦକ୍ଷେପ ।

> **ଅନ୍ୟ ଦେଶଗୁଡ଼ିକରେ କେଉଁଠି ଜନ୍ମ ହାର ହ୍ରାସ ପାଉଛି ତ କେଉଁଠି ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ଭାରତରେ ଯୁବକ ଯୁବତୀଙ୍କ ସଂଖ୍ୟା ଅଧିକ ରହିଛି । ଫଳରେ ଅର୍ଥବ୍ୟବସ୍ଥାକୁ ମଧ ଗତି ଦେଉଛି ଯୁବକ ଯୁବତୀଙ୍କ ସଂଖ୍ୟା । ଭାରତରେ ପ୍ରତି ୧୦ ଜଣରେ ୪ ଜଣଙ୍କ ବୟସ ୨୫ ରୁ କମ୍ ।**



ଭାରତରେ ୩୭.୧୪ କୋଟି ଯୁବକ ଯୁବତୀ, ଏହା ମୋଟ୍ ଜନସଂଖ୍ୟାର ପ୍ରାୟ ୨୭ ପ୍ରତିଶତ । ଦେଶରେ ପ୍ରତି ୧୦ ଜଣରେ ୪ ଜଣଙ୍କ ବୟସ ୨୫ ବର୍ଷରୁ କମ୍ । ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ଗଣିତ (ଏସ୍‌ଟିଇଏମ୍) ସ୍ନାତକ ଯୁବକ ଯୁବତୀଙ୍କ ସଂଖ୍ୟା ଭାରତରେ ବହୁ ଅଧିକ । ୨୦୨୭ ସୁଦ୍ଧା ଦେଶରେ ଏସ୍‌ଟିଇଏମ୍‌ଙ୍କ ସଂଖ୍ୟା ୧.୮ କୋଟି ହୋଇଯିବ ବୋଲି ଅନୁମାନ କରାଯାଉଛି। ଭାରତରେ ମଧ ରହିଛି ୧,୭୦,୦୦୦ ରୁ ଅଧିକ ଡିପିଆଇଆଇଟି ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍। ଏହା ବୈଶ୍ୱିକ ସ୍ତରରେ ତୃତୀୟ ସବୁଠାରୁ ବଡ଼ ଷ୍ଟାର୍ଟଅପ୍ ଇକୋସିଷ୍ଟମ। ଦେଶରେ ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ୪ କୋଟି ୭୦ ଲକ୍ଷରୁ ଅଧିକ ଯୁବକ ଯୁବତୀ ପ୍ରଶିକ୍ଷଣ ଶେଷକରି କାର୍ଯ୍ୟ କରୁଛନ୍ତି। କୌଶଳ ବିକାଶ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି ଅଢ଼େଇ କୋଟିରୁ ଅଧିକ ଯୁବକ ଯୁବତୀ। ଅନୁମାନ କରାଯାଉଛି ଯେ, ବୈଶ୍ୱିକ କାର୍ଯ୍ୟବଳରେ ଭାରତର ଭାଗିଦାରୀ ୨୪.୩ ପ୍ରତିଶତ। ଅଖିଳ ଭାରତୀୟ ଉଚ୍ଚ ଶିକ୍ଷା ସର୍ବେକ୍ଷଣ ଅନୁଯାୟୀ, ୨୦୨୧-୨୨ରେ ଦେଶରେ ମୋଟ୍ ଏସ୍‌ଟିଇଏମ୍ ସ୍ନାତକଙ୍କ ମଧ୍ୟରେ ମହିଳାଙ୍କ ଭାଗିଦାରୀ ୪୨.୬ ପ୍ରତିଶତ ଥିଲା । ୨୦୩୦ ସୁଦ୍ଧା ଭାରତର ମୋଟ୍ ଜନସଂଖ୍ୟାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆୟୁବର୍ଗଙ୍କ ସଂଖ୍ୟା ୬୮.୯ ପ୍ରତିଶତରେ ପହଞ୍ଚିଯିବ। ଭାରତର ଯୁବଶକ୍ତିକୁ କୁହାଯାଉଛି ଜନସଂଖ୍ୟାର ଲାଭାଂଶ। ଗୋଟିଏ ଦେଶର ଯୁବଶକ୍ତି ବୈଶ୍ୱିକ ନିବେଶକମାନଙ୍କୁ ଆକର୍ଷିତ କରିଥାଏ । ଏଥିପାଇଁ ଭାରତ ମଧ ବୈଶ୍ୱିକ ନିବେଶକଙ୍କୁ ଆକର୍ଷିତ କରୁଛି । ଏହା ସତ୍ୟ ଯେ, ଆଜିର ଯୁବପିଢ଼ି ହେଉଛନ୍ତି କାଲିର ନବପ୍ରବର୍ତ୍ତକ, ନିର୍ମାତା, ବିକାଶକର୍ତ୍ତା ଓ ନେତା । ଯଦି ସେମାନଙ୍କୁ କୌଶଳ ବିକାଶ, ଜ୍ଞାନ ଓ ସୁଯୋଗ ପ୍ରଦାନ କରାଯାଏ ତେବେ ସେମାନେ ହୋଇପାରିବେ ପରିବର୍ତ୍ତନ ଏବଂ ବିକାଶ ପାଇଁ ସକରାତ୍ମକ ଶକ୍ତି ।

# ପ୍ରାର୍ଥନା

ଜଣେ ମହିଳା ଝରକା ପାଖରେ ବସି ବାହାରର ଦୃଶ୍ୟ ଦେଖୁଥିଲେ । ପାହାଡ଼ଗୁଡ଼ିକ ବହୁତ ସୁନ୍ଦର ଦେଖାଯାଉଥିଲା । ହଠାତ୍ ତାଙ୍କର ଏକ ପ୍ରବଚନ ମନେ ପଡ଼ିଲା । ପ୍ରାର୍ଥନା ପାହାଡ଼କୁ ମଧ ହଲାଇପାରେ । ସେ ଭଗବାନଙ୍କୁ ପରୀକ୍ଷା କରିବାକୁ ଚାହିଁଲେ । ଆଖି ବନ୍ଦ କରି ସେ ଭୂମିରେ ଆଣ୍ଠୁମାଡ଼ି ବସି ପ୍ରାର୍ଥନା କଲେ। ହେ ଭଗବାନ ଯଦି ଆପଣ ଏହି ପାହାଡ଼କୁ ଘୁଞ୍ଚାଇ ପାରନ୍ତି ଯାହା ମୋ ଘର ଓ ସମୁଦ୍ର ମଧ୍ୟରେ ଅଛି। ତେବେ ମୁଁ ସମୁଦ୍ରର ଥଣ୍ଡା ପବନ ପାଇପାରନ୍ତି। ତେଣୁ ଦୟାକରି ଏହି ପାହାଡ଼କୁ ଟିକେ ଘୁଞ୍ଚାଇ ଦିଅନ୍ତୁ ମୁଁ ତାହାହେଲେ ଟିକେ ଆଶ୍ୱସ୍ତି ଅନୁଭବ କରନ୍ତି । ସେ ଯେତେବେଳେ ଆଖି ଖୋଲିଲେ ପାହାଡ଼ଟି ଟିକେ ମଧ ଘୁଞ୍ଚି ନଥିଲା। ସେ ଅଟ୍ଟହାସ୍ୟ କରି କହି ଉଠିଲେ- ମୁଁ ଜାଣିଥିଲି ଏହି ପାହାଡ଼ଟି ହଲିବ ନାହିଁ । ପ୍ରାର୍ଥନା ପାହାଡ଼କୁ ହଲାଇ ପାରେ ଏହି କଥାଟି ମିଛ । ଏହି ପ୍ରାର୍ଥନା ମୂଳରେ ବିଶ୍ୱାସ ନୁହେଁ ଥିଲା ଅବିଶ୍ୱାସ। ତେଣୁ ଆମେ ଯେତେବେଳେ ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରି ବିଶ୍ୱାସର ସହିତ ତାଙ୍କୁ ପ୍ରାର୍ଥନା କରୁ। ସେହି ପ୍ରାର୍ଥନା ହିଁ ଆମର ଅସାଧ ସାଧନ କରିପାରେ । କଥାରେ ଅଛି ଭକ୍ତର ହିଁ ଭଗବାନ। ଆମର ଇତିହାସରେ ବିଭିନ୍ନ ଘଟଣାରୁ ଆମେ ମଧ ପ୍ରାର୍ଥନାର କ୍ଷମତା ବିଷୟରେ ଜାଣିପାରିବା। ଏହି କ୍ଷମତାର ପରୀକ୍ଷା କେବଳ ଆମର ଅନ୍ତରର ବିଶ୍ୱାସ ଉପରେ ଆଧାରିତ ଥାଏ । ଆମେ ଯେତେ ଗଭୀର ବିଶ୍ୱାସ ରଖି ପ୍ରାର୍ଥନା କରିବା ଆମେ ସେତିକି ସଫଳକାମ ହୋଇପାରିବା। ଆମର ପ୍ରାର୍ଥନା ହାର୍ଦ୍ଦିକ ହେବା ଉଚିତ୍ ଯାନ୍ତ୍ରିକ ନୁହେଁ ।

# ଶକ୍ତି, ପରାକ୍ରମ ଓ ପବିତ୍ରତା : ଶକ୍ତିପୀଠ ମା' ବରୁଣେଇଙ୍କ ରହସ୍ୟ

**ଉମା ଶଙ୍କର ପ୍ରସାଦ**

ଓଡ଼ିଶା ଖୋର୍ଦ୍ଧା ଜିଲ୍ଲାର ବରୁଣୀ ପାହାଡ଼ର ଅସମାନ ଉପତ୍ୟକାରେ, ରାଜଧାନୀ ଭୁବନେଶ୍ୱର ଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଅଞ୍ଚଳର ଅନ୍ୟତମ ଆଧ୍ୟାତ୍ମିକ ଏବଂ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ମା' ବରୁଣୀ ଏବଂ କରୁଣୀ ମନ୍ଦିର। ଏହା କେବଳ ଏକ ପାରମ୍ପରିକ ପୂଜାସ୍ଥଳ ନୁହେଁ, ବରଂ ଦିବ୍ୟ ନାରୀ ଶକ୍ତି, ରାଜକୀୟ ପୃଷ୍ଠପୋଷକତା ଏବଂ ଓଡ଼ିଶାର ଅଦମ୍ୟ ବୀରତ୍ୱର ଏକ ଅମର ପ୍ରତୀକ ଅଟେ।

ସ୍ଥାପତ୍ୟ ଏବଂ ଦିବ୍ୟ ସତ୍ତ୍ୱ। ଏହି ମନ୍ଦିରରେ କଳା ମୁଗୁନି ପଥରରେ ତିଆରି, ପ୍ରାୟ ୧୮ ଇଞ୍ଚ ଉଚ୍ଚତାର ଦୁଇଟି ଅଧିଷ୍ଠାତ୍ରୀ ଦେବୀ ବିରାଜମାନ ଅଛନ୍ତି। ବାମ ପଟେ ମା' ବରୁଣୀ ଏବଂ ଡାହାଣ ପଟେ ମା' କରୁଣୀ ଭାବରେ ପୂଜା ପାଉଥିବା ଏହି ଦେବୀମାନଙ୍କୁ ଶକ୍ତିର ଉଗ୍ର ରୂପ ଭାବରେ ବିବେଚନା କରାଯାଏ। ଏଠାରେ ପ୍ରତିମା ଗୁଡ଼ିକୁ ଯୁଦ୍ଧ ପୋଷାକରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳେ, ଯାହା ଏହି ପୀଠର ବ୍ରହ୍ମାଣ୍ଡ ଶକ୍ତି ଏବଂ ସାମରିକ ବୀରତ୍ୱର ଭାବନାକୁ ପ୍ରକାଶ କରେ।

ପବିତ୍ର ଗର୍ଭଗୃହରେ ପହଞ୍ଚିବା ପାଇଁ ଭକ୍ତ ଏବଂ ଇତିହାସ ପ୍ରେମୀମାନଙ୍କୁ ପାହାଡ଼ ଉପରକୁ ୮୮ଟି ପଥର ପାହାଚ ଚଢ଼ିବାକୁ ପଡ଼େ। ଏହି ସ୍ଥାନର ଶାନ୍ତ ଏବଂ ରହସ୍ୟମୟ ପରିବେଶକୁ ଆହୁରି ମନୋଜ୍ଞ କରିଥାଏ ସ୍ୱର୍ଣ୍ଣ ଗଙ୍ଗା-ଯାହା ପାହାଡ଼ରୁ ବାହାରିଥିବା ଏକ ପ୍ରାକୃତିକ ଝରଣା। ଏହାର ଶୀତଳ ଏବଂ ଖଣିଜ ପଦାର୍ଥରେ ଭରା ପାଣି ଏକ ପବିତ୍ର କୁଣ୍ଡରେ ପଡ଼େ, ଯେଉଁଠାରେ ତୀର୍ଥଯାତ୍ରୀମାନେ ମନ୍ଦିର ପରିସରରେ ପ୍ରବେଶ କରିବା ପୂର୍ବରୁ ପାରମ୍ପରିକ ଭାବେ ପବିତ୍ର ସ୍ନାନ କରନ୍ତି। ଏହି ପାହାଡ଼ଗୁଡ଼ିକରେ ପୌରାଣିକ କାହାଣୀ ମଧ ଜଡିତ ରହିଛି । ସ୍ଥାନୀୟ ବିଶ୍ୱାସ ଅନୁଯାୟୀ ପାଣ୍ଡବମାନେ ସେମାନଙ୍କର ଅଜ୍ଞାତବାସର କିଛି ଅଂଶ ଏଠାରେ ବିତାଇଥିଲେ ଏବଂ ପାଣ୍ଡବ ଗୁହା ଭଳି ସ୍ମୃତିଚିହ୍ନ ଛାଡିଯାଇଥିଲେ।

ଐତିହାସିକ ମୂଳଦୁଆ: ଖୋର୍ଦ୍ଧାର ଅଭ୍ୟୁଦୟ

ବରୁଣୀ ପୀଠର ଇତିହାସ ମଧ୍ୟଯୁଗୀୟ ଓଡ଼ିଶାର ରାଜନୈତିକ ପରିବର୍ତ୍ତନ ସହିତ ଗଭିର ଭାବରେ ଜଡିତ। ୧୫୬୮ ମସିହାରେ ଗୋହିରୀଟିକିରା ଯୁଦ୍ଧରେ ରାଜା ମୁକୁନ୍ଦ ଦେବଙ୍କ ଦୁଃଖଦ ମୃତ୍ୟୁ ପରେ ରାଜନୈତିକ ପରିସ୍ଥିତି ଭାଙ୍ଗିପଡ଼ିଥିଲା। ଏହି ଅସ୍ଥିରତା ମଧ୍ୟରେ, ଭୋଇ ବଂଶର ଜଣେ ଅଭିଜ୍ଞ ରାଜନେତା ଦନାଇ ବିଦ୍ୟାଧରଙ୍କ ପୁତ୍ର ରାମଚନ୍ଦ୍ର ଦେବ ବରୁଣୀ ପାହାଡ଼ର ପାଦଦେଶରେ ଏକ ନୂତନ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଯାହା ପିଲାଦିନେ ଷଷ୍ଠ ଶ୍ରେଣୀ ସାହିତ୍ୟ ବହିରେ ଲକ୍ଷେ ରାଜାଙ୍କର ମଉଡମଣୀ ସେ ଖୋରଧା ରାଇଜ ରାଜା, ବରୁଣାଇ ତଳେ ତୋଳାଇ ନଅର ପାଳୁଥିଲେ ସୁଖେ ପ୍ରଜା।ସେ ତାଙ୍କ ରାଜଧାନୀର ନାମ ଜଗନ୍ନାଥପୁର କଟକ (ଆଧୁନିକ ଖୋର୍ଦ୍ଧା) ରଖିଥିଲେ ଏବଂ ଖୋର୍ଦ୍ଧାଗଡ଼ର କ୍ଷେତ୍ରେଶ୍ୱରୀ (ରକ୍ଷକ ଦେବୀ) ଭାବରେ ମା' ବରୁଣୀଙ୍କୁ ପ୍ରତିଷ୍ଠା କରିଥିଲେ। ଯେହେତୁ ଭୋଇ ରାଜାମାନେ ଏବଂ ସେମାନଙ୍କର ଶକ୍ତିଶାଳୀ ସେନା ଏହି ଦେବୀମାନଙ୍କୁ ସେମାନଙ୍କର ସର୍ବୋଚ୍ଚ ସେନାପତି ଭାବରେ ବିବେଚନା କରୁଥିଲେ, ତେଣୁ କୌଣସି ସାମରିକ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଅତ୍ୟନ୍ତ ଭକ୍ତିର ସହ ଏହି ଦେବୀଙ୍କୁ ପୂଜା କରାଯାଉଥିଲା। ଦୁର୍ଗାପୂଜା ଏବଂ ଦଶହରା ପରି ପ୍ରମୁଖ ପର୍ବଗୁଡ଼ିକରେ, ପୁରୀର ଜଗନ୍ନାଥ ମନ୍ଦିରର ପବିତ୍ର ରୋଷଘରୁ ସିଧାସଳଖ ଅଣାଯାଇଥିବା ସ୍ୱତନ୍ତ୍ର ନୀତିକାନ୍ତି, ପାରମ୍ପରିକ ଶାଢ଼ୀ ଏବଂ ମହାପ୍ରସାଦ ଏଠାରେ ଅର୍ପଣ କରାଯାଇଥାଏ, ଯାହା ପୁରୀ ଏବଂ ଖୋର୍ଦ୍ଧା ମଧ୍ୟରେ ଏକ ଗଭୀର ଆଧ୍ୟାତ୍ମିକ ସେତୁକୁ ପ୍ରତିଫଳିତ କରିଥାଏ।

ପାଇକ ବିଦ୍ରୋହ

ବରୁଣୀ ପାହାଡ଼ ଭାରତର ବ୍ରିଟିଶ ବିରୋଧୀ ସଂଗ୍ରାମର ଏକ ଗୌରବମୟ ଅଧ୍ୟାୟକୁ ଧାରଣ କରିଛି ଏବଂ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରାଥମିକ ପ୍ରତିରୋଧର ଏକ ପ୍ରମୁଖ କେନ୍ଦ୍ର ଭାବରେ ପରିଚିତ। ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଅଧୀନକୁ ଆସିଥିବା ଶେଷ ସ୍ୱାଧୀନ ସ୍ଥାନୀୟ ଅଞ୍ଚଳଗୁଡ଼ିକ ମଧ୍ୟରୁ ଖୋର୍ଦ୍ଧା ଅନ୍ୟତମ। ପାହାଡ଼ ଉପତ୍ୟକା ଏବଂ ଖୋର୍ଦ୍ଧାଗଡ଼ର ଅବଶେଷଗୁଡ଼ିକ ରାଜା ମୁକୁନ୍ଦ ଦେବଙ୍କ ମୁଖ୍ୟ ପରାମର୍ଶଦାତା ତଥା ସେନାପତି ବୀର ଜୟୀ ରାଜଗୁରୁ (ଜୟକୃଷ୍ଣ ରାଜଗୁରୁ ମହାପାତ୍ର)ଙ୍କ ନେତୃତ୍ୱରେ ହୋଇଥିବା ଭୀଷଣ ଯୁଦ୍ଧର ସାକ୍ଷୀ ରହିଛି। ଯେତେବେଳେ ବ୍ରିଟିଶମାନେ ଏହି ଅଞ୍ଚଳକୁ ଅଧିକାର କରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ଜୟୀ ରାଜଗୁରୁ ଓଡ଼ିଶାର ପାରମ୍ପରିକ ମିଲିସିଆ ତଥା ଯୋଦ୍ଧା ଗୋଷ୍ଠୀ ପାଇକମାନଙ୍କୁ ଏକାଠି କରିଥିଲେ। ବରୁଣୀ ପାହାଡ଼ର ରଣନୈତିକ ପ୍ରାକୃତିକ ଦୁର୍ଗରୁ ପରିଚାଳନା କରି, ପାଇକମାନେ ଉପନିବେଶବାଦୀ ଶକ୍ତି ବିରୁଦ୍ଧରେ ଏକ ଦୀର୍ଘସ୍ଥାୟୀ ଏବଂ ସାହସିକ ଯୁଦ୍ଧ ଲଢ଼ିଥିଲେ। ଯଦିଓ ବ୍ରିଟିଶମାନେ ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ଭାଗ କର ଓ ରାଜ୍ କର ନୀତି ମାଧ୍ୟମରେ ଶେଷରେ ନିୟନ୍ତ୍ରଣ ହାସଲ କରିଥିଲେ-ଯାହା ୧୮୦୬ ମସିହାରେ ଜୟୀ ରାଜଗୁରୁଙ୍କ ଦୁଃଖଦ ଫାଶୀ ଏବଂ ୧୮୧୭ର ଐତିହାସିକ ପାଇକ ବିଦ୍ରୋହରେ ପର୍ଯ୍ୟବସିତ ହୋଇଥିଲା-ତଥାପି ବରୁଣୀ ମାଟିରେ ସ୍ୱାଧୀନତାର ସ୍ପନ୍ଦନ ସବୁଦିନ ପାଇଁ ଅମର ହୋଇ ରହିଛି। ଏହି ପାହାଡ଼ ସ୍ୱଦେଶୀ ପ୍ରତିରୋଧ, ବଳିଦାନ ଏବଂ ମାତୃଭୂମି ପ୍ରତି ପ୍ରେମର ଏକ ସ୍ମାରକୀ ଭାବରେ ସବୁଦିନ ପାଇଁ ଛିଡ଼ା ହୋଇଛି।

ଆଜିର ସାଂସ୍କୃତିକ ଗୁରୁତ୍ୱକୁ ବିଚାର କଲେ

ସାମ୍ପ୍ରତିକ ସମୟରେ, ମା' ବରୁଣୀ ଏକ ଜୀବନ୍ତ ସାଂସ୍କୃତିକ ଏବଂ ଧାର୍ମିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ରଜ ପର୍ବ ଏବଂ ଦଶହରା ସମୟରେ ହେଉଥିବା ଉତ୍ସବରେ ହଜାର ହଜାର ଭକ୍ତ ଏବଂ ପର୍ଯ୍ୟଟକ ଆଶୀର୍ବାଦ ଭିକ୍ଷା କରିବାକୁ, ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବାକୁ ଏବଂ ଓଡ଼ିଶାର ସାମରିକ ଗୌରବକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଆସିଥାନ୍ତି।

ମା' ବରୁଣୀ କେବଳ ପଥର ଏବଂ ମନ୍ଦିର ନୁହଁନ୍ତି ସେ ଖୋର୍ଦ୍ଧାର ଓ ଆମର ପ୍ରାଣସ୍ପନ୍ଦନ ଅଟନ୍ତି। ଅଶେଷ ପ୍ରାକୃତିକ ସୌନ୍ଦର୍ଯ୍ୟ, ଗଭୀର ଶାକ୍ତ ଆଧ୍ୟାତ୍ମିକତା ଏବଂ ଭୀଷଣ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗାଥାକୁ ଏକାଠି କରି, ବରୁଣୀ ପାହାଡ଼ ଓଡ଼ିଆ ପରିଚୟ ଏବଂ ଗୌରବର ଏକ ଅଦମ୍ୟ ସ୍ତମ୍ଭ ଭାବରେ ରହିଆସିଛି।

ମୋ: ୬୩୭୦୬୭୫୫୬୨



# ଦୁର୍ଗା ପୂଜାର ଉଦ୍ଦେଶ୍ୟ

**ପୁଷ୍ପମିତ୍ର ମହାପାତ୍ର**

ମା' - ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୂତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ର୍ଭା ଭବିଷ୍ୟତି' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନ ଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପ୍ରେରଣ କଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା। ଦେବୀ ତାକୁ ମଧ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ ବିନାଶକଲେ। ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । 'ବିଦ୍ୟା ସମସ୍ତାସ୍ତବ ଦେବୀ ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ ।

ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ। ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା। ଏହା ବ୍ୟତୀତ ନଅଦିନ, ପାଞ୍ଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ ହୋଇଥାଏ। ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ। ଦେବୀପୀଠମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ। ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ। ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ। ମୂଳାଷ୍ଟମୀରୁ ମହାଷ୍ଟମୀ - ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀ ମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ। ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାର ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ। ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ। ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ। ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ। ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ।

ମୋ: ୯୪୩୭୨୨୫୬୮୯

# ସମ୍ପୂର୍ଣ୍ଣ କ୍ରାନ୍ତିର ମନ୍ତ୍ରଦ୍ରଷ୍ଟା : ଜୟ ପ୍ରକାଶ ନାରାୟଣ

**ସଞ୍ଜୀବ କୁମାର ଦାସ**

ସ୍ୱାଧୀନତା ପରବର୍ତ୍ତୀ ଭାରତର ବହୁ ଘଟଣା ଭିତରେ ଏମିତି ଏକ ଅଧ୍ୟାୟ ଯୋଡି ହୋଇଯାଇଛି ଯାହା ଜାତୀୟ ରାଜନୀତିରେ ଏକ ଭିନ୍ନ ମୋଡ଼ ଆଣିଥିଲା। ଏହି ମୋଡ଼ ପଛରେ ଯେଉଁ ବଳିଷ୍ଠ ନେତୃତ୍ୱ ସମସ୍ତଙ୍କୁ ପ୍ରେରିତ କରୁଥିଲା ତାହା ଥିଲା ସମ୍ପୂର୍ଣ୍ଣ କ୍ରାନ୍ତିର ଜନକ ଲୋକ ନାୟକ ଜୟ ପ୍ରକାଶ ନରାୟଣ।

ଜୟପ୍ରକାଶ ନାରାୟଣ ଶ୍ରୀବାସ୍ତବ ଯିଏକି ଜେପି ଏବଂ ଲୋକନାୟକ ଭାବରେ ମଧ ଜଣାଶୁଣା। ତତ୍କାଳୀନ ବେଙ୍ଗଲ ପ୍ରେସିଡେଂସି ଛାପରା ଜିଲ୍ଲାର ସୀତାବଦିଆରା ଗ୍ରାମରେ ୧୧ ଅକ୍ଟୋବର ୧୯୦୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ୮ ଅକ୍ଟୋବର ୧୯୭୯ରେ ତିରୋଧାନ ପର୍ଯ୍ୟନ୍ତ ତାଙ୍କର ଜୀବନକାଳ ଅନେକ ସ୍ମୃତି ବହନ କରେ । ଜଣେ ଭାରତୀୟ ରାଜନେତା, ତତ୍ତ୍ୱବାଦୀ ଏବଂ ସ୍ୱାଧୀନତା କର୍ମୀ ଲୋକ ନାୟକ ତାଙ୍କ ସମ୍ପୂର୍ଣ୍ଣ ଜୀବନକାଳକୁ ଦେଶ ସେବାରେ ନିୟୋଜିତ କରିଥିଲେ । ତାଙ୍କୁ ମୁଖ୍ୟତଃ ୧୯୭୦ ଦଶକର ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ନେତୃତ୍ୱ ନେବା ଏବଂ ସମ୍ପୂର୍ଣ୍ଣ ବିପ୍ଳବରେ ତାଙ୍କୁ କ୍ଷମତାଚ୍ୟୁତ କରିବାକୁ ଆହ୍ୱାନ ଦେବା ପାଇଁ ମନେ ରଖାଯାଏ । ୧୯୯୯ ମସିହାରେ ନାରାୟଣଙ୍କୁ ତାଙ୍କ ସାମାଜିକ ସେବାର ସ୍ୱୀକୃତି ସ୍ୱରୂପ ମରଣୋତ୍ତର ଭାବରେ ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ଭାରତ ରତ୍ନ ପ୍ରଦାନ କରାଯାଇଥିଲା। ତାଙ୍କର ଅନ୍ୟାନ୍ୟ ପୁରସ୍କାର ମଧ୍ୟରେ ୧୯୬୫ ମସିହାରେ ସାର୍ବଜନୀନ ସେବା ପାଇଁ ରାମନ ମାଗାସେସେ ପୁରସ୍କାର ଅନ୍ତର୍ଭୁକ୍ତ। ସମକାଳୀନ ରାଜନୈତିକ ପୃଷ୍ଠ ଭୂମିରେ ସମଗ୍ର ଭାରତ ଭୂଇଁକୁ ଯେଉଁ ଆହ୍ୱାନ ଆନ୍ଦୋଳିତ କରିଥିଲା ତାହା ଥିଲା ଗାନ୍ଧୀବାଦୀ ଆଦର୍ଶ ଉପରେ ଆଧାରିତ ସାମାଜିକ-ରାଜନୈତିକ ପରିବର୍ତ୍ତନ ପାଇଁ ଏକ ସାମଗ୍ରିକ ଅହିଂସାତ୍ମକ ଆନ୍ଦୋଳନ । ସେହି ଆନ୍ଦୋଳନର ସୂତ୍ରପାତ ହୁଏ ଏମିତି ଦିନ ବୁଧବାର, ତାରିଖ ୫ ଜୁନ୍, ବର୍ଷ ୧୯୭୪, ସ୍ଥାନ ପାଟନାର ଗାନ୍ଧୀ ମୈଦାନ। ଆନ୍ଦୋଳନର ଶୁଭାରମ୍ଭ କରନ୍ତି ଜୟପ୍ରକାଶ ନାରାୟଣ, ଜନତାର ପ୍ରିୟ ଜେପି ସଂକ୍ଷେପରେ। ଆନ୍ଦୋଳନରେ ନିହିତ ଉଦ୍ଦେଶ୍ୟ: ସମ୍ପୂର୍ଣ୍ଣ କ୍ରାନ୍ତି ହାସଲ କରିବା - ଏକ ନ୍ୟାୟପୂର୍ଣ୍ଣ ଏବଂ ସମାନ ସମାଜ ପାଇଁ ଅର୍ଥନୈତିକ, ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ ଗଠନରେ ଏକ ବ୍ୟାପକ ପରିବର୍ତ୍ତନ ପାଇଁ । କଥିତ ସମ୍ପୂର୍ଣ୍ଣ ବିପ୍ଳବର ମୂଳ କାରଣ ଉପରେ ଦୃଷ୍ଟିପାତ କରିବା । ରାଜନୈତିକ ପୃଷ୍ଠଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୋସାଲିଷ୍ଟ ନେତା ରାଜ ନାରାୟଣ ୧୯୭୧ ମସିହାର ଲୋକସଭା ନିର୍ବାଚନରେ ରାଏ ବରେଲୀ ଆସନରୁ ଇନ୍ଦିରା ଗାନ୍ଧୀଙ୍କ ବିପକ୍ଷରେ ଲଢ଼ି ପରାଜିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ନିର୍ବାଚନର ବୈଧତାକୁ ନେଇ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥଲେ । ତାଙ୍କର ଅଭିଯୋଗ ଥିଲା ତତ୍କାଳୀନ ପ୍ରଧାନ ମନ୍ତ୍ରୀ ସରକାରୀ କଳର ଦୁରୁପଯୋଗ କରି ନିର୍ବାଚନ ଜିଣି ଯାଇଛନ୍ତି । ମାନ୍ୟବର ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଉଲ୍ଲିଖିତ ନିର୍ବାଚନୀ ଭୁଲ କାର୍ଯ୍ୟ ନିମନ୍ତେ ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷଣା କରି ତାଙ୍କ କର୍ତ୍ତୃତ୍ୱକୁ ଅବୈଧ କରିଥିଲା, ଯାହା ଫଳରେ ଜନ ବିରୋଧ ଆରମ୍ଭ ହୋଇଥିଲା।ଏହାବାଦ ଗୁଜୁରାଟର ନବନିର୍ମାଣ ଆନ୍ଦୋଳନ ଏବଂ ବିହାରର ଛାତ୍ର ପ୍ରତିବାଦରେ ବ୍ୟାପକ ଆନ୍ଦୋଳନ ବେକାରୀ ଏବଂ ଶାସନ ବିଫଳତା ଉପରେ ବଢୁଥିବା ଯୁବ ହତାଶାକୁ ପ୍ରକାଶ କରିଥିଲା।

ଅନ୍ୟ ସମସ୍ୟା ମଧ୍ୟରେ ଆର୍ଥିକ ସଙ୍କଟ ପରିପ୍ରେକ୍ଷୀରେ ୧୯୭୦ ଦଶକର ପ୍ରାରମ୍ଭରେ ଗୁରୁତର ମୁଦ୍ରାସ୍ଫୀତି (୨୦% ରୁ ଅଧିକ), ବେକାରୀ ଏବଂ ଖାଦ୍ୟ ଅଭାବ ଜନସାଧାରଣଙ୍କ ଦୁଃଖକୁ ଆହୁରି ତୀବ୍ର କରିଥିଲା ।



ଗଣତାନ୍ତ୍ରିକ ନୀତିର ଅବକ୍ଷୟ କ୍ରମରେ କ୍ଷମତାର କେନ୍ଦ୍ରୀକରଣ, 'ମିଶା ' ଭଳି କଠୋର ଆଇନର ବ୍ୟବହାର ଏବଂ ଭିନ୍ନମତକୁ ଦମନ କରିବା ନାଗରିକ ସମାଜ ଏବଂ ବୁଦ୍ଧିଜୀବୀମାନଙ୍କୁ ଚିନ୍ତିତ କରିଥିଲା । ଠିକ ସେହି ସମୟରେ ପ୍ରେରଣାଦାୟକ ନେତୃତ୍ୱର ଅଭ୍ୟୁଦୟ ଘଟିଲା । ଜେପିଙ୍କ 'ଦଳହୀନ ଗଣତନ୍ତ୍ର'ର ବକ୍ତବ୍ୟ ଗାନ୍ଧୀବାଦୀ ନୀତିଶାସ୍ତ୍ର, ସର୍ବୋଦୟ ଆଦର୍ଶ ଏବଂ ମାର୍କ୍ସବାଦୀ ସମାଲୋଚନାକୁ ମିଶ୍ରଣ କରିଥିଲା ,ଯାହା ଏକ ବ୍ୟାପକ-ଆଧାରିତ ଜନ ଆନ୍ଦୋଳନକୁ ଶକ୍ତିଶାଳୀ ଏବଂ ଶାଣିତ କରିଥିଲା। ସମ୍ପୂର୍ଣ୍ଣ ବିପ୍ଳବର ଭିନ୍ନ ଭିନ୍ନ ଉପାଦାନ ଭିତରେ ରାଜନୈତିକ ବିପ୍ଳବ ଅଧିକ ପ୍ରଭାବଶାଳୀ ଥିଲା । ତଳ-ଉପର ଶାସନ, ଅଂଶଗ୍ରହଣକାରୀ ଗଣତନ୍ତ୍ର ଏବଂ ଅମଲାତାନ୍ତ୍ରିକ କେନ୍ଦ୍ରୀକରଣର ମୁକାବିଲା ପାଇଁ ଗଣ ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା । ଅନୁରୂପ ଭାବେ ସାମାଜିକ-ଆର୍ଥିକ ବୈଷମ୍ୟକୁ ଦୂର କରିବା ପାଇଁ ସମାନ ଭୂମି ପୁନଃବଣ୍ଟନ ଏବଂ ଲୋକ-କୈନ୍ଦ୍ରିକ ବିକାଶ ପାଇଁ ଜନତା ଏକତ୍ରିତ ହୋଇଥିଲେ । ସାମାଜିକ ବିପ୍ଳବର ସ୍ୱର ତୀକ୍ଷ୍ଣ ହେଲା, ଯେତେବେଳେ ଏକ ସମାନତାବାଦୀ ସମାଜ ଗଠନ ପାଇଁ ଜାତିବାଦ, ଲିଙ୍ଗଗତ ବୈଷମ୍ୟ ଏବଂ ଯୌତୁକ ନିରାକରଣକୁ ପ୍ରାଥମିକତା ଦିଆଗଲା । ଶିକ୍ଷାଗତ ବିପ୍ଳବ ଦିଗରେ ନାଗରିକ କର୍ତ୍ତବ୍ୟ, ଗ୍ରାମୀଣ ବିକାଶ ଏବଂ ବୃତ୍ତିଗତ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ପ୍ରସ୍ତାବିତ ନୀତି-ଆଧାରିତ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ପ୍ରସ୍ତାବ ଦିଆଗଲା । ଏତଦ୍ଭିନ୍ନ ସାଂସ୍କୃତିକ-ଆଧ୍ୟାତ୍ମିକ ବିପ୍ଳବ ପାଇଁ ବ୍ୟକ୍ତିଗତ ପରିବର୍ତ୍ତନ ମାଧ୍ୟମରେ ଆତ୍ମ-ଅନୁଶାସନ, ଜାତୀୟ ଏକତା ଏବଂ ନୈତିକ ପୁନର୍ଜୀବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଜନସାଧାରଣଙ୍କୁ ଅନୁପ୍ରାଣିତ କରାଗଲା । ବସ୍ତୁତଃ, ସମ୍ପୂର୍ଣ୍ଣ କ୍ରାନ୍ତି ବା ବିପ୍ଳବ ସର୍ବତୋଭାବେ ଗଣତାନ୍ତ୍ରିକ ବ୍ୟବସ୍ଥାର ପୁନଃର୍ଗଠନ ନିମିତ୍ତ ମାର୍ଗ ପ୍ରସ୍ତୁତ କରିବାରେ ସକ୍ଷମ ହେଲା ।

ସମ୍ପୂର୍ଣ୍ଣ ବିପ୍ଳବର ପ୍ରଭାବ ଜନମାନସରେ ଅଭୂତପୂର୍ବ ପ୍ରଭାବ ବିସ୍ତାର କଲା । ନୂତନ ରାଜନୈତିକ ଯୁବ ଅଭିନେତା - ଲାଲୁ ପ୍ରସାଦ, ନୀତିଶ କୁମାର, ସୁଶୀଲ ମୋଦିଙ୍କ ଉତ୍ତେଜିତ ପ୍ରବେଶ ଆନ୍ଦୋଳନକୁ ଦିଶା ପ୍ରଦାନ କଲା । ଏହି ଯୁବ ନେତୃବୃନ୍ଦ ପରବର୍ତ୍ତୀ ସମୟରେ ବିହାର ପ୍ରଦେଶ ଏବଂ ଜାତୀୟ ରାଜନୀତିରେ ସେମାନଙ୍କ ଛାପ ଛାଡିଛନ୍ତି । ନାଗରିକ ଚେତନାର ପୁନଃ ଉନ୍ମେଷ ଘଟିବାରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକଙ୍କ ସମ୍ପୃକ୍ତିକୁ ଗଭୀର କରି, ସାର୍ବଜନୀନ ଦାୟିତ୍ୱକୁ ଏକ ମୁଖ୍ୟଧାରାର ଅଂଶ ରୂପେ ବିବେଚନା କରାଗଲା ।

ଅହିଂସାତ୍ମକ ପ୍ରତିରୋଧ ଦୁର୍ନୀତି ବିରୋଧୀ ଧର୍ମଯୁଦ୍ଧ ଭଳି ଆନ୍ଦୋଳନକୁ ପ୍ରଭାବିତ କରି, ସ୍ୱେଚ୍ଛାଚାରିତା ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଶକ୍ତିକୁ ପୁନଃସ୍ଥାପିତ କରିଥିଲା । ଅଣ-କଂଗ୍ରେସ ମେଣ୍ଟର ଉତ୍‌ଥାନ ସମ୍ଭବ ହୋଇ ପାରିଲା । ଫଳସ୍ୱରୂପ, ଜରୁରୀକାଳୀନ ପରିସ୍ଥିତି ସମୟରେ ଏକୀକୃତ ବିରୋଧୀ ଦଳ ଜନତା ଦଳର ଐତିହାସିକ ୧୯୭୭ ନିର୍ବାଚନ ବିଜୟ ପାଇଁ ଭିତ୍ତିଭୂମି ସ୍ଥାପନ କରିଥିଲା। ସାମ୍ବିଧାନିକ ସୁରକ୍ଷା ପାଇଁ ୪୪ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସଂସ୍କାର ଆରମ୍ଭ କରାଯାଇ ଜରୁରୀକାଳୀନ କ୍ଷମତା ଉପରେ ଯାଞ୍ଚ ସୁନିଶ୍ଚିତ କରିବା ଏବଂ ନ୍ୟାୟିକ ତଦାରଖ ପୁନଃସ୍ଥାପିତ କରିବା ସମ୍ଭବ ହେଲା। କ୍ଷମତାର ବିକେନ୍ଦ୍ରୀକରଣ ଅଭିଯାନ ପଥରେ ପଞ୍ଚାୟତିରାଜ ସଂସ୍କାର (୭୩ ତମ, ୭୪ତମ ସମ୍ବିଧାନ ସଂଶୋଧନ)କୁ ପ୍ରଭାବିତ କରି, ତୃଣମୂଳ ସ୍ତରର ଗଣତାନ୍ତ୍ରିକ ଅଂଶଗ୍ରହଣକୁ ବୃଦ୍ଧି କରିଥିଲା । ସମ୍ପୂର୍ଣ୍ଣ ବିପ୍ଳବ ଅନେକ ଗୁରୁତ୍ୱ ବହନ କରେ । ତନ୍ମଧ୍ୟରେ ରହିଛି ବିରୋଧୀ ମତକୁ ଗଣତାନ୍ତ୍ରିକ ଅଧିକାର ଭାବରେ ପୁନଃନିର୍ଦ୍ଦିଷ୍ଟ କରିବା, ଉପନିବେଶବାଦ ପରବର୍ତ୍ତୀ ଭାରତରେ ପ୍ରତିବାଦକୁ ବୈଧତା ପ୍ରଦାନ କରିବା । ଏହି ବିପ୍ଳବର କର୍ଣ୍ଣଧାରମାନେ ଗଣ ମୂଳ ସହିତ ନେତାମାନଙ୍କର ଏକ ନୂତନ ପିଢ଼ି ସୃଷ୍ଟି କରିଥିଲେ - ଯେଉଁମାନଙ୍କ ମଧ୍ୟରୁ ଅନେକ ଦଶନ୍ଧି ଧରି ଭାରତୀୟ ରାଜନୀତିରେ ପ୍ରଭାବ ପକାଇଥିଲେ । ଏତଦ୍‌ବ୍ୟତୀତ ଗଣତାନ୍ତ୍ରିକ ଗଠନକୁ ସୁରକ୍ଷା ଦେବା ପାଇଁ ସଂସ୍ଥାଗତ ସଂସ୍କାରକୁ ପାଥେୟ କରି ବ୍ୟବସ୍ଥିତ ଦୁର୍ବଳତା ପରିହାର ନିମନ୍ତେ ନେତୃବୃନ୍ଦ ମାର୍ଗଦର୍ଶନ କରିଥିଲେ । ସର୍ବୋପରି କେନ୍ଦ୍ରୀକରଣ, ଯୁବ ବିଚ୍ଛିନ୍ନତା ଏବଂ ଗଣତାନ୍ତ୍ରିକ କ୍ଷୟ ପରିତତ୍କାଳୀନ ସମସ୍ୟାଗୁଡ଼ିକର ମୁକାବିଲା କରିବାରେ ସ୍ଥାୟୀ ସମାଧାନ ନିମନ୍ତେ ବିସ୍ତାରିତ ସାର୍ବଜନୀନ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଥିଲା । ନିଷ୍କର୍ଷରେ ଏହି ମତ ପୋଷଣ କରାଯାଇ ପାରିବ ଯେ ଜେପିଙ୍କ ସମ୍ପୂର୍ଣ୍ଣ ବିପ୍ଳବ ଏକ ରାଜନୈତିକ ଉତ୍ଥାନ ଅପେକ୍ଷା ଅଧିକ ଥିଲା - ଏହା ନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ପୁନର୍ଜନ୍ମ କଳ୍ପନା କରିଥିଲା। ଯଦିଓ କିଛି ଅଂଶରେ ୟୁଟୋପିଆନ୍, ଏହା ଭାରତରେ ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ଶାସନକୁ ପୁନଃ ପରିଭାଷିତ କରିଥିଲା। ଏହାର ଐତିହ୍ୟ ନ୍ୟାୟ ଏବଂ ଗଣତାନ୍ତ୍ରିକ ସଂସ୍କାର ପାଇଁ ଆନ୍ଦୋଳନଗୁଡ଼ିକୁ ପ୍ରେରଣା ଦେଇ ଚାଲିଛି ।

ମୋ: ୬୩୭୧୬୧୯୦୦୫

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ରୋଗ ପୋକ ସର୍ବେକ୍ଷଣ କଲେ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ବିଭାଗ ଅଧିକାରୀ



ବ୍ରହ୍ମପୁର, ୭।୧୦(ନିପ୍ର): ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଷଜମିରେ ଦେଖାଦେଉଥିବା ପୋକ ଓ ରୋଗର ସ୍ଥିତିଅନୁଧ୍ୟାନ କରିବା ସହିତ ଚାଷୀମାନଙ୍କୁ ସମୟୋପଯୋଗୀ ପରାମର୍ଶ ପ୍ରଦାନ ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ୧ ଭଞ୍ଜନଗର, କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ୨ ଗୋଳନ୍ଥରାର ବୈଜ୍ଞାନିକ ଓ କୃଷି ବିଭାଗର ଅଧିକାରୀମାନଙ୍କ ଦ୍ୱାରା ମିଳିତ ଭାବେ ରୋପ ରୋପ ସର୍ବେକ୍ଷଣ କରାଯାଇଛି । ଏହି ସର୍ବେକ୍ଷଣ ସମୟରେ ଟିମ୍ ପକ୍ଷରୁ ବିଭିନ୍ନ ଫସଲ ଜମି ପରିଦର୍ଶନ କରାଯାଇ ଫସଲର ସ୍ୱାସ୍ଥ୍ୟ, ରୋଗ ଓ ରୋଗର ଉପସ୍ଥିତି, ଏହାର ତୀବ୍ରତା ଏବଂ ଚାଷୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଫସଲ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । ଏଥି ସହ ଚାଷୀମାନଙ୍କ ସହିତ ସିଧାସଳଖ ଆଲୋଚନା କରାଯାଇ କ୍ଷେତ୍ରସ୍ତରୀୟ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା । ପୋକ ଓ ରୋଗର ସଠିକ୍ ଚିହ୍ନଟ ପରେ ହିଁ ଆବଶ୍ୟକୀୟ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ସମନ୍ୱିତ କୀଟ ପରିଚାଳନା ପଦ୍ଧତି ଅବଲମ୍ବନ କରିବା, ନିୟମିତ ଭାବେ ଫସଲମି ନିରୀକ୍ଷଣ କରିବା ଏବଂ ଆର୍ଥିକ କ୍ଷତି ସୀମା ଅତିକ୍ରମ କଲେ ଆବଶ୍ୟକତା ଅନୁଯାୟୀ ଅନୁମୋଦିତ କୀଟନାଶକ ବ୍ୟବହାର କରିବାକୁ ଟିମ୍ ପକ୍ଷରୁ ସଚେତନ କରାଯାଇଥିଲା । କ୍ଷେତ୍ର ପରିଦର୍ଶନ ସମୟରେ ପ୍ରଭାବିତ ଗଛ ବା ଗଛର ଅଂଶ ଅପସାରଣ, ଜୈବିକ କୀଟନାଶକର ବ୍ୟବହାର ଏବଂ ଆବଶ୍ୟକତା ଅନୁସାରେ ଅନୁମୋଦିତ କୀଟନାଶକର ଠିକ୍ ମାତ୍ରାରେ ପ୍ରୟୋଗ ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା । କୌଣସି ଅଞ୍ଚଳରେ ପୋକ ବା ରୋଗର ଅସ୍ୱାଭାବିକ ବୃଦ୍ଧି ପରିଲକ୍ଷିତ ହେଲେ ତୁରନ୍ତ ନିକଟସ୍ଥ କୃଷି ଅଧିକାରୀ କିମ୍ବା କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ଚାଷୀମାନଙ୍କୁ ଅନୁରୋଧ କରାଯାଇଛି । ଏହି ମିଳିତ ସର୍ବେକ୍ଷଣରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନଗଉଳ, ବରିଷ୍ଠ ବୈଜ୍ଞାନିକତଥା ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର, ଗୋଳନ୍ଥରା କୃଷି ଜିଲ୍ଲା ଅଧିକାରୀ, ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ, ବ୍ରହ୍ମପୁର ଏବଂ ବିଭିନ୍ନ ବ୍ଲକ୍‌ର ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ବୃନ୍ଦ, କୃଷି କର୍ମଚାରୀମାନେ ଉପସ୍ଥିତଥିଲେ ।

# ଆଇଟିଆଇ ଛାତ୍ରଙ୍କୁ ଆକ୍ରମଣ : ୩ ଗିରଫ

ବ୍ରହ୍ମପୁର, ୭।୧୦(ନିପ୍ର): ସରକାରୀ ଆଇଟିଆଇର ଜଣେ ଛାତ୍ର ଓ ତାଙ୍କ ବନ୍ଧୁଙ୍କୁ ଗାଳିଗୁଲଜ କରିବା ସହ ଲୁହା ରଡ୍‌ରେ ଆକ୍ରମଣ ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମାନଗର ୧୦ମ ଲାଇନ୍‌ର ସାଗର ଜେନା(୧୯), ଲାଞ୍ଜିପଲ୍ଲୀ କୃଷ୍ଣ ନଗରରର ରାଜ ଆୟାନ୍ ପଣ୍ଡା (୨୩), ଖୋଡ଼ାସିଙ୍ଗି ପୁରୁଣା ସାହିର ନୟନ ନାୟକ (୨୯) । ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା କୋଦଳା କୋର୍ଟ ରୋଡ୍ ଅଞ୍ଚଳରେ ରହୁଥିବା ରୁଦ୍ର ପ୍ରତାପ ପ୍ରଧାନ (୧୯) ବ୍ରହ୍ମପୁରରେ ଫିଟର ଟ୍ରେଡ୍‌ରେ ଆଇଟିଆଇ ପଢୁଛନ୍ତି । ସନ୍ଧ୍ୟା ପ୍ରାୟ ୫ଟାରେ ରୁଦ୍ର ତାଙ୍କ ବନ୍ଧୁଙ୍କ ସହ ବାଇକ୍ ହଷ୍ଟେଲ୍ ନିକଟକୁ ଯାଇଥିବା



ବେଳେ ସେଠାରେ ସାଗର ଜେନା ଓ ପୂର୍ବତନ ଆଇଟିଆଇ ଛାତ୍ର କେ. ସନ୍ଦୀପଙ୍କ ସହ ସେମାନଙ୍କ ବଚସା ହୋଇଥିଲା । ପରେ ସାଗର ଓ ତାଙ୍କ ସହଯୋଗୀମାନେ ରୁଦ୍ର ଓ ତାଙ୍କ ବନ୍ଧୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯିବା ସହ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ । ଆକ୍ରମଣରେ ରୁଦ୍ର ଆହତ ହୋଇଥିଲେ । ପୋଲିସ ତଦନ୍ତ କରି ନୟନ ନାୟକ, ରାଜ ଆୟାନ୍ ପଣ୍ଡା ଓ ସାଗର ଜେନାଙ୍କୁ ଗିରଫ କରିବାରେ ସଫଳ ହୋଇଛି । ବର୍ତ୍ତମାନ କେ ସନ୍ଦୀପଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି ।

# ଆଶ୍ୱିନ ଦ୍ୱାଦଶୀରେ ମା' ରାମଚଣ୍ଡୀଙ୍କ ଶିବାନୀ ବେଶ



ଛତ୍ରପୁର, .୭ / ୧୦ (ନିପ୍ର)ଆଶ୍ୱିନ ଦ୍ୱାଦଶୀରେ ଶକ୍ତି ସ୍ୱରୂପିଣୀ ମା' ରାମଚଣ୍ଡୀଙ୍କ ଦୁର୍ଲ୍ଲଭ ବେଶ ଶିବାନୀ ବେଶ ଦେଖି ଶହସ୍ରାଧିକ ଭକ୍ତଜନ ଭକ୍ତିଭାବାପନ୍ନରେ ବିମୋହିତ ହୋଇଛନ୍ତି ।ଦେବୀଙ୍କ ପଞ୍ଚମ ସନ୍ଧ୍ୟାରେ ଶିବାନୀ ବେଶ ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ମହତ୍ତ୍ୱ ବହନ କରେ। 'ଶିବା' ଅର୍ଥ ମଙ୍ଗଳମୟୀ, କଲ୍ୟାଣଦାୟିନୀ ଓ ଶୁଭପ୍ରଦାୟିନୀ ଶକ୍ତିମୟୀ ଭାବେ ବିଶ୍ୱାସ ରହିଛି । ଏହି ବେଶରେ ମା'ଙ୍କୁ ଆଦ୍ୟାଶକ୍ତିଙ୍କ ଏକ ଶୁଭ ଓ କଲ୍ୟାଣମୟ ସ୍ୱରୂପ ଭାବେ ଆରାଧନା କରାଯାଏ ।ଗଞ୍ଜାମ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା ରାମଚଣ୍ଡୀ ମନ୍ଦିରରେ ଆଶ୍ୱିନ କୃଷ୍ଣ ପକ୍ଷ ମୂଳାଷ୍ଟମୀ ଠାରୁ ଆଶ୍ୱିନ ଶୁକ୍ଳ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗୋତ୍ସବ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଯଥା ରୀତିନୀତି ଅନୁସାରେ ସମାହିତ ହୋଇ ଆସୁଅଛି ।ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ଠାରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଯାହାକି ଗଞ୍ଜାମ ବ୍ଲକ୍ ର କରପଡା ଗ୍ରାମପଞ୍ଚାୟତ ଅଧିନସ୍ଥ ନିଳାଦ୍ରୀପୁର ପର୍ବତ ଶୀର୍ଷରେ ବିନ୍ଧ୍ୟବାସିନୀ ତ୍ରିଶକ୍ତି ଧାରିଣୀ ଜଗତ ଜନନୀ ମା'ରାମଚଣ୍ଡୀଙ୍କ ଶକ୍ତିପୀଠରେ ଭବ୍ୟ ସମାରୋହରେ ବିଦ୍ଧିବଦ୍ଧ ଭାବେ ଷୋଳପୂଜା ଆରମ୍ଭ ହୋଇଛି ।ଷୋଡଭୁଜା ଦେବୀ ଶକ୍ତିମୟୀ, କୃପାମୟୀ ମା'ରାମଚଣ୍ଡୀ ଦେବୀ ସାଆନ୍ତାଣୀ ଷୋଡଶ ଦିନାତ୍ମକଷୋଡଶ ବେଶ ଧାରଣ କରି ଆସୁଛନ୍ତି । ଅଗଣିତ ଭକ୍ତଜନ ଦେବୀ ଙ୍କ ଏହି ବ୍ରହ୍ମ ଆଲୌକିକ ସତ୍ତା ବେଶ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଏହି ପୀଠ କୁ ଆସିଥାଆନ୍ତି । ଦୈନିକ ଏକାଧିକ ବିଦ୍ୱାନ୍, ପାଣ୍ଡିତ୍ୟ, ପୂଜକଙ୍କ ଦ୍ୱାରା ବେଦମନ୍ତ୍ର ରେ ଅଭିମନ୍ତ୍ରିତ ଜଳରେ ଦେବୀଙ୍କ ପୂଜା ଆରାଧନା, ଷୋଡଶ ଉପଚାରରେ ଯାଗଯଜ୍ଞ ସହ ବିଦ୍ଧିବଦ୍ଧ ପୂଜାର୍ଚ୍ଚନା, ସପ୍ତସତୀ ଚଣ୍ଡୀପାଠ, ଦେବୀ ଙ୍କ ମହାଆରତୀ,ପୁଷ୍ପାଞ୍ଜଳି, ରାଜଭୋଗ ସହ ମଧ୍ୟରାତ୍ରିରେ ଦେବୀ ଙ୍କ ବିଶ୍ରାମ ଆଦି ସମ୍ପନ୍ନ ହୋଇଆସୁଅଛି । ଗୁରୁବାର ସନ୍ଧ୍ୟାରେ ଦେବୀ ଙ୍କ ସତୀ ବେଶ ଅନୁଷ୍ଠିତ ହେଉଅଛି । ଦେବୀ ଙ୍କ ନୀତିକାନ୍ତି ସହ ବେଦମନ୍ତ୍ରରେ ପୀଠ ପରିସର ଚଳଚଞ୍ଚଳ ହୋଇ ଉଠିଛି ।

# ଫାଣ୍ଡି ଭରସାରେ ଉପାନ୍ତ ଅଞ୍ଚଳର ଆଇନଶୃଙ୍ଖଳା

# ଗାଲେରୀ ଫାଣ୍ଡିକୁ ଥାନା ମାନ୍ୟତା ଦାବି




ଭଞ୍ଜନଗର ୭/୧୦(ନିପ୍ର)ଗଞ୍ଜାମ ଜିଲ୍ଲାର ଅନ୍ୟତମ ବୃହତ୍, ଅନୁସୁଚିତ ଜାତି ଓ ଜନଜାତି ବହୁଳ ଭଞ୍ଜନଗର ବ୍ଲକରେ ଦିନକୁ ଦିନ ଜନସଂଖ୍ୟା, ସରକାରୀ କାର୍ଯ୍ୟାଳୟ ଏବଂ ଆଇନଶୃଙ୍ଖଳା ସମ୍ବନ୍ଧୀୟ ଚ୍ୟାଲେଞ୍ଜ୍? ବୃଦ୍ଧି ପାଉଛି। ମାତ୍ର ଆଜି ପର୍ଯ୍ୟନ୍ତ ଏହି ବ୍ଲକର ଉପାନ୍ତ ଗାଲେରୀ ଅଞ୍ଚଳରେ ସ୍ୱତନ୍ତ୍ର ଥାନା ସ୍ଥାପନ ହୋଇ ନ ପାରିବା ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ଜଗନ୍ନାଥପ୍ରସାଦ ବ୍ଲକର ତାରସିଂ ଥାନା ଅଧୀନରେ ଥିବା ଗାଲେରୀ ଫାଣ୍ଡି ଉପରେ ସମଗ୍ର ଉପାନ୍ତ ଅଞ୍ଚଳର ଆଇନଶୃଙ୍ଖଳା ଦାୟିତ୍ୱ ରହିଥିବାରୁ ପ୍ରତିଦିନ ନାନା ସମସ୍ୟା ଦେଖାଦେଉଛି। ବଢୁଥିବା ଜନସଂଖ୍ୟା ଓ ପରିସୀମାକୁ ଦୃଷ୍ଟିରେ ରଖି ଗାଲେରୀ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ପାଇଁ ଦାବି ଜୋରଦାର ହେବାରେ ଲାଗିଛି।ବହୁବର୍ଷ ଧରି ଏହି ଫାଣ୍ଡି ଉପରେ ଭଞ୍ଜନଗର ବ୍ଲକର ୫ ପଞ୍ଚାୟତ ଅଧିନ ୫୦ଟି ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସୁରକ୍ଷା ଦାୟିତ୍ୱ ଏହି ଫାଣ୍ଡି ଉପରେ ରହିଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହାର ପରିସର ଓ ପୁଲିସ ବ୍ୟବସ୍ଥା ବୃଦ୍ଧି ପାଇ ନଥିବା ଅଭିଯୋଗ ହୋଇଛି। ବହୁବର୍ଷ ତଳେ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ଏବଂ ଲୋକଙ୍କୁ ତ୍ୱରିତ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଗାଲେରୀ ଠାରେ ଏହି ଫାଣ୍ଡି ସ୍ଥାପନ କରାଯାଇଥିଲା। ତାରସିଂ ଥାନା ଅନ୍ତର୍ଗତ ଏହି ଫାଣ୍ଡି ଅଧୀନରେ ଭଞ୍ଜନଗର ବ୍ଲକର ଗାଲେରୀ, ହରିଗଡ, ବ୍ରାହ୍ମଣପଦର, ତୁରୁମୁ ଓ ଦୋମୁହାଣୀ ପଞ୍ଚାୟତ ରହିଛି। ଏଠାରେ ଜଣେ ଏସଆଇଙ୍କ ସମେତ ଜଣେ ଏଏସଆଇ, ୩ କନଷ୍ଟେବଳ,ଜଣେ ହାବିଲଦାର,୫ ହୋମଗାର୍ଡ ନିୟୋଜିତ ଅଛନ୍ତି। ଏତେ ବଡ଼ ଅଞ୍ଚଳର ଆଇନଶୃଙ୍ଖଳା ଦାୟିତ୍ୱ ତୁଲାଇବା ପାଇଁ ଏତିକି ସଂଖ୍ୟକ ପୁଲିସ କର୍ମଚାରୀ ପର୍ଯ୍ୟାପ୍ତ ନୁହେଁ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ଅନେକ ସମୟରେ ଗୁରୁତର ଘଟଣା ଘଟିଲେ ତାରସିଂ ଥାନାରୁ ପୁଲିସ୍ ଆସିବା ପର୍ଯ୍ୟନ୍ତ ସମୟ ଲାଗୁଥିବାରୁ ତ୍ୱରିତ ସେବା ଯୋଗାଇବାରେ ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।କନ୍ଧମାଳ ଓ ନୟାଗଡ ଜିଲ୍ଲା ସିମାନ୍ତ ଆଦିବାସୀ ବହୁଳ ଏହି ଅଞ୍ଚଳରେ ଗତ କିଛି ବର୍ଷ ହେବ ଚୋରି, ଡକାୟତି, ମାରପିଟ୍, ସଡ଼କ ଦୁର୍ଘଟଣା ଓ ଅନ୍ୟାନ୍ୟ ଅପରାଧିକ ଘଟଣା ନିୟମିତ ସାମ୍ନାକୁ ଆସୁଛି। ମାତ୍ର ଗାଲେରୀ ଫାଣ୍ଡିରେ ସୀମିତ କର୍ମଚାରୀ ଥିବାରୁ ତୁରନ୍ତ ପଦକ୍ଷେପ ନେବା ସମ୍ଭବ ହେଉନାହିଁ।ଏହା ସହ ଗାଲେରୀ ଦେଇ ଯାଇଥିବା ନୟାଗଡର ଦଶପଲ୍ଲା ଓ କନ୍ଧମାଳର ଚକାପାଦ ରାସ୍ତା ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ ମାର୍ଗ। ବର୍ତ୍ତମାନ ଏହି ଦିର୍ଘ ରାସ୍ତା ଗାଲେରୀ ଫାଣ୍ଡି ଅଧିନରେ ରହିଛି। ଫାଣ୍ଡିକୁ ଥାନା ମାନ୍ୟତା ମିଳିଲେ ରାସ୍ତାରେ ଘଟୁଥିବା ଲୁଟ୍, ଛିନତାଇ ଓ ଅନ୍ୟାନ୍ୟ ଅପରାଧ ଉପରେ କଡ଼ା ନଜର ରଖାଯିବା ସହ ଏଠାରେ ଆବଶ୍ୟକ ସଂଖ୍ୟକ ପୁଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ। ଫଳରେ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ। ଏଥିସହ ଲୋକଙ୍କୁ ଥାନା ସମ୍ବନ୍ଧୀୟ ବିଭିନ୍ନ ସେବା ପାଇଁ ଦୁର ତାରସିଂ ଯିବାକୁ ପଡ଼ିବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଗାଈକୁ ଦଳିଦେଲେ ହାତୀପଲ

ଭଞ୍ଜନଗର ୦୭/୧୦ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଏବେ ହାତୀପଲ ବିକ୍ଷିପ୍ତ ଭାବେ ବୁଲୁଛନ୍ତି। ରାତି ହେଲେ ହାତୀପଲ ଜନବସତି ଆଡ଼କୁ ମୁହାଁଉଥିଲେ ମଧ୍ୟ ବନବିଭାଗ ସେମାନଙ୍କ ଗତିବିଧି ଠଉରାଇ ପାରୁନାହିଁ। ବରଂ ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ଜଙ୍ଗଲି ହାତୀ ନିଜ ଚିହ୍ନ ଛାଡ଼ି ଯାଉଛନ୍ତି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ଗଜରାଜ ପାଇଁ ମଧ୍ୟ ସଂକଟ ବଢ଼ି ଯାଇଛି। ପୂର୍ବରୁ ଥିବା ଚଲାପଥରେ ହାତୀ ଚଳାଚଳ ନକରି ବିକ୍ଷିପ୍ତ ଭାବେ ବିଚରଣ କରୁଥିବା ବେଳେ ଗାଲେରୀ ବନାଞ୍ଚଳରେ ଗତ କିଛିଦିନ ହେଲା ୩୫ ଟିକିଆ ହାତୀପଓ୍ୱ ଦୌରାତ୍ମ୍ୟ ଖେଳାଉଛନ୍ତି। ସନ୍ଧ୍ୟା ହେଲେ ହାତୀ ଜଙ୍ଗଲରୁ ବାହାରି ଗ୍ରାମ ଆଖପାଖରେ ବୁଲୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଗତ ରାତିରେ ବ୍ରାହ୍ମଣପଦର ଗ୍ରାମ ଠାରୁ କିଛି ଦୂରରେ ଥିବା ଭୋକୁଲି ପାତ୍ରଙ୍କ ଗାଈ କୁହାଁରରେ ଥିବା ଅଶୋକ ଗୌଡ଼ ଙ୍କ ଏକ ଗାଈକୁ ହାତୀପଲ ଦଳି ମାରି ଦେଇଥିବା ଅଭିଯୋଗ ହୋଇଛି।

# ଯୁବକଙ୍କ ସଲିଳ ସମାଧି



ଚିକିଟୀ, ୭।୧୦(ନିପ୍ର)ଜନ୍ମଦିନ ପାଳନ ପାଇଁ ସାଙ୍ଗମାନଙ୍କ ସହ ମଙ୍ଗଳବାର ଦିନ ସୋନପୁର ବେଳାଭୂମିକୁ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କ ସମୁଦ୍ରରେ ନିଖୋଜ ହେବା ଘଟଣାରେ ଦୁଃଖଦ ଅନ୍ତ ଘଟିଛି । କୋଟଲିଙ୍ଗି ଗ୍ରାମର ଏ. ଯୁଧିଷ୍ଠି ଜନ୍ମଦିନ ଅବସରରେ ସାଙ୍ଗମାନଙ୍କ ସହ ସୋନପୁର ବେଳାଭୂମିକୁ ଯାଇଥିଲେ । ସେଠାରେ ଖାଇବା, ପିଇବା ଓ କେକ୍ କାଟିବା ପରେ ସମୁଦ୍ରରେ ଗାଧୋଉଥିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଥିଲେ ।ଖବର ପାଇ ଓଡ୍ରାଫ୍ ଟିମ୍, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ପକ୍ଷରୁ ତୁରନ୍ତ ଖୋଜାଖୋଜି ଆରମ୍ଭ ହୋଇଥିଲା । ତେବେ ଦୀର୍ଘସମୟ ଖୋଜାଖୋଜି ପରେ ଆଜି ପୂର୍ବାହ୍ନରେ ମେରାଇନ୍ ଥାନା ଅନ୍ତର୍ଗତ ରାମେୟାପାଟଣା ସମୁଦ୍ରତଟରୁ ଯୁଧିଷ୍ଠିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏନେଇ ପୋଲିସ ଏକ ଅପମୃତ୍ୟୁ (ୟୁଡିକେସ୦୧/୨୦୨୬) ମାମଲା ରୁଜୁ କରି ତଦନ୍ତ କରିବା ସହ ମୃତଦେହକୁ ମେଡିକାଲ ପଠାଇଥିଲା । ଡାକ୍ତର ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା ।

# ମଦ୍ୟପ ଟ୍ରକ୍ ଚାଳକ ଗିରଫ

ହିଞ୍ଜିଳିକାଟୁ, ୭।୧୦(ନି.ପ୍ର): ମଦ୍ୟପାନ କରି ବେପାରୁଆ ଗାଡି ଚାଳନା କରିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ହିଞ୍ଜିଳି ପୁଲିସ ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣଙ୍କ ନୟାଗଡ଼ ଥାନା ଅଞ୍ଚଳର ଦିନବନ୍ଧୁ ପଣ୍ଡା (୩୨) । ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ଟ୍ରକକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ବୁଧବାର ଅପରାହ୍ନରେ ଗଜପତି ଜିଲ୍ଲାରୁ ବହି ଖାତା ଅନଲୋଡ୍ କରି ନୟାଗଡ଼ ଅଭିମୁଖେ ଫେରୁଥିବା ଏକ ଟ୍ରକ୍ (ଓଡି୦୨ବିଭି ୯୮୩୩) ର ଚାଳକ ମଦ୍ୟପାନ କରି ହିଞ୍ଜିଳି ଥାନା ସମରଝୋଳ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ମୋଟର ସାଇକେଲକୁ ଧକ୍କା ଦେଇଥିଲା। ସେଠାରୁ ଖସି ଆସି ବେପାରୁଆ ଭାବେ ଗାଡି ଚାଳନା କରି ସାରୁ ଓ ପୋଚିଲିମା ଛକ ନିକଟରେ ବଡ ଧରଣର ଦୂର୍ଘଟଣାରୁ ବର୍ତ୍ତି ଯାଇଥିଲା। ଟ୍ରକ୍ ଚାଳକଙ୍କ ବେପାରୁଆ ଗାଡି ଚାଳନା ଯୋଗୁଁ ସଂପୃକ୍ତ ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଟ୍ରକର ପିଛା କରି ସ୍ଥାନୀୟ ପୌରାଞ୍ଚଳ ବଇଞ୍ଚବଣିଆ ଛକ ନିକଟରେ ଟ୍ରକ ସହ ଚାଳକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଟ୍ରକ୍ ଚାଳକ ଜଣଙ୍କ ପ୍ରଚୁର ମଦ୍ୟପାନ କରି ବେପାରୁଆ ଗାଡି ଚାଳନା କରୁଥିବା ପୁଲିସ ସୂତ୍ରରୁ ପ୍ରକାଶ। ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଓଡ଼ିଆ ଶିଳ୍ପୀ ଅଶୋକଙ୍କୁ ରାଷ୍ଟ୍ରୀୟ ଯୁବ କଳାରତ୍ନ ସମ୍ମାନ



ବିନିକା.୭।୧୦.(ପ୍ରତାପ ରୁଦ୍ର କର୍ଣ୍ଣ)ତୁଳସୀ ଯେଉଁଠି ଥିଲେ ବି ମହମହ ବାସ୍ନା ଦେଇଥାଏ।ଠିକ ସେହିପରି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ଗ୍ରାମର ଓଡ଼ିଆ ଶିଳ୍ପୀ ଅଶୋକ ମହାକୁଡ ସମସ୍ତଙ୍କ ମନ ଛୁଇଁଲା ଭଳିଆ ସୃଜନଶୀଳ ଚିତ୍ର ଆଙ୍କି ସୁଦୂର ରାଜସ୍ଥାନରେ କମାଲ ଦେଖାଇଥିବାରୁ ତାଙ୍କୁ ଲଳିତ କଳା ଏକାଡେମୀ ଏବଂ ଅନ୍ତରଙ୍ଗ କଳା ଓ ଶିକ୍ଷା ସଂସ୍ଥାନ ଦ୍ୱାରା ରାଷ୍ଟ୍ରୀୟ ଯୁବ କଳାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି।ଯାହା ଫଳରେ ଏଠାରେ ଖୁସିର ଲହରୀ ଖେଳିଯାଇଛି।ସୂଚନା ଯୋଗ୍ୟ ଯେ ରାଜସ୍ଥାନର ଟୋଙ୍କଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଅଶୋକ ସମ୍ମାନୀତ ହୋଇଥିଲେ।ଏହି ଅବସରରେ ଆୟୋଜିତ ୩ ଦିନିଆ ଏକ ଚିତ୍ର ଶିବିରରେ ଅଶୋକଙ୍କ ସୃଜନଶୀଳ ଚିତ୍ର ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।ଉକ୍ତ ଶିବିରରେ ରୁଷିଆ, ନେପାଳ ଓ ଭାରତର ବିଭିନ୍ନ ରାଜ୍ୟରୁ ୨୫୦ ଚିତ୍ରକର ଯୋଗ ଦେଇଥିଲେ। ଅଶୋକ ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ର।ଏହି ସମ୍ମାନ ପାଇଁ ଧଉଳି ଚାରୁକଳା ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ,ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ,ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା,ଚନ୍ଦନ କୁମାର ସାମଲ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଶୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଶୋକ ମହାକୁଡ଼ ଏବେ ନୂଆ ଦିଲ୍ଲୀରେ ରହି ନିଜ କଳା ଅଭ୍ୟାସ ଜାରି ରଖିଛନ୍ତି।ସେହିପରି ଗତ ଏପ୍ରିଲ ହରିଦ୍ୱାର ଠାରେ ବରାହୀ କ୍ରିଏସନ ଦ୍ୱାରା କଳାଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

# ଗଞ୍ଜେଇ ଜବତ, ଦୁଇ କାର୍ ସହ ୪ ଗିରଫ



ବ୍ରହ୍ମପୁର,୭।୧୦(ନିପ୍ର): ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ବେଳେ ବୁଧବାର ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହର ଉପକଣ୍ଠରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ମାଡ଼ି ବସିଥିଲା ଗୁଇନ୍ଦା ବିଭାଗ ଟିମ୍ । ଭୋର୍ ସକାଳୁ ସକାଳୁ ଦକ୍ଷିଣାଞ୍ଚଳ ଡ଼େପୁଟି କମିଶନର ଶ୍ରୁତିକାନ୍ତ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଏକ ଦୁଇଟି ସ୍ପେସିଆଲ୍ ଡ୍ରାଇଭ୍‌ର ପେଟ୍ରୋଲିଂ କରାଯାଇଥିଲା । ଏହି ସମୟରେ ବ୍ରହ୍ମପୁର ଉପକଣ୍ଠ ଅଟୋ ନଗର ନିକଟରେ ଏକ କେରଳ ନମ୍ବର ଥିବା ଦାମୀ କାର୍‌କୁ ଗୁଇନ୍ଦା ବିଭାଗ ପକ୍ଷରୁ ଯାଞ୍ଚ୍ କରାଯାଇଥିଲା । ଯାଞ୍ଚ୍ ବେଳେ ସେଥିରେ ଥିବା ୬୦ କେଜି ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଜବତ କରିଥିଲା ଅବକାରୀ ଗୁଇନ୍ଦା ବିଭାଗ ଟିମ୍ । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିଲା । ସେହିପରି ରମ୍ଭପୁର ଠାରେ ଡ୍ରାଇଭ୍ ପାଟ୍ରୋଲିଂରେ ଅବକାରୀ ଗୁଇନ୍ଦ ବିଭାଗ ଟିମ୍ ସନ୍ଦେହରେ ଏକ କାର୍‌କୁ ଅଟକାଇ ଯାଞ୍ଚ୍ କରାଯିବା ବେଳେ ୯୦ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଡ୍ରାଇଭରଙ୍କୁ ଗିରଫ କରିଥିଲା । ସେହିପରି ଗୋପାଳପୁର ଜଙ୍କସନ୍ ନିକଟରେ ଏକ ବାଇକ୍ ଚାଳକ ଉପରେ ସନ୍ଦେହ କରି ଯାଞ୍ଚ୍ କରିଥିବା ବେଳେ ସେଥିରୁ ୧୦ କେଜି ଗଞ୍ଜେଇ ଜବତ କରିଥିଲା ଅବକାରୀ ଗୁଇନ୍ଦା ବିଭାଗ ଟିମ୍ । ଏହିପରି୩ଟି ପୃଥକ୍‌ପୃଥକ୍ ମାମଲାରେ ଗଞ୍ଜେଇ ଚୋରା ଚାଲାଣ ନେଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା

## AFFIDAVIT

By virtue of an affidavit SL. No.07, Dt.07/10/2026, sworn before the Executive Magistrate Bhawanipatna,Kalahandi,I, Prabhasini Bag, W/o- Prem Sagar Bag ,Vill/Po- Kalam, Ps-Sadar Bhawanipatna,Pin-766002 Dist-Kalahandi, Odisha, declare that I have changed my name from Prabhasini Bagh(old name) to Prabhasini Bag (new name). Henceforth, I shall be known as Prabhasini Bag for all future purposes.

Prabhasini Bag
Deponent

## NOTICE

Before Notary Public, Bhubaneswar I, Dhirendra Kumar Khandelwal, S/O, Gyarsilal Khandelwal, currently residing at Flat 815, Balaji Complex, Jharpada, Bhubaneswar – 751006, do hereby solemnly affirm and declare that my name is inadvertently mentioned as Dhirendra Khandelwal in my son Raghav Khandelwal's educational documents: Class 10 and 12 Board Certificate and Marksheet. However, in other official documents it is mentioned as Dhirendra Kumar Khandelwal including my passport. I hereby declare that both the names in the above pertain to the one and same person Dhirendra Kumar Khandelwal. This declaration is made vide Affidavit No. W180528 dated 3rd October 2026. Henceforth I shall be known as Dhirendra Kumar Khandelwal for all future purposes.

## NOTICE

By virtue of an affidavit sworn before the Executive Magistrate , Nabarangpur dtd. 07th October 2026. I, BALARAM MAJHI ( NewName), permanent resident of Village/ Po- Kerla, Ps Kodi nga, in the District of Nabarangpur, Odisha, Pin No -764058, declare that I have changed my name from BUDURAM MAJHI ( Old Name) to BALARAM MAJHI ( New Name) ,Henceforth, I shall be known as BALARAM MAJHI ( New Name) for all purposes.

**BALARAM MAJHI**
**(New Name)**

## NOTICE

By virtue of an affidavit sworn before the Executive Magistrate Anugola on dated 06.10.2026,I Ushabati Sahu, W/o-Late Jayakrushna Sahu, Address At-Kainfuliasahi PO-Balaramprasad,Ps-Nalco Nagar , Dist-Anugola ,Odisha, PIN-759128 declare that I have changed my name from Usharani Sahu to Ushabati Sahu. Henceforth, I shall be known as Ushabati Sahu for all purposes.

**(Ushabati Sahu)**

## NOTICE

By virtue of an affidavit sworn before the Executive Magistrate Anugola on dated 05.10.2026,I Jhunu Sethi,W/o-Jadu Sethi, Address At-Kunjamura, PO-Batgaon,Ps-Naktideul,Dist-Sambalpur, Odisha,PIN-768106 declare that I have changed my name from Padmini Behera to Jhunu Sethi. Henceforth, I shall be known as Jhunu Sethi for all purposes.

**(Jhunu Sethi)**

## ପାତ୍ରୀ ଆବଶ୍ୟକ

ରୋଷେଇ କରିବା, ଲେଡିସ୍ ଡ୍ରେସ୍ ଦୋକାନ ସମ୍ଭାଳିବା ସହିତ ଜଣେ ପୁରୁଷ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ୩୫ ବର୍ଷରୁ କମ୍ ବୟସର ଅବିବାହିତା କିମ୍ବା ବିଧବା ମହିଳା ଆବଶ୍ୟକ। ରହିବା ଓ ଖାଇବା ମାଗଣା। କାମ ଓ ଯୋଗ୍ୟତା ଦେଖି ଦରମା ଦିଆଯିବ।

**ଯୋଗାଯୋଗ: ରମେଶ ବାବୁ**
**ମୋ: ୯୧୨୪୪ ୦୨୧୪୬**

## କବଲା ପଟ୍ଟା ହଜିଛି

ମୁଁ ଶ୍ରୀମତୀ ଗୀତା ବେହେରା ସ୍ୱାମୀ– ଭୀମସେନ ବେହେରା ପ୍ଲଟ ନଂ – ୧୪ , ଉଦୟବିହାର, ଫେଜ୍–୨, ପୋ – ପାରଦୀପଗଡ଼, ଜଗତସିଂହପୁର ଓଡିଶା ଘୋଷଣା କରୁଛି ଯେ ମୋ ନାମରେ ଥିବା ଉକ୍ତ କବଲା ନଂ –୧୧୩୧୦୧୪୩୯୨, ତା ୨୪/୧୧/୨୦୧୦ ଏବଂ ପଟ୍ଟାର ଖାତା ନଂ ୫୧୨/୪୩୨, ପ୍ଲଟ ନଂ ୦୭/ ୨୯୧୦, ଏରିଆ ଏକର ୦.୦୪୬ ଡିସିମିଲି ଦା. ଖା. କେଶ ନଂ ୪୧୮୩/ ୨୦୧୧ ମୌଜା ଘଙ୍ଗପାଟଣା, ଚନ୍ଦକା , ଭୁବନେଶ୍ୱର ତା ୧୬.୦୯.୨୦୨୬ରେ କଳ୍ପନାରୁ ଲିଙ୍ଗରାଜ ମନ୍ଦିର ଏରିଆରେ କେଉଁଠି ହଜିଯାଇଛି। ଏହାର କୌଣସି ସନ୍ଧାନ ନମିଳିବାରୁ ତା ୭.୧୦.୨୦୨୬ ଲିଙ୍ଗରାଜ ଥାନା କ୍ରମିକ ନଂ ୨୪୮୬୭୦୦୨୦୭୨୬୦୦୦୩୦ ଏତଲା ଦେଇଛି। ଉକ୍ତ କବଲା ଓ ପଟା କୌଣସି ବ୍ୟାଙ୍କ କିମ୍ବା ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖା ରଯାଇନାହିଁ। ଯଦି କୌଣସି ବ୍ୟକ୍ତି ପାଆନ୍ତି ମୋ ନଂ:୯୦୭୮୯୨୪୧୦୦ ରେ ଯୋଗାଯୋଗ କରିପାରିବେ।

# ଶହେ ବର୍ଷର ବାସିନ୍ଦାଙ୍କୁ ମିଳୁନି ଘରବାରି ପଟ୍ଟା, ରାଜସ୍ୱ ସଚିବଙ୍କୁ ଚିଠି




ଆସିକା, ୭/୧୦(ନିପ୍ର)ଗଞ୍ଜାମ ଜିଲ୍ଲା ଆସିକା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ ନମ୍ବର ୱାର୍ଡ ଲାଲାଶାସନ ଏବଂ ୧୭ ନମ୍ବର ୱାର୍ଡ ଲକ୍ଷ୍ମଣପଲ୍ଲୀ ରାଜସ୍ୱ ମୌଜାର ସ୍ଥାୟୀ ବାସିନ୍ଦାମାନେ ଏବେ ଘରବାରି ପଟ୍ଟା ଦାବିରେ ରାଜରାସ୍ତାକୁ ଓହ୍ଲାଇବାକୁ ଯାଉଛନ୍ତି। ଶହ ଶହ ବର୍ଷ ଧରି ପିଢି ପରେ ପିଢି ବସବାସ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଘରବାରି ପଟ୍ଟା ମିଳିପାରିଲା ନାହିଁ। ଏହାକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଭୟ ଗ୍ରାମର ଗ୍ରାମ୍ୟ କମିଟି ଏବଂ ୱାର୍ଡ କାଉନସିଲରମାନେ ମିଳିତ ଭାବେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡିଶା ସରକାର, ଭୁବନେଶ୍ୱରଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହି ଚିଠିର ନକଲ ଆସିକା ତହସିଲଦାର ଏବଂ ଛତ୍ରପୁର ଉପ–ଜିଲ୍ଲାପାଳଙ୍କୁ ମଧ୍ୟ ପଠାଯାଇଛି। ଚିଠି ଅନୁଯାୟୀ, ଲାଲାଶାସନ ଏବଂ ଲକ୍ଷ୍ମଣପଲ୍ଲୀ ହେଉଛି ଗ୍ରାମକଣ୍ଠ ପରାୟେଜ ଜମି। ଏଠାରେ ଲୋକେ ଶହ ଶହ ବର୍ଷ ହେଲା ବସବାସ କରୁଛନ୍ତି। ଜନସାଧାରଣଙ୍କ ଦାବି ପରେ ରାଜସ୍ୱ ବିଭାଗ ପତ୍ର ସଂଖ୍ୟା ୦୦୦୫୨୦୨୩/୨୦୦୮୩/ ତା୦୨.୦୭.୨୦୨୩ ରେ ସେଟଲମେଣ୍ଟ ଅପରେସନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହା ପରେ ୨୦୨୫ ମସିହା ଜାନୁଆରୀ ମାସରେ କ୍ଷମତା ପ୍ରାପ୍ତ ସଂସ୍ଥା . . ର କର୍ମଚାରୀ ଏବଂ ଆସିକା ରାଜସ୍ୱ ନିରୀକ୍ଷକ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସମାପନ କରିଥିଲେ। ସମସ୍ତ କାଗଜପତ୍ର ଜିଲ୍ଲାପାଳ ଗଞ୍ଜାମ ଏବଂ ଆସିକା ତହସିଲ କାର୍ଯ୍ୟାଳୟରେ ହସ୍ତାନ୍ତର ମଧ୍ୟ ହୋଇସାରିଛି। କିନ୍ତୁ ଦୁଃଖର ବିଷୟ, ଆସିକା ତହସିଲଦାର ନିଜେ ପତ୍ର ସଂଖ୍ୟା ୧୦୦୪୨, ତା୩୧.୦୮.୨୦୨୩ ରେ ୩୦.୦୯.୨୦୨୩ ସୁଦ୍ଧା ପଟ୍ଟା ପ୍ରଦାନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ୨୦୨୬ ଅକ୍ଟୋବର ହେଲାଣି, କୌଣସି ଅଗ୍ରଗତି ହୋଇନାହିଁ। ରାଜସ୍ୱ ବିଭାଗର ପତ୍ର ସଂଖ୍ୟା ୩୪୪୫, ତା୨୦.୦୮.୨୦୨୨ ଅନୁଯାୟୀ ମଧ୍ୟ ତହସିଲଦାରଙ୍କୁ ତୁରନ୍ତ କାର୍ଯ୍ୟ ସାରିବାକୁ କୁହାଯାଇଥିଲା। ଏହି ଅବହେଳାକୁ ନେଇ ଗତ ଗାନ୍ଧୀ ଜୟନ୍ତୀ ଦିନ ଉଭୟ ଗ୍ରାମର ଶତାଧିକ ବାସିନ୍ଦା ଆସିକାର ପ୍ରସିଦ୍ଧ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା କରିଥିଲେ। ସେଠାରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ଯେ, ଯଦି ଆସନ୍ତା ଏକ ମାସ ମଧ୍ୟରେ ଅର୍ଥାତ ୦୨.୧୧.୨୦୨୬ ପୂର୍ବରୁ ଘରବାରି ପଟ୍ଟା ପ୍ରଦାନ ପାଇଁ ପ୍ରକୃତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଉଭୟ ଗ୍ରାମର ଶତାଧିକ ବାସିନ୍ଦା ଆସିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ ଧାରଣାରେ ବସିବେ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଏହି ଚିଠିରେ ୧୭ ନମ୍ବର ୱାର୍ଡ କାଉନସିଲର , ୧୦ ନମ୍ବର ୱାର୍ଡ କାଉନସିଲର , ଲାଲାଶାସନ ଗ୍ରାମ କମିଟି ସଭାପତି ଏବଂ ଲକ୍ଷ୍ମଣପଲ୍ଲୀ ଗ୍ରାମ କମିଟି ସଭାପତି ଓ ସମ୍ପାଦକ ଦସ୍ତଖତ କରିଛନ୍ତି। ଏହାର ନକଲ ଜିଲ୍ଲାପାଳ ଗଞ୍ଜାମ, ଛତ୍ରପୁର ଉପଜିଲ୍ଲାପାଳ, ଆସିକା ତହସିଲଦାର, ଆସିକା ମ୍ୟୁନିସିପାଲିଟି ଅଧ୍ୟକ୍ଷ ଏବଂ ସେଟଲମେଣ୍ଟ ଅଫିସରଙ୍କୁ ପଠାଯାଇଛି।

# ବିଷ ପାନକରି ଯୁବକ ଗୁରୁତର

ବୁଗୁଡା୭/୧୦/୨୬ : ବୁଗୁଡ଼ା ନିକଟସ୍ଥ କତକଲା ଗ୍ରାମର ବବୁଲୁ ସ୍ୱାଇଁ ନାମକ ଜନୈକ ଯୁବକ ବିଷ ପାନକରି ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ବୁଧବାର ଅପରାହ୍ନରେ ବବୁଲୁ ମାନସିକ ଅଶାନ୍ତିରୁ ଚାଉଳ ପୋକମରା ବିଷ ଖାଇଦେଲା। ଏ କଥା ଜାଣିପାରି ପରିବାର ଲୋକେ ତାକୁ ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ପ୍ରାଥମିକ ଉପଚାର ପରେ ଅବସ୍ଥା ଗୁରୁତର ଥିବାରୁ ତାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ପିପୁଲ୍ସ କଲେଜରେ ପ୍ରସ୍ତୁତି ବୈଠକ

ବୁଗୁଡା,୦୭/୧୦(ନିପ୍ର) ସ୍ଥାନୀୟ ପିପୁଲ୍ସ କଲେଜରେ ଆଗାମୀ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ନିର୍ବାଚନ ପରିଚାଳନା ପାଇଁ ଏକ ୬ ଜଣିଆ କମିଟି ଗଠନ କରାଯାଇଥିବା ବେଳେ ସେଥିରେ ଆବାହକ ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଏବଂ ସଦସ୍ୟ ଭାବେ ଅଧ୍ୟାପକ ମନୋଜ କୁମାର ଦାସ, ସୁଶାନ୍ତ କୁମାର ସାହୁ, ସଞ୍ଜୟ କୁମାର ପ୍ରଧାନ, ଆତ୍ମ ପ୍ରକାଶ ନାୟକ ଓ ପ୍ରଦୀପ କୁମାର ଦାଶ ରହିଥିବା ଜଣାଯାଇଛି। ଏଥି ସହିତ ସରକାରୀ ମାର୍ଗ ଦର୍ଶିକା ଅନୁସାରେ ଅଧ୍ୟକ୍ଷ, ବରିଷ୍ଠ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ, ଏବଂ ୩ ଶେଷ ବର୍ଷର ଜଣେ ଛାତ୍ର ଓ ଛାତ୍ରୀଙ୍କୁ ନେଇ ୫ ଜଣିଆ ଅଭିଯୋଗ ଫଇସଲା କମିଟି ମଧ୍ୟ ଗଠନ କରାଯାଇଛି। ନିର୍ବାଚନର ସୁପରିଚାଳନା ସକାଶେ କଲେଜ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରାକ୍? ପ୍ରସ୍ତୁତି ବୈଠକରେ ଗଠିତ ନିର୍ବାଚନ ପରିଚାଳନା କମିଟିବୃନ୍ଦ ଏବଂ ଷ୍ଟାଫ୍? ଆସୋସିଏସନ ସେକ୍ରେଟାରୀ ଅଧ୍ୟାପକ ହିମାଂଶୁ ଶେଖର ରଥଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ନିର୍ବାଚନ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ଶେଷରେ ଷ୍ଟାଫ୍ ଆସୋସିଏସନର ସହସମ୍ପାଦକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଆଇଆର୍‌ରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ

# ଅକ୍ଟୋବର ୭ରୁ ତିନି ଦିନ ଜିଲ୍ଲାବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

କେନ୍ଦ୍ରାପଡ଼ା,୭।୧୦(ନି.ପ୍ର): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)–୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲା ସହିତ କେନ୍ଦ୍ରାପଡ଼ା ଜିଲାରେ ମଧ୍ୟ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହେବ। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା। ଯେଉଁ ଯୁବକ-ଯୁବତୀମାନେ ୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀ ଙ୍କ ନିକଟରେ ଆବେଦନ କରିପାରିବେ। ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ। ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ସିଇଓ ଓଡିଶାଙ୍କ ୱେବସାଇଟରେ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ। ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ। ଜିଲ୍ଲାସ୍ତରରେ ସମସ୍ତ ବୁଥସ୍ତରୀୟ ଅଧିକାରୀଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ। ବୁଥ ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ। ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଅକ୍ଟୋବର ୭, ୮ ଓ ୯ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି।

# ବର୍ଷାରେ ବେହାଲ ସୁକିନ୍ଦାର ରାସ୍ତାଘାଟ

## ତୁରନ୍ତ ମରାମତି ଓ ପୁନଃନିର୍ମାଣ ଦାବି କଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

ଦାନଗଦି/କଳିଙ୍ଗନଗର, ୭।୧୦(ନି.ପ୍ର): ଚଳିତ ବର୍ଷ ଅତ୍ୟଧିକ ବର୍ଷା ଯୋଗୁଁ ସମଗ୍ର ରାଜ୍ୟରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଶେଷକରି ବନ୍ୟା ପ୍ରଭାବିତ ଅଞ୍ଚଳ ସମେତ ଶିଳ୍ପ ଓ ଖଣି ଅଞ୍ଚଳରେ ଭାରୀଯାନ ଚଳାଚଳ ଯୋଗୁଁ ବହୁ ରାସ୍ତା ଅଧିକ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ସ୍ଥିତିରେ ସରକାର କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ଦରକାର ବୋଲି ଦାବି କରିଛନ୍ତି ସୁକିନ୍ଦାର ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ସୁକିନ୍ଦା ନିର୍ବାଚନମଣ୍ଡଳୀର କଳିଙ୍ଗନଗର ଓ ଖଣି ଅଞ୍ଚଳରେ ଅନେକ ପ୍ରମୁଖ ରାସ୍ତାର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଚୋରଦା-ଡୁବୁରୀ, ଦାନଗଦି-ପଙ୍କପାଳ ବିଜୁ ପଟ୍ଟନାୟକ ମାର୍ଗ, ରାବଣା-ଖୁରୁଣ୍ଟି ଗୋପବନ୍ଧୁ ମାର୍ଗ, ଡୁବୁରୀ-ବ୍ରାହ୍ମଣୀ ବ୍ରିଜ୍ ରାସ୍ତା, ଦାନଗଦିରୁ ୨୧୫ ନମ୍ବର ଜାତୀୟ ରାଜପଥ ସଂଯୋଗୀ ରାସ୍ତା, ଟମକା-ମଙ୍ଗଳପୁର ଏବଂ ସୁକିନ୍ଦା-ହାତୀବାରି ରାସ୍ତା ସମେତ ଅନେକ ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡ଼ିଛି। ଶିଳ୍ପ ଓ ଖଣି ଅଞ୍ଚଳ ହୋଇଥିବାରୁ ଏହି ରାସ୍ତାଗୁଡ଼ିକରେ ଦୈନିକ ବହୁ ସଂଖ୍ୟାରେ ଭାରୀଯାନ ଚଳାଚଳ କରୁଛି। ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହେବା ସହ ଅନେକ ସ୍ଥାନରେ ରାସ୍ତାର ପିଚୁ ଉଠିଯାଇଛି। ଏହାଦ୍ୱାରା ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ସାଧାରଣ ଲୋକଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ଏହି ପରିପ୍ରେକ୍ଷୀରେ ଉକ୍ତ ରାସ୍ତାଗୁଡ଼ିକର ପୁନଃନିର୍ମାଣ ଓ ଆବଶ୍ୟକ ମରାମତି କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଶ୍ରୀ ଘଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲୋକଙ୍କ ସୁରକ୍ଷିତ ଓ ସୁଗମ ଯାତାୟାତ ପାଇଁ ସରକାର ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଫୁଟପାଥ୍ ଉପରେ ଚେକପୋଷ୍ଟ ନିର୍ମାଣ: ଉଚ୍ଛେଦ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା,୭।୧୦(ନି.ପ୍ର): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୁହୁରିଆ ଠାରେ ୫୩ନମ୍ବର ଜାତୀୟ ରାଜପଥ କ୍ରସ କରୁଥିବାରୁ ସେଠାରେ ଓଭରବ୍ରିଜ ନିର୍ମାଣ ହୋଇଛି। ସେହି ଓଭର ବ୍ରିଜ ତଳେ ଏବଂ କଟକ-ଚାନ୍ଦବାଲି ରାସ୍ତାର ବାମପାର୍ଶ୍ୱରେ ଥିବା ଫୁଟପାଥ ଉପରେ ଏକ ପୋଲିସ ଚେକ ପୋଷ୍ଟ ବେଆଇନ ଭାବରେ ନିର୍ମାଣ କରାଯାଇଥିବାରୁ ତୁରନ୍ତ ସେହି ଚେକ୍‌ପୋଷ୍ଟକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେହି ଫୁଟପାଥ ଉପରେ ପରିବା, ଫଳ ଓ ଛତୁ ଦୋକାନ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଲୋକମାନଙ୍କୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଚ୍ଛେଦ କରାଯାଇଥିବା ବେଳେ ସେହି ସ୍ଥାନକୁ ଜୋରଜବରଦସ୍ତ ଦଖଲ କରି ପୋଲିସ ଚେକପୋଷ୍ଟ କରାଯିବା ଅତ୍ୟନ୍ତ ବେଆଇନ ଓ ଜନସ୍ୱାର୍ଥ ବିରୋଧୀ ବୋଲି ବିକାଶ ପରିଷଦ ସଭାପତି ଶ୍ରୀ ପରିଡା ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ଦାବି କରିଛନ୍ତି।

ସେହି ସ୍ଥାନରେ ଯାତ୍ରୀମାନେ କଟକ, ଭୁବନେଶ୍ୱରକୁ ଏବଂ ଚଣ୍ଡିଖୋଲକୁ ବସରେ ଯିବା ପାଇଁ ଅପେକ୍ଷା କରୁଥିବା ବେଳେ ଯାତ୍ରୀମାନଙ୍କ ସ୍ୱାର୍ଥ ବିରୋଧରେ ଯାଇ ସେଠାରେ ପୋଲିସ ଚେକ୍‌ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଜନସ୍ୱାର୍ଥ




ବିରୋଧୀ ବୋଲି ଶ୍ରୀ ପରିଡା କହିଛନ୍ତି। ଏହାଦ୍ୱାରା ସେହିସବୁ ଅଞ୍ଚଳକୁ ବସରେ ଯିବା ପାଇଁ ଅପେକ୍ଷାରତ ଲୋକମାନେ ରାସ୍ତା ଉପରେ ଛିଡା ହେବାକୁ ବାଧ ହେବେ ଏବଂ ଦୂର୍ଘଟଣାର ଶୀକାର ହୋଇ ବହୁ ମୂଲ୍ୟବାନ ଧନଜୀବନର କ୍ଷୟକ୍ଷତି ହେବ ବୋଲି ଶ୍ରୀ ପରିଡା ଅଭିଯୋଗ କରିଛନ୍ତି। ସେହିସ୍ଥାନରୁ ତୁରନ୍ତ ପୋଲିସ ଚେକପୋଷ୍ଟ ହଟାନଗଲେ ବାଧ ହୋଇ ଲୋକମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କୃଷକ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଶ୍ରୀ ପରିଡା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ଶ୍ୟାମପୁରର ମା’ ଆଦ୍ୟ ଦୁର୍ଗାଙ୍କ ଶାରଦୀୟ ପୂଜା

ଧାମନଗର,୭।୧୦(ନି.ପ୍ର): ଆସିଛି ଶାରଦୀୟ ପାର୍ବଣ ଋତୁ। ଚଳିତ ମାସ ୧୧ ତାରିଖରୁ ନବରାତ୍ରି ପୂଜା ଆରମ୍ଭ ହୋଇ ୧୯ ତାରିଖରେ ସମାପନ ହେବ। ସେହିପରି ୧୬ ତାରିଖରୁ ମୃଣ୍ମୟୀ ଦେବୀ ମଣ୍ଡପରେ ଆରମ୍ଭ ହେବ ବିଲ୍ୱବରଣ ପୂଜା। ନାନା ଆଲୋକରେ ଝଲସୁଥିବା ମଣ୍ଡପରେ ପୂଜା ପାଇବେ ଜଗତ ଜନନୀ ମା’ ଦୁର୍ଗା। ଦୋଳା ବାହନରେ ପୂଜା ମଣ୍ଡପକୁ ଆଗମନ କରିବେ ମା’ ଦୁର୍ଗା। ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁରର ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ସମୟର ଅନୁଷ୍ଠାନ ମା’ ଆଦ୍ୟ ଦୁର୍ଗା ଠାକୁରାଣୀ ପୂଜାଛ ପ୍ରାୟ ପାଞ୍ଚ ପୁରୁଷ ଧରି ଏହି ଶାରଦୀୟ ମଣ୍ଡପରେ ପୂଜା ପାଇ ଆସୁଛନ୍ତି ମା’ ଦୁର୍ଗା ଠାକୁରାଣୀ। ଆଜକୁ ଦୁଇଶହ ବର୍ଷ ପୂର୍ବରୁ ସ୍ୱର୍ଗତ ମୋହନୀ ରାମ, ଫକୀର ରାମ, ମଦନ ରାମ, ନର ରାମ ଓ ସୁରେନ୍ଦ୍ର ରାମଙ୍କ ପର୍ଯ୍ୟନ୍ତ ପୁରୁଷାନୁକ୍ରମେ ଚାଲିଥିବା ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଅତି ପୁରାତନ। ଏହି ଅନୁଷ୍ଠାନର ପଞ୍ଚମ ପିଢ଼ିର ଦାୟାଦ ସ୍ୱର୍ଗତ ସୁରେନ୍ଦ୍ର (ବାବୁଲି) ରାମଙ୍କ ସ୍ୱର୍ଗାରୋହଣ ପରେ ତାଙ୍କ ସାନଭାଇ ଦେବେନ୍ଦ୍ର କୁମାର ରାମ ଏହି ପୂଜା କମିଟିର ସଭାପତି ଓ ସୁପୁତ୍ର ଆଇନଜୀବୀ ବିଜୟ କୁମାର ରାମ ସାଧାରଣ ସମ୍ପାଦକ ଦାୟିତ୍ୱ ନିର୍ବାହ ପୂର୍ବକ ନୀତିକାନ୍ତିର ସହ ମା’ ଙ୍କ ପୂଜା କାର୍ଯ୍ୟ ତୁଲାଇ ଆସୁଛନ୍ତି। ବର୍ଣ୍ଣାଢ଼୍ୟ ତଥା ଭକ୍ତି ଭାବର ସହ ଏହି ପାବନ ପୀଠ ଅନୁଷ୍ଠାନଟି ଧାମନଗର ଅଞ୍ଚଳର ସର୍ବ ପୁରାତନ ବୋଲି ବହୁ ବୟସ୍କ ମାନେ ମତ ଦିଅନ୍ତି। ସ୍ଥାନୀୟ ଅଞ୍ଚଳର ଶିଳ୍ପୀ ସୂର୍ଯ୍ୟମଣି ବାରିକ ଓ ସାଥୀ ଏହି ପୀଠରେ ଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣରେ ନିମଗ୍ନ ଅଛନ୍ତି। ଏହି ପୀଠରେ ଚଳିତ ମାସ ୧୭ ତାରିଖ ଶନିବାର ସପ୍ତମୀ ପୂଜା ସହିତ ରବିବାର ସାଧାରଣ ପୂଜା, ସୋମବାର ମହାଷ୍ଟମୀ,



ମଙ୍ଗଳାବର ମହାନବମୀ ପୂଜା ଓ ୨୧ ତାରିଖ ବୁଧବାର ବିଜୟା ଦଶମୀ ବା ଦଶହରା ପର୍ବ ପାଳନ ହେବ। ଏହି ପୁରାତନ ପୂଜା ମଣ୍ଡପ ସହିତ ଧାମନଗର ଥାନା ଅଞ୍ଚଳରେ ୧୬ ଟି ଓ ଧୂଷୁରୀ ଥାନା ଅଞ୍ଚଳରେ ୧୭ ଟି ପୂଜା ମଣ୍ଡପରେ ମା’ ଜଗତ ଜନନୀ ଦଶଭୁଜା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଥିବା ବେଳେ ଦେବୀଙ୍କ ଷୋଡ଼ଶ ଉପଚାରରେ ପୂଜା ଭକ୍ତି ଓ ଭାବର ସହ ଅନୁଷ୍ଠିତ ହେବ।

## ପ୍ରେସ କ୍ଲବ ପକ୍ଷରୁ ସାଧାରଣ ଜ୍ଞାନ ପ୍ରତିଯୋଗିତା, ଭାଗ ନେଲେ ୪୧ ଛାତ୍ରଛାତ୍ରୀ

ଖୁଣ୍ଟା,୭।୧୦(ନି.ପ୍ର): ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବାରିପଦା ଓ କୁଆମରା ଦୁଇ କ୍ଲଷ୍ଟରରୁ ମୋଟ ୪୧ ଜଣ ଛାତ୍ର ଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ର ଶୁଭମ୍ ମହାପାତ୍ର ପ୍ରଥମ, ରିଜିଓନାଲ



ଏକାଡେମୀର ଛାତ୍ରୀ ସୁଗନ୍ଧା ପୃଷ୍ଟି ଦ୍ୱିତୀୟ ଓ ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟର ଛାତ୍ର ବାଦଲ ବାସ୍କେ ତୃତୀୟ ଭାବେ ବିବେଚିତ ହୋଇଛନ୍ତି। ଶିକ୍ଷକ ଅଶ୍ୱନୀ କୁମାର ବେହେରା ଓ ରାଜେଶ ମଲ୍ଲିକ ମୂଲ୍ୟାୟନ କରିଥିଲେ। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଓ ଉପ ସଭାପତି ଚିତ୍ତରଞ୍ଜନ ଦଳେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଶାନ୍ତନୁ କୁମାର ମଢୁଆଲ, ବିଶ୍ୱଜିତ ଦାଶ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦକ ଡ଼ଃ କୁମାର ବାବୁଲି, ରଞ୍ଜନ କୁମାର ମଢୁଆଲ, ଦୀପକ କୁମାର ଚୈଧୁରୀ, ସମ୍ବିତ କୁମାର ରାଉତ, ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ସ, ସୂର୍ଯ୍ୟକାନ୍ତୀ ପୁହାଣ, ମାଣିକ ହେମ୍ବ୍ରମ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

# ଖାଦ୍ୟ ସୁରକ୍ଷା ବିଭାଗ ଓ ପୋଲିସର ମିଳିତ ଚଢ଼ାଉ

କେନ୍ଦ୍ରାପଡ଼ା,୭।୧୦(ନି.ପ୍ର): ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଖାଦ୍ୟର ଗୁଣବତ୍ତା ଓ ନିରାପତ୍ତା ଯାଞ୍ଚ ପାଇଁ କେନ୍ଦ୍ରାପଡ଼ା ସହରରେ ଖାଦ୍ୟ ସୁରକ୍ଷା ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ସହରର ତିନିମୁହାଣୀଠାରୁ ଦୁହୁରିଆ ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ଖାଦ୍ୟ ଦୋକାନ ଓ ଅନ୍ୟାନ୍ୟ ଖାଦ୍ୟ ପ୍ରତିଷ୍ଠାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ବାସୀ ଓ ଅତ୍ୟଧିକ ରଙ୍ଗ ମିଶ୍ରିତ ଖାଦ୍ୟ ସମେତ ପ୍ରାୟ ୫୫ କେଜି ଅନୁପଯୁକ୍ତ ଖାଦ୍ୟ ଚିହ୍ନଟ କରାଯାଇ ନଷ୍ଟ କରାଯାଇଛି। ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ ୧୦ ଜଣ ବ୍ୟବସାୟୀଙ୍କଠାରୁ ମୋଟ ୧୯,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ନମିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଖାଦ୍ୟ ସୁରକ୍ଷା ଅଧିକାରୀ ଭରତ ଭୂଷଣ ସ୍ବାଇଁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ପୋଲିସ ଟିମ୍ ମଧ୍ୟ ସାମିଲ ହୋଇଥିଲା। ପାର୍ବଣ ସମୟରେ ଖାଦ୍ୟର ଚାହିଦା ବଢୁଥିବାରୁ ଅନୁପଯୁକ୍ତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉକୁ ଜୋରଦାର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷକରି ବିଭିନ୍ନ ଫୁଡ୍ ଷ୍ଟଲ୍, ହୋଟେଲ, ମିଠା ଦୋକାନ, ଗୁପଚୁପ ଓ ଅନ୍ୟାନ୍ୟ ଖାଦ୍ୟ ବିକ୍ରୟ କେନ୍ଦ୍ରରେ ନିୟମିତ ଯାଞ୍ଚ କରାଯିବ। ଖାଦ୍ୟ ବ୍ୟବସାୟୀମାନେ ଖାଦ୍ୟର ଗୁଣବତ୍ତା, ପରିଚ୍ଛନ୍ନତା ଓ ଖାଦ୍ୟ ସୁରକ୍ଷା ନିୟମ ପାଳନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଜନସାଧାରଣ ମଧ୍ୟ ଖାଦ୍ୟ କିଣିବା ସମୟରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

# ଦେଶୀ ମହୁଲି ଜବତ, ଜଣେ ଗିରଫ

ଭଦ୍ରକ,୭।୧୦(ନି.ପ୍ର): ଭଦ୍ରକ ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ ଏବଂ ଅବକାରୀ ଉପ-ଅଧିକ୍ଷକ ସୁଚରିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଦ୍ରକ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ରେ ଅତିରିକ୍ତ ଅବକାରୀ ନିରୀକ୍ଷକ ନଟବର ମଲ୍ଲିକ, ରାଜକିଶୋର ଜେନା ଙ୍କ ସହ ମିଥୁନ ଜେନା, ଅଜୟ ଦାସ ସଦଳବଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅର୍ଣ୍ଣପାଳ ବେଲଦା ଛକରେ ନିୟମିତ ଅବକାରୀ ଚଢ଼ାଉ ସମୟରେ ସେହିଁ ରାସ୍ତା ଦେଇ ଆସୁଥିବା ଏକ କାର କୁ ସନ୍ଦେହ ରେ ଅଟକାଇଥିଲା ଟିମ ତେବେ ଯାଞ୍ଚ ବେଳେ ଗାଡ଼ିରୁ ୪୫୦ ଲିଟର ଦେଶୀ ମହୁଲି ଜବତ କରାଯିବା ସହ ଏହି ମାମଲାରେ ଅବକାରୀ ପୋଲିସ ସେହି ବେଲଦା ଗ୍ରାମର ସିପୁ ଜେନାଙ୍କୁ ଗିରଫ କରିଛି ଏବଂ ଅବକାରୀ କେଶ ନମ୍ବର ୩୨୦/୨୬-୧୭ରେ ଏକ ମାମାଲ ରୁଜୁ କରି ସିପୁ ଜେନାଙ୍କୁ ଗିରଫ କରାଯିବା ସହ ଏହି ମାମଲା ରେ ଜବତ ଏକ କାର କୁ ମଧ୍ୟ ଜବତ କରିଛି ଏବଂ ଜବତ ମହୁଲି ର ମୂଲ୍ୟ ୫୦ ହଜାର ଟଙ୍କା ହେବାନେଇ ସୂଚନା ଦେଇଛି ଅବକାରୀ ପୋଲିସ ।

# ଗୁଣିଗାରେଡ଼ି ଆଳରେ ମହିଳାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର/ବିଶୋଇ,୭।୧୦(ନି.ପ୍ର): ଗୁଣିଗାରେଡ଼ି ଆଳରେ ଜଣେ ନବ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗୁଣିଆ ଲକ୍ଷ୍ମଣ ଲୋହାର (୭୦)କୁ ଗିରଫ କରିଛି ପୋଲିସ । ଅଭିଯୋଗ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳର ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ବିବାହ ପରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ପକ୍ଷରୁ ନବ ବିବାହିତ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିଲା। ସେଥିରୁ ମୁକ୍ତି ପାଇବା ପାଇଁ ସେ ବିଶୋଇ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ଜଣେ ଗୁଣିଆଙ୍କ ଆଶ୍ରୟ ନେଇଥିଲେ । ଗୁଣିଆ ଜଣକ ସବୁ ଠିକଠାକ୍ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗୁରୁବାର ରାତିରେ ଗୁଣିଆଜଣକ ସ୍ୱତନ୍ତ୍ର କରି ତାଙ୍କ ସ୍ୱାମୀଙ୍କୁ ଫେରାଇ ଆଣିବାର ପ୍ରତିଶ୍ରୁତି ଦେଇଥିଲେ। ଏହାରି ଆଳରେ ତାଙ୍କ ସହ ଚାରିଦିନ ଧରି ଦୁଷ୍କର୍ମ କରାଯାଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି । ଚାରିଦିନ ପରେ ମଧ୍ୟ ସ୍ୱାମୀଙ୍କୁ ଫେରାଇ ଆଣିବାରେ ଗୁଣିଆ ବିଫଳ ହେବା ପରେ ମହିଳାଙ୍କୁ ଘରକୁ ଚାଲିଯିବାକୁ କହିଥିଲେ । ତେବେ ପୀଡ଼ିତା ଜଣକ ଜାଣି ପାରିଲେ ଯେ ଗୁଣିଆ ଜଣକ ଭଣ୍ଡ । ଏଣୁ ପୀଡ଼ିତା ନିଜେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ଡାକିବା ପରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତରଖାନା ପକ୍ଷରୁ ଘଟଣା ସମ୍ପର୍କରେ ରାଇରଙ୍ଗପୁର ଟାଉନ ଥାନାକୁ ସୂଚନା ଦିଆଯିବା ପରେ ମଙ୍ଗଳବାର ବିଶୋଇ ପୋଲିସ ପହଞ୍ଚି ପୀଡ଼ିତାଙ୍କ ଡାକ୍ତରୀମାଇନା କରିଛି । ଏନେଇ ବିଶୋଇ ଥାନାରେ କେଶ ନଂ-୨୧୮ ରେ ଏକ ମାମଲା ରୁଜୁ ହେବା ପରେ ଅଭିଯୁକ୍ତ ଗୁଣିଆକୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି । ବିଶୋଇ ଥାନା ଏସ ଆଇ ରଶ୍ମିତା ଦାସ ଘଟଣାର ତଦନ୍ତ କରୁଛନ୍ତି।

# ଏସ୍‌ଜି କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ପାର୍ଥୀ ଘୋଷଣା କଲା ବିଜୁ ଛାତ୍ର ଜନତାଦଳ

ଦଶରଥପୁର,୭।୧୦(ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ ଚଳ ଚଞ୍ଚଳ ହୋଇଉଠିଛି ଯାଜପୁର ଜିଲ୍ଲା। ଦଶରଥପୁର ବ୍ଲକ କନିକାପଡା ସ୍ଥିତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ)। ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ବିଜୁ ଛାତ୍ର ଜନତାଦଳ ତରଫରୁ ଏକ ପ୍ୟାନେଲ ମିଟିଂ ଅନୁଷ୍ଠିତ ହୋଇଥିବା ବେଳେ ଇଂ ତିମିରକାନ୍ତ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର,ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, କନିକାପଡାର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ୬ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ,ମଙ୍ଗଳପୁର ପଂଚାୟତ ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ,ନନ୍ଦିପୁରର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତି,କନିକାପଡା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ରାକେଶ ସାହୁ,କନିକାପଡା ସରପଞ୍ଚ ପ୍ରଦୀପ ଯେନା,ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ,ଜୟନ୍ତରା ସରପଞ୍ଚଙ୍କ ପ୍ରତିନିଧି ଅଜିତ ସାମଲ,ଦଶରଥପୁର ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ସଂଜୀତ ମହାନ୍ତି,ପୂର୍ବତନ ଛାତ୍ର ସଂସଦ ସଭାପତି ଦୀପକ ବାରିକ,ଯୁବନେତା ବିରଜା ମଲ୍ଲିକ,ରାକେଶ କୁମାର ଜେନା,ବୃନ୍ଦାବନ



ଦାସ,ବେଦପ୍ରକାଶ ଜେନା,ହିମାଂଶୁ ପରିଡା, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ,ଯୁବନେତା ବିଜୟ ରାଉତ,ଛାତ୍ର ନେତା ଚିନ୍ମୟ ମାହୁନ୍ତ,ସୁମନ ନାୟକ,ହିମାଂଶୁ ନାୟକ,ବିଶ୍ୱଜିତ ଦାସ,ଅବିନାଶ ମଲ୍ଲିକ,ପ୍ରସନ୍ନ ଜିତ ମହାପାତ୍ର,ରାଜେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମହାବିଦ୍ୟାଳୟ ପାଇଁ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିବାରୁ ତାଙ୍କ ସମୟରେ ନାକ ଟିମ ପରିଦର୍ଶନ କରି ମହାବିଦ୍ୟାଳୟକୁ ବି ମାନ୍ୟତା ପ୍ରଦାନ କରିଥିଲେ। ଏଥିସହ ମହାବିଦ୍ୟାଳୟର ଭିତିଭୂମିର ବିକାଶ ପାଇଁ ନବିନ ସରକାର ସମୟରେ ବିଧାୟକ ଶ୍ରୀ ଦାସଙ୍କ ଉଦ୍ୟମ କ୍ରମେ ମହାବିଦ୍ୟାଳୟକୁ ୧୫ କୋଟି ଟଙ୍କା ଅନୁଦାନ ଯୋଗେଇ ଦେଇଥିବା ବେଳେ ଆଜିକି ଅଢେଇ ବର୍ଷ ହେବ ସରକାର ବଦଳି ରାଜ୍ୟରେ ଡବଲ ଇଂଜିନ ସରକାର କ୍ଷମତାକୁ ଆସିଥିଲେ ମଧ୍ୟ ବିଜେଡି ସରକାର ସମୟର ୧୫ କୋଟି ଟଙ୍କା ଖର୍ଚ୍ଚ କରିବାରେ ବିଜେପି ସରକାର ବିଫଳ ହୋଇଛି ବୋଲି କହିଥିଲେ । ଏଥିସହ ନବିନ ସରକାର ସମୟରେ କଲେଜ ଛାତ୍ର ଛାତ୍ରୀଙ୍କୁ ଷ୍ଟାଇପେଣ୍ଟ ଦିଆଯାଉଥିଲା ଯେଉଁ ଟଙ୍କାରେ ବହୁ ଗରିବ ଛାତ୍ର ଛାତ୍ରୀ ବହୁ ଉପକୃତ ହେଉଥିଲେ ହେଲେ ରାଜ୍ୟରେ ମୋହନ ସରକାର ଆସିବା ପରେ ଷ୍ଟାଇପେଣ୍ଟ ବନ୍ଦ କରି ଦେବା ଫଳରେ ଏଥିପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ନିରାଶ ହେବା ପାଇଁ ପଡିଛି ବୋଲି ଛାତ୍ର ନେତା ମାନେ ବକ୍ତବ୍ୟ ରଖିଥିଲେ। ତେଣୁ ଏଥର ଛାତ୍ର ସଂସଦ ନିର୍ବାଚନରେ ଶାସକ ଦଳକୁ ଉଚିତ ଜବାବ ଦିଆଯିବ ବୋଲି ଛାତ୍ର ନେତା ଦେବାଶିଷ ଦାସ କହିଥିଲେ। ଶେଷରେ ଏହି ବୈଠକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ପ୍ରାର୍ଥୀ ଘୋଷଣା କରିଥିଲେଛସଭାପତି ଦେବାଶିଷ ଦାସ,ଉପସଭାପତି ସତ୍ୟ ନୟନ ପରିଡା,ସମ୍ପାଦିକା ପ୍ରଜ୍ଞ୍ୟା ପରମିତା ପତି,ସହ-ସମ୍ପାଦକ ସ୍ବରାଜ ସେନାପତି,ଡ୍ରାମାଟିକ ସେକ୍ରେଟାରୀ ଶୁଭମ ଦାସ, ଆଥଲେଟିକ ସେକ୍ରେଟାରୀ ସଂଗ୍ରାମ ରାଉତ,ସୋସାଇଟି ସେକ୍ରେଟାରୀ ସତ୍ୟଜିତ ମଲ୍ଲିକ,କମର୍ଶ ସୋସାଇଟି ସମ୍ପାଦକ ରୁଦ୍ର ନାରାୟଣ ପଣ୍ଡା,ବାଳିକା କମନରୁମ ରିପ୍ରେଜେଣ୍ଟେଟିଭି ଶୁଭଶ୍ରୀ ମହାପାତ୍ର,କ୍ଲାସ ରିପ୍ରେଜେଣ୍ଟେଟିଭ ଅଭିଜିତ କବିଙ୍କ ନାମ ବିଜୁ ଛାତ୍ର ଜନତାଦଳ ତରଫରୁ ଘୋଷଣା କରାଯାଇଥିବାବେଳେ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟର ପ୍ରାୟ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତେବେ ଚଳିତ ବର୍ଷ ଏସଜି କଲେଜରେ ବିଜେପି ବିଜେଡି ମଧ୍ୟରେ କଣ୍ଟା ଟକ୍କର ହେବ ବୋଲି ଜଣା ପଡୁଛି ।

## ଭୋଟର ନାମ ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

# ୭ରୁ ବୁଥ୍‌ସ୍ତରରେ ସ୍ୱତନ୍ତ୍ର ଶିବିର

ଭଦ୍ରକ,୭।୧୦(ନି.ପ୍ର): ଭାରତୀୟ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟର ଏବଂ ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ବତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅଭିଯାନର ସୁଚାରୁ ରୂପାୟଣ ପାଇଁ ଅକ୍ଟୋବର ୭ ତାରିଖରେ ସମସ୍ତ ଏଇଆରଓଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାରେ ବିଭିନ୍ନ ବ୍ଲକସ୍ତରରେ ବୁଥ୍ ଲେଭେଲ୍ ଅଫିସର (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଶିକ୍ଷଣ ସମୟରେ ଯୋଗ୍ୟ ଭୋଟରଙ୍କ ଚିହ୍ନଟ ଓ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ବିଏଲଓ ଓ ସୁପରଭାଇଜରମାନଙ୍କୁ ସଚେତନ କରାଯାଇଛି। ସ୍ବତନ୍ତ୍ର ଅଭିଯାନର ଅଂଶ ଭାବେ ଅକ୍ଟୋବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ବୁଥସ୍ତରରେ ସ୍ବତନ୍ତ୍ର ଶିବିର ଆୟୋଜିତ ହେବ। ଏହି ଶିବିରଗୁଡ଼ିକରେ ବିଏଲଓମାନେ ଉପସ୍ଥିତ ରହି ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କିତ ସହାୟତା ପ୍ରଦାନ କରିବେ। ଭୋଟର ତାଲିକାକୁ ସଠିକ୍, ସମ୍ପୂର୍ଣ୍ଣ ଓ ସମାବେଶୀ କରିବା ସହିତ କୌଣସି ଯୋଗ୍ୟ ନାଗରିକ ଯେପରି



ପଞ୍ଜୀକରଣରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ BLO ଓ ସୁପରଭାଇଜରମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରଶିକ୍ଷଣରେ ନିର୍ଦ୍ଦେଶ ଦିଆଯାଇଛି। ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ଯୁବକ-ଯୁବତୀ ଏବଂ SIR-୨୦୨୬ ସମୟରେ କୌଣସି କାରଣରୁ ଭୋଟର ତାଲିକାରେ ନାମ ସାମିଲ ହୋଇପାରିନଥିବା ବ୍ୟକ୍ତିମାନେ ନିଜ ଅଞ୍ଚଳର ବିଏଲଓଙ୍କ ନିକଟରେ ଯୋଗାଯୋଗ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ କରାଇପାରିବେ। ନିର୍ବାଚନ ଆୟୋଗର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଥର ଘୋଷଣାପତ୍ର ଦାଖଲ କରିବାର ଆବଶ୍ୟକତାକୁ ହଟାଇ ଦିଆଯାଇଛି। ତେଣୁ ଭଦ୍ରକ ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦୁପଯୋଗ କରି ନିଜ ନାମ ଭୋଟର ତାଲିକାରେ ସାମିଲ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

# ଚର୍ଚ୍ଚାରେ ତାଳଚୁଆ ନୋଡାଲ ୟୁପି ସ୍କୁଲ

କେନ୍ଦ୍ରାପଡ଼ା,୭।୧୦(ନି.ପ୍ର): ରାଜନଗର ବ୍ଲକ ଅନ୍ତର୍ଗତ ତାଳଚୁଆ ନୋଡାଲ ୟୁପି ସ୍କୁଲ ଏସଏମସି କମିଟିକୁ ନେଇ ଏବେ ଦିନକୁ ଦିନ ଚର୍ଚ୍ଚା ଯୋର ଧରିବାକୁ ଲାଗିଛି । ଉକ୍ତ ବିଦ୍ୟାଳୟରେ ପ୍ରାୟ ୩୫୦ରୁ ଅଧିକ ଛାତ୍ର ଛାତ୍ରୀ ଦୈନାଦିନ ଆଖପାଖ ଅଞ୍ଚଳର ପାଠ ପଢନ୍ତି। ହେଲେ ସବୁଠୁ ବଡ଼କଥା ହେଉଛି ଉକ୍ତ ବିଦ୍ୟାଳୟରେ ଦୀର୍ଘଦିନ ହେଲାଣି ଲେବୁଲ ଥ୍ରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପୋଷ୍ଟଟି ଫାଙ୍କା ପଡିଥିଲା। ଦାୟୀତ୍ୱରେ ଥିବା ଶିକ୍ଷକ ବହୁ କଷ୍ଟେ ମଷ୍ଟେ ପିଲାମାନଙ୍କୁ ଏସଏମସି କମିଟି ସଭାପତି ଉପସଭାପତିଙ୍କ ନିଷ୍ପତି କ୍ରମେ ମଧ୍ୟାହ୍ନ ଭୋଜନ ନିମନ୍ତେ ପାଖ ଦୋକାନ ମାନଙ୍କରୁ ଧାର କରଜକରି ଖାଇବାକୁ ଦେଇ ଆସୁଥିଲେ। କିଛିଦିନ ପରେ ସେ ବିଲ ମଧ୍ୟ ବିଇଓ ସାର ପାସ କରିଦେଇଥିଲେ । ଏପରିକି ବେଳେ ବେଳେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ମାନଙ୍କ ଉପସ୍ଥାନ ସଂଖ୍ୟା ୨ଶହ ଥିବାବେଳେ ମଧ୍ୟ ୩ଶହ ଛାତ୍ର ଛାତ୍ରୀ ଉପସ୍ଥିତ ଅଛନ୍ତି ବୋଲି ମିଥ୍ୟା ବିଲ ଦିଆ ଯାଇଥାଏ। ଯାହା ଫଳରେ ସରକାରଙ୍କୁ ମଧ୍ୟ ଅଧିକାଂଶ ସମୟରେ ଭୁଲ ତଥ୍ୟ ବାରମ୍ବାର ଦେଇ ଫଲସ୍ ବିଲକରି ଏସଏମସି କମିଟି ମେମ୍ବର ମନେ ସମସ୍ତେ ମିଳିତ ଭାଗିଦାରୀରେ ଠକି ଅଣ୍ଡା, ଚାଉଳ, ଡାଲି ଟଙ୍କା ସବୁ ଲୁଟପାଟ କରି ଖାଇ ଆସୁଥିଲେ। ହେଲେ ଏହି କିଛିଦିନ ହେବ ଉକ୍ତ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ନାମକ ପ୍ରଧାନ ଶିକ୍ଷୟିତ୍ରୀ ଯୋଗଦେବା ପରେ ନିଜ ପକେଟରୁ ୭ ରୁ ୮ ହଜାର ଟଙ୍କା ଖର୍ଚ୍ଚକରି ପ୍ରତିଦିନ ସେହି ଏସଏମସି କମିଟି ନିଷ୍ପତ୍ତି କ୍ରମେ ବିଭିନ୍ନ ସ୍ଥାନୀୟ ଦୋକାନରୁ ସେ ମଧ୍ୟ ଧାର କରଜ କରି ପିଲା ମାନଙ୍କୁ ମଧ୍ୟାନ ଭୋଜନ ଖାଇବାକୁ ଦେଇ ଆସୁଥିଲେ । ଏସଏମସି କମିଟି ସଦସ୍ୟ ସଦସ୍ୟା ମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଯୋର ଜବରଦସ୍ତ ବଟି ମାଗିଥିଲେ । ଆମକୁ ଆଗଭଳି ପରସେଣ୍ଟେଟେଜ ନଦେଲେ ବିଲରେ ଆମେ କଦାପି ସାଇନ କରିବୁ ନାହିଁକି କିମ୍ବା ବିଲ ମଧ୍ୟ ପାସ କରାଇ ଦେବୁନାହିଁ ବୋଲି ରୋକଠୋକ ମନାକରି ଓଲଟି ମିଡ଼ିଆ ଡାକି ବିଦ୍ୟାଳୟ ନାମରେ କିଛି କୁଚକ୍ରୀ ଗୋଷ୍ଠୀ ସମ୍ପୂର୍ଣ୍ଣ ମିଥ୍ୟା ନିୟୁଜ ପ୍ରସାରଣ କରି ବିଦ୍ୟାଳୟ ସମେତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦନାମ କରିବାକୁ ଏକ ସ୍ୱତନ୍ତ୍ର ଷଡଯନ୍ତ୍ର ଏବଂ ଯୋଜନା ପ୍ରସ୍ତୁତ କରିଥିବା ଭଳି ଏକ ସଂଗୀନ ମୂଳକ ଅଭିଯୋଗ ଏବେ ସାମ୍ନାକୁ ଆସିଛି । ଏ ସମ୍ବନ୍ଧରେ ରାଜନଗର ବିଇଓଙ୍କୁ ଟେଲିଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିବାପରେ ମଧ୍ୟ ବିଇଓ ଗଣମାଧ୍ୟମର କୌଣସି ଫୋନ ଉଠାଇ ନଥିଲେ କି କୌଣସି ପ୍ରତିକ୍ରିୟା ଦେଇ ନଥିବା କିଛି ଗ୍ରାମବାସୀ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନଙ୍କଠାରୁ ସୂଚନା ମିଳିଛି। ଏଥିପ୍ରତି ତୁରନ୍ତ ବିଇଓ ଏବଂ ଜିଲ୍ଲାପାଳ ହସ୍ତକ୍ଷେପ କରି ପିଲା ଏବଂ ସ୍କୁଲର ଭବିଷ୍ୟତକୁ ଆଖି ଅଗରେ ରଖି ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ଯୋର ଧରିଥିବା ଦେଖିବାକୁ ମିଳିଛି ।

# ବିକଶିତ ଭାରତ ନିର୍ମାଣ ପାଇଁ ‘ଏକ ବିକଶିତ ଭାରତ’ ପ୍ରତିଜ୍ଞା

ଯାଜପୁର,୭।୧୦(ନି.ପ୍ର): ଯାଜପୁରରେ ଅନୁଷ୍ଠିତ ହୋଇଯାଇଛି ‘ବିକଶିତ ଭାରତ ସଂକଳ୍ପ’ ଶୋଭାଯାତ୍ରା ଓ ସଭା। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ନିକଟରୁ ବାହାରିଥିବା ଏକ ବିଶାଳ ଶୋଭାଯାତ୍ରା




ଜିଲ୍ଲା ପ୍ରଶାସନିକ ଭବନ ପରିସରରେ ପହଞ୍ଚିଥିଲା। ପରେ ପ୍ରଶାସନିକ ଭବନ ପଡ଼ିଆରେ ଆୟୋଜିତ ହୋଇଥିଲା ବିକଶିତ ଭାରତ ସଂକଳ୍ପ ସଭା। ବିଜେପି ଯାଜପୁର ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡ଼.ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ ଏବଂ ଯାଜପୁର ଜିଲ୍ଲା ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନଲାଇନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ବିକଶିତ ଭାରତ ଗଠନ ନେଇ ଅଭିଭାଷଣ ରଖିଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଓ ଆତ୍ମନିର୍ଭର ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ନେଇ ଦେଶବାସୀଙ୍କୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହା ସହ ଯାଜପୁର ପ୍ରଶାସନିକ ଭବନ ପରିସରରେ ‘ଏକ ବିକଶିତ ଭାରତ’ ପ୍ରତିଜ୍ଞା କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଶତାଧିକ ଲୋକ ଏଥିରେ ସାମିଲ ହୋଇ ଦେଶର ଐକ୍ୟ, ଅଖଣ୍ଡତା ଓ ସମ୍ବିଧାନ ପ୍ରତି ସମ୍ମାନ ବଜାୟ ରଖିବା ସହ ନିଜ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବା ପାଇଁ ଶପଥ ନେଇଥିଲେ। ସ୍ୱଚ୍ଛତା, ଶୃଙ୍ଖଳା, ସମାନତା ଓ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ଦେଶର ବିକାଶରେ ସମସ୍ତଙ୍କ ସକ୍ରିୟ ସହଭାଗିତା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯୁବପିଢ଼ି, ମହିଳା, କୃଷକ, ଶ୍ରମିକଙ୍କ ସମେତ ସମାଜର ସମସ୍ତ ବର୍ଗଙ୍କ ସହଭାଗିତାରେ ୨୦୪୭ ସୁଦ୍ଧା ଏକ ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଦେଶକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବା ସହ ଆଗାମୀ ପିଢ଼ି ପାଇଁ ଏକ ସଶକ୍ତ ଓ ସମୃଦ୍ଧ ଭାରତ ଗଠନ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।

# ଆନନ୍ଦପୁର କଲେଜ ନିର୍ବାଚନ ପାଇଁ ପୋଲିସ-ପ୍ରଶାସନର ସମନ୍ୱୟ ବୈଠକ



ଆନନ୍ଦପୁର,୭।୧୦(ନି.ପ୍ର):ଓଡ଼ିଶା ସରକାରଙ୍କ ନିର୍ଦ୍ଧାରିତ କଲେଜ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ଭାବେ ସଂପନ୍ନ କରିବା ଲକ୍ଷ୍ୟରେ ଆନନ୍ଦପୁର ପୁଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଆନନ୍ଦପୁର କଲେଜ କର୍ତ୍ତୃପକ୍ଷ ଏବଂ ବିଭିନ୍ନ ଅଂଶୀଦାରଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିର୍ବାଚନ ପୂର୍ବ ଓ ପରବର୍ତ୍ତି ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ପ୍ରକାର ଗଣ୍ଡଗୋଳ କିମ୍ବା ମୁହାଁମୁହିଁ ପରିସ୍ଥିତିକୁ ଏଡ଼ାଇବା ସହ ନିର୍ବାଚନୀ ନିୟମ ଓ ପ୍ରଶାସନର ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା । ନିର୍ବାଚନ ସମୟରେ ପର୍ଯ୍ୟାପ୍ତ ପୋଲିସ ମୁତୟନ ସହ ସମ୍ବେଦନଶୀଳ ଅଂଚଳ ଗୁଡ଼ିକ ଉପରେ ଘନିଷ୍ଠ ନଜର ରଖାଯିବ । ଶାନ୍ତି ଭଙ୍ଗ କିମ୍ବା ହିଂସା ସୃଷ୍ଟି କରିବାକୁ କେହି ଉଦ୍ୟମ କଲେ ତୁରନ୍ତ ଆଇନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ପଷ୍ଟ କରାଯାଇଥିଲା । ଓଡ଼ିଶା ସରକାରଙ୍କ ନିର୍ଦ୍ଧାରିତ କଲେଜ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ଭାବେ ସଂପନ୍ନ କରିବା ଲକ୍ଷ୍ୟରେ ଆନନ୍ଦପୁର ପୁଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଆନନ୍ଦପୁର କଲେଜ କର୍ତ୍ତୃପକ୍ଷ ଏବଂ ବିଭିନ୍ନ ଅଂଶୀଦାରଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନିର୍ବାଚନ ପୂର୍ବ ଓ ପରବର୍ତ୍ତି ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବା, କୌଣସି ପ୍ରକାର ଗଣ୍ଡଗୋଳ କିମ୍ବା ମୁହାଁମୁହିଁ ପରିସ୍ଥିତିକୁ ଏଡ଼ାଇବା ସହ ନିର୍ବାଚନୀ ନିୟମ ଓ ପ୍ରଶାସନର ନିର୍ଦ୍ଦେନାମାକୁ କଡ଼ାକଡ଼ି ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଂଶୀଦାରଙ୍କୁ ପୁଲିସ ଓ ପ୍ରଶାସନକୁ ସହଯୋଗ କରିବା ସହ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସହଭାଗୀ ହେବାକୁ ଆହ୍ୱାନ ଦିଆଯାଇଥିଲା । ଏନେଇ ଆନନ୍ଦପୁର ଏସ୍.ଡି.ପି.ଓ କମଲ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ହାତୀ ପ୍ରତି ସତର୍କ ରହିବାକୁ ସଚେତନତା କାର୍ଯ୍ୟକ୍ରମ



ପାଟଣା,୭।୧୦(ନି.ପ୍ର):କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ମଣିଷ-ହାତୀ ସଂଘର୍ଷ ରୋକିବା ସହ ଉଭୟଙ୍କ ଜୀବନ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ପାଟଣା ବନାଞ୍ଚଳ ଅଧୀନ ଡେଣୁଆଁ ହାଇସ୍କୁଲରେ ଆଜି ହାତୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ହାତୀଙ୍କ ଗତିବିଧି ସମୟରେ କିପରି ସତର୍କ ରହିବା, ହାତୀ ଠାରୁ ଦୂରେଇ ରହିବା, ଫଟୋ କିମ୍ବା ଭିଡିଓ କରିବା ପାଇଁ ବିପଦ ନନେବା ଏବଂ ହାତୀକୁ ଉତ୍ତେଜିତ ନକରିବା ନେଇ ସଚେତନ କରାଯାଇଥିଲା। ଏଥିସହ ବନ୍ୟଜନ୍ତୁ ସୁରକ୍ଷା ଓ ମଣିଷ-ହାତୀ ସଂଘର୍ଷ ହ୍ରାସ କରିବାର ବିଭିନ୍ନ ଉପାୟ ସଂପର୍କରେ ବୁଝାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜକ ଭାବେ ପାଟଣା ବନାଞ୍ଚଳର ଡିଓ ହିମାଦ୍ରୀ ଲୋଚନ ମହାନ୍ତ ଓ କ୍ଷୀରୋଦ ଚନ୍ଦ୍ର ମହାନ୍ତ ରହିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ମମତା ରାଣୀ ନାୟକ, ଶିକ୍ଷକ କୁନା ମହାନ୍ତ, ଅତିଥି ଶିକ୍ଷକ ତଥା ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ମହାନ୍ତ ଓ ଗୌରହରୀ ସାହୁଙ୍କ ସମେତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାନ୍ତ, ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପାଟଣା ବନାଞ୍ଚଳ ପକ୍ଷରୁ ହାତୀ ଚଳପ୍ରଚଳ କରୁଥିବା ଅଂଚଳରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।

# ନମଃ କିଷାନ ଏଗ୍ରି ସେବା କେନ୍ଦ୍ର ଉଦଘାଟିତ

ଘଷିପୁରା,୭।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ଘଷିପୁରା ନିକଟବର୍ତ୍ତି କୋବେଟା ସୋରୁମ ନିକଟରେ ନୁଆ ଟ୍ରାକ୍ଟର ସୋରୁମ ଖୋଲଯାଇଛି। କୋବେଟା ସୋରୁମର ନିର୍ଦ୍ଦେଶକ ଗଗନ ବିହାରୀ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଜୋନାଲ ମ୍ୟାନେଜର ସୁଶିଲ କେଶରିଆନ, ଆଂଚଳିକ ବିକ୍ରି ମ୍ୟାନେଜର କମଳ ନାରାୟଣ, ଆଂଚଳିକ ସେବା ମ୍ୟାନେଜର ରମେଶ ଖରଡେ ଆଂଚଳିକ ସ୍ପେୟର ମ୍ୟାନେଜର ଶ୍ରୀକୁମାର ଶୁକ୍ଲା ଯୋଗ ଦେଇଏହି ନୂତନ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ଚାଷୀ ଭାଇ ମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ସଂପର୍କରେ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲା ଘସିପୁରା ଏବଂ ଆନନ୍ଦପୁର ଉପଖଣ୍ଡ ଅଂଚଳରେ କୃଷିର ଆଧୁନିକୀକରଣ ଏବଂ ଟ୍ରାକ୍ଟର ବ୍ୟବସାୟକୁ ଆହୁରି ସୁଦୃଢ଼ କରିବା ପାଇଁ କୁବଟା କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ପ୍ରତିଷ୍ଠିତ ବ୍ୟବସାୟୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଉଛି। ଏହି ପରିପ୍ରେକ୍ଷୀରେ ଅଂଚଳର ଚାଷୀ ଏବଂ ଗ୍ରାହକମାନଙ୍କ ନିମନ୍ତେ କୃଷି ଯନ୍ତ୍ରପାତି ବିଭାଗର ଆଂଚଳିକ ମୁଖ୍ୟ ପ୍ରବନ୍ଧକ, ସେବା ଅଧିକାରୀ ଏବଂ ପ୍ରମୁଖ ଟ୍ରାକ୍ଟର ମାଲିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା । ଉକ୍ତ ତାଲିକା ମାଧ୍ୟମରେ ସ୍ଥାନୀୟ ଲୋକେ ସିଧାସଳଖ କମ୍ପାନୀର ଜୋନାଲ୍ ଏବଂ ରିଜିଓନାଲ୍ ମ୍ୟାନେଜରମାନଙ୍କ ସହ ଯୋଗାଯୋଗ କରି କୃଷି ସମ୍ବନ୍ଧୀୟ ସମସ୍ତ ସୁବିଧା ସୁଯୋଗ ପାଇପାରିବେ ବୋଲି ଜଣା ପଡିଛି। ଏଥିରେ ଏମ୍ୟୁ ୪୫୦୨ ଓ ଏମ୍ୟୁ ୫୫୦୨ ଟ୍ରାକ୍ଟର ଥିବାବେଳେ ଏଥିରେ ୮ ବର୍ଷର ୱାରେଣ୍ଟି ସହ ସୁପର ପ୍ରୋମାଲିଫ୍‌ଟ ସୁବିଧା ୧୨୪ ସେଂସର୍ମୋସ ଗିଅର ସହ କମ୍ ଭାଇବ୍ରେସନ ଓ କମ୍ ତେଲ ଖର୍ଚ୍ଚ ହେବା ସହ ସରଳ ଚାଳନା ସହ ବଦଳିର ୱାରେଣ୍ଟି ମଧ୍ୟ ସୁବିଧା ଅଛି। ଏହା କୃଷକ ମାନଙ୍କ ପାଇଁ ବହୁତ ଲାଭଦାୟକ ହେବ ବୋଲି ଆଶା କରାଯାଉଛି । ଏହି ସମାବେଶରେ ଆନନ୍ଦପୁର ଅଂଚଳର ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ଟ୍ରାକ୍ଟର ମାଲିକ ଯୋଗଦେଇଥିବା ବେଳେ କୋବେଟା ସୋରୁମର ନିର୍ଦ୍ଦେଶକ ଗଗନ ବିହାରୀ ଜେନା ଧନ୍ୟ ବାଦ୍ ଦେଇଥିଲେ।

# ସାଇଁକୁଳ ନେହେରୁ ହାଇସ୍କୁଲ ଭିତ୍ତିଭୂମି ସଜାଡିବାକୁ ଗୁହାରି



ରାମଚନ୍ଦ୍ରପୁର,୭।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନେହେରୁ ଉଚ୍ଚ ବିଦ୍ୟାଳୟ ସାଇଁକୁଳ ୧୯୬୫ ମସିହାରେ ସ୍ଥାପିତ ହୋଇଥିଲେ ବି ବିଭିନ୍ନ ସମୟରେ ସରକାରୀ ଅବହେଳାର ଶିକାର ହୋଇ ବର୍ତ୍ତମାନ ଏହାର ଭିତ୍ତିଭୂମି ଶ୍ରୀହୀନ ତଥା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି। ବିଦ୍ୟାଳୟରେ ୨୪୮ଜଣ ଛାତ୍ର ଛାତ୍ରୀ ଅଧ୍ୟୟନରତ ଥିବାବେଳେ ଆବଶ୍ୟକ ଶ୍ରେଣୀ ଗୃହର ଅଭାବ ରହିଛି। ଏହି ବିଦ୍ୟାଳୟରେ ଷ୍ଟାଫ୍ କମନ ରୁମ୍,ଖାଦ୍ୟ ସାମଗ୍ରୀ କୋଠରୀ, ଏବଂ ପ୍ରଧାନଶିକ୍ଷକଙ୍କ ସରକାରୀ ଆବାସ ପ୍ରଭୃତି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ପୁନଃ ନିର୍ମାଣ ଅତ୍ୟାବଶ୍ୟକ ହୋଇପଡିଛି। ଏଥିନେଇ ବିଦ୍ୟାଳୟର ଏସଏମସି କମିଟି ଚେୟାରମ୍ୟାନ ଚିନ୍ତାମଣି ବେହେରା ଏହି ମୌଳିକ ସମସ୍ୟାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଭେଟି ଆବେଦନପତ୍ର ପ୍ରଦାନ କରିଛନ୍ତି। ଆଶା ବିଦ୍ୟାଳୟର ଭିତ୍ତିଭୂମି ସଜାଡିବାରେ ଉପଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ।

# ଗାଁ ପାଖରେ କୁକୁଡ଼ା ଫାର୍ମକୁ ନେଇ ବଢୁଛି ଅସନ୍ତୋଷ
# ଅଭିଯୋଗ ପରେ ସତ୍ୟାସତ୍ୟ ଯାଞ୍ଚ କଲା ବିଶେଷଜ୍ଞ ଟିମ୍



ରାମଚନ୍ଦ୍ରପୁର,୭।୧୦(ନି.ପ୍ର): ଗାଁ କୁ ଲାଗି ରହିଥିବା କୁକୁଡ଼ା ଫାର୍ମ କୁ ନେଇ ବଢୁଛି ଅସନ୍ତୋଷଛ ଅଭିଯୋଗ ପରେ ସତ୍ୟାସତ୍ୟ ଯାଞ୍ଚ କଲା ବିଶେଷଜ୍ଞ ଟିମ୍ , ଅଭିଯୋଗ ଶୁଣିବା ବଦଳରେ ଘଣ୍ଟା ଘଣ୍ଟା ଧରି ଫାର୍ମ ମଲିକ ଙ୍କ ସହିତ ବୈଠକ କୁ ନେଇ ଗ୍ରାମବାସୀଙ୍କ କ୍ଷୋଭ ଛ ଘସିପୁରା ବ୍ଲକ ଖାଳିଆମେଣ୍ଟା ପଞ୍ଚାୟତ ର ଗୋପାଳପୁର ଗାଁ ନିକଟରେ ଦିପାଲି ମହାରଣାଙ୍କ ନାମ ରେ ଏକ କୁକୁଡ଼ା ଫାର୍ମ ୨ ବର୍ଷ ହେବ ର୍ନିମାଣ ହୋଇଛିଛ ର୍ନିମାଣ ଦିନ ଠାରୁ ଗାଁ ର ଅତି ନିକଟରେ ଫାର୍ମ ଟି ଥିବାରୁ ଗାଁ ପରିବେଶ ପୁରା ଗନ୍ଧମୟ ସୃଷ୍ଟି ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତିଛ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଭାବଶାଳୀ ଫାର୍ମ ମାଲିକ ଙ୍କ ଯୋଗୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରୁନଥିଲାଛ ତେବେ ଘଟଣା କୁ ନେଇ ଉପଜିଲ୍ଲାପାଳ ଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଙ୍କୁ ଦାବିପତ୍ର ଦେବା ପରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ନିଜ ଟିମ ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେଛ ତଦନ୍ତକାରୀ ଟିମ କୁ ନିଜ ଅଭିଯୋଗ ଜଣାଇବାକୁ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଜଗି ରହିଥିଲେ ସୁଦ୍ଧା ତଦନ୍ତକାରୀ ଟିମ ପ୍ରଥମେ ଉକ୍ତ କୁକୁଡ଼ା ଫାର୍ମ ଭିତର କୁ ଯାଇ ସମ୍ପୃକ୍ତ ମାଲିକ ସହିତ ଘଣ୍ଟା ଘଣ୍ଟା ଧରି କଥା ବାର୍ତ୍ତାଳାପ କରିଥିଲେଛ ଯାହାକୁ ନେଇ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ଗେଟ ବାହାରୁ ତାଲା ପକାଇ ଦେଇଥିଲେଛତଦନ୍ତ କାରୀ ଅଧିକାରୀ ବାହାର କୁ ବାହାରିବା ପରେ ଗ୍ରାମବାସୀ ଙ୍କ ସହିତ ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲାଛ ଅଧିକାରୀ ଙ୍କୁ ଗ୍ରାମବାସୀ ଘେରିଯିବା ସହିତ କାହିଁକି କୁକୁଡ଼ା ଫାର୍ମ ବନ୍ଦ ହେବନାହିଁ ବୋଲି ଓଲଟା ପ୍ରଶ୍ନ କରିଥିଲେଛ ଗ୍ରାମ ଠାରୁ ଯେତିକି ଦୂରରେ ଫାର୍ମ ରହିବାକଥା ତା' ଠାରୁ ବହୁତ ନିକଟରେ ରହିଥିବା ଗ୍ରାମର ଅନାମ ବାରିକ, ଦୁଷ୍ମନ୍ତ ମଲ୍ଲିକ, ବାବୁଲି ଟୁଡୁ, କୁଶାଳ ଟୁଡୁ, ଅକ୍ଷୟ ମଲ୍ଲିକ, ମକୁନ୍ଦ ବାରିକ ସମେତ ଅନେକ ମହିଳା ମଧ୍ୟ ତଦନ୍ତ କାରୀ ଅଧିକାରୀଙ୍କ ଠାରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତିଛଦେଖିବାକୁ ବାକି ରହିଲା ସାଧାରଣ ଜନତାଙ୍କ ଅଭିଯୋଗ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ! ନାଁ କାହା ଚାପରେ ଚେପା ହେଉଛନ୍ତି ତଦନ୍ତକାରୀ ଅଧିକାରୀ।

# ‘ଭୋକାଲ ଫର ଲୋକାଲ’ କାର୍ଯ୍ୟକ୍ରମ



ହାଟଡିହି,୭।୧୦(ନି.ପ୍ର):ଭାରତୀୟ ଜନତା ପାର୍ଟି ପକ୍ଷରୁ ଚାଲିଥିବା ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ହାଟଡିହି ବ୍ଲକ ଅଁରା ଗ୍ରାମରେ 'ଭୋକାଲ ଫର ଲୋକାଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ହରେକୃଷ୍ଣ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ତଥା ଜିଲ୍ଲା ବିଜେପି ଉପସଭାପତି ଜ୍ଞାନ ରନ ସାମନ୍ତସିଂହାର, ଶାଳନିଆଁ ମଣ୍ଡଳ ପ୍ରଭାରୀ ଯୁଧିଷ୍ଠିର ମଲ୍ଲିକ, ବରିଷ୍ଠ କର୍ମକର୍ତ୍ତା ଧନେଶ୍ୱର ରାଉତ, ମହିଳା ନେତ୍ରୀ ମିନତୀ ମହାପାତ୍ର, ଦୀପ୍ତିମୟୀ ଖୁଣ୍ଟିଆ, ବରିଷ୍ଠ ବିଜେପି କର୍ମକର୍ତ୍ତା ଚତୁର୍ଭୁଜ ସ୍ୱାଇଁ, ବାବୁଲା କାଣ୍ଡି, ସୁରେନ୍ଦ୍ର ସାହୁ, ସୁଶାନ୍ତ ଜେନା, ସରପଂଚ ଅନ୍ତର୍ଯ୍ୟାମୀ ଖଣ୍ଡେଇ, ସମିତି ସଭ୍ୟ ତାରିଣୀ ସେନାପତିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ବକ୍ତାମାନେ 'ଭୋକାଲ ଫର ଲୋକାଲ'ର ମହତ୍ତ୍ୱ ସଂର୍ପକରେ ମତବ୍ୟକ୍ତ କରିବା ସହିତ ସ୍ଥାନୀୟ ଅଂଚଳରେ ଉତ୍ପାଦିତ ସାମଗ୍ରୀର ବ୍ୟବହାର ଓ କିଣାବିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦେଶୀ ସାମଗ୍ରୀ ପରିବର୍ତ୍ତେ ନିଜ ଅଂଚଳର କୁଟୀର ଶିଳ୍ପୀ ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ କିଣିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରମିତା ନାୟକ, ଉଷାରାଣୀ ସୁଆର, ସରସ୍ୱତୀ ନାୟକ, ଗୋପବନ୍ଧୁ ପଣ୍ଡା, କାଳନ୍ଦୀ ବେହେରା, ଅଭିମନ୍ୟୁ ପରିଡ଼ା ଓ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୫ ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏଥିସହ ବିଭିନ୍ନ ଗ୍ରାମର ଉଦ୍ୟୋଗୀମାନେ ନିଜ ହାତରେ ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ କରିଥିଲେ।

# ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର

ହାଟଡିହି,୭।୧୦(ନି.ପ୍ର):ଆନନ୍ଦପୁର ଉପଖଣ୍ଡ କାଠକଟା ଠାରେ ସିଫା ପକ୍ଷରୁ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇ.ସି.ଆର ସିଫାର ପ୍ରମୁଖ ବୈଜ୍ଞାନିକ ଡ଼. ଆଶିଷ ସାହା, ବୈଜ୍ଞାନିକ ଏ.ଏସ. ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ଦେବ ପ୍ରସାଦ ରଥ, ଜିଲ୍ଲା ପରିଷଦ ଜିତେନ୍ଦ୍ର ସାମଲ, ଆଇନଜୀବୀ ଟୁକୁନା ମହାନ୍ତ, ୱାଇ. ପି ଚନ୍ଦନ ଖିଲାର, କାଠକଟା ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହିତ ବୈଜ୍ଞାନିକ ପ୍ରଣାଳୀରେ କିପରି ଉନ୍ନତ ମାନର ମାଛଚାଷ ହୋଇ ପାରିବ ତାହା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପଂଚାୟତରେ ଗତ ଦୁଇ ବର୍ଷ ଭିତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମାଛଚାଷ କରି କିପରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ତାହା ଉପରେ ମହିଳା ମାନେ ନିଜ ନିଜର ସଫଳତାର କାହାଣୀ ବଖାଣିଥିଲେ। ସିଫା ପକ୍ଷରୁ ମାଛ ଯାଆଁଳ, ମାଛ ଖାଦ୍ୟ ଯୋଗାଇ ଦିଆ ଯାଉଥିବା ବେଳେ ଏସ.ସି ବର୍ଗର ଲୋକଙ୍କୁ ଅଧିକ ଆର୍ଥିକ ସହାୟତା ମଧ୍ୟ ଦିଆଯାଉଛି। ଏଣୁ ମାଛ ଚାଷ ପାଇଁ କିପରି ଅଧିକରୁ ଅଧିକ ଏସ.ସି. ବର୍ଗର ଲୋକ ଆକୃଷ୍ଟ ହେବେ ତାହା ଉପରେ ଅଧିକାରୀ ମାନେ ଗୁରୁତ୍ୱ ଦେଇଥିଲେ। ଏଥିରେ ଓଁ ମା ବଉଳାଶୁଣି ଏସଏସଜି ଗ୍ରୁପର ସଭାନେତ୍ରୀ ଦେବକି ଦେହୁରୀ, ସଂପାଦିକା ସେଉ ପ୍ରଧାନ, ମା' ତାରିଣୀ ଏସଏସଜି ଗ୍ରୁପର ସଭାନେତ୍ରୀ ବାସନ୍ତୀ ମହାନ୍ତ, ମା' ଥାନପତି ଏସଏସଜି ଗ୍ରୁପର ସଭାନେତ୍ରୀ ଝରଣା ଜେନା, ସଂପାଦିକା ସୁକାନ୍ତି ଦାସ, ବିଜୟ ଲକ୍ଷ୍ମୀ ଏସଏସଜି ଗ୍ରୁପର ସଭାନେତ୍ରୀ ଦମୟନ୍ତୀ ନାୟକ, ସଂପାଦିକା ଅନ୍ନପୂର୍ଣ୍ଣା ନାୟକ, ଶ୍ରୀ ଗ୍ରୁପର ସଭାନେତ୍ରୀ ପ୍ରଭାତୀ ନାୟକ, ସଂପାଦିକା ବାସନ୍ତୀ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ମନୋରନ ଦେହୁରୀ ମଂଚ ସଂଯୋଜନା କରିଥିଲେ। ଗଗନ ଦାସ, ହରିହର ଦେହୁରୀ, ଟୁନୁ ନାଏକ, ନିର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ

ରାଇରଙ୍ଗପୁର,୭।୧୦(ନି.ପ୍ର): ରାଇରଙ୍ଗପୁର ବ୍ଲକ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ସେବା ସଙ୍କଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ,ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବ୍ଲକ ଅଧକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ବିଡିଓ ନାରାୟଣୀ ପ୍ରିୟଦର୍ଶନୀ ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ ଅଂଶୁମାନ ସାମଲ, କନିଷ୍ଠ ଯନ୍ତ୍ରୀ ଇଂ ପ୍ରଶାନ୍ତ ଦାସ ପ୍ରମୁଖ ଫିତାକାଟି ସେବା ସଙ୍କଳ୍ପ ଅଭିଯାନର ଶୁଭାରମ୍ଭ କରିଥିଲେ। ଅତିଥି ଗଣ କହିଥିଲେ, ଜନକଲ୍ୟାଣ ଲାଗି ସରକାର ବହୁ ଯୋଜନା କରିଛନ୍ତି। କୌଣସି ଯୋଗ୍ୟ ହିତାଦଧିକାରୀ ଯେପରି ସରକାରଙ୍କ ସେବା ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ସମସ୍ତେ ଗୁରୁତ୍ୱ ଦେବା ଉଚିତ।

# ହାଇସ୍କୁଲ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



ହାଟଡିହି,୭।୧୦(ନି.ପ୍ର):ବାରିଗାଁ ହାଇସ୍କୁଲ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଅବସର କାଳୀନ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଟଡିହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡା, ମୁଖ୍ୟ ବକ୍ତା ଭାବେ ସୋସୋ କଲେଜର ପୂର୍ବତନ ଅଧକ୍ଷ ଶିବ ଚରଣ ଖାମୁରାଇ, ପୂର୍ବତନ ବିଇଓ ଧନେଶ୍ୱର ଖଣ୍ଡେଇ, ଓଷ୍ଟାର ରାଜ୍ୟ ସହ ସଂପାଦକ ମୃତ୍ୟୁଞ୍ଜୟ ପଲେଇ, ଓଷ୍ଟାର ଜିଲ୍ଲା ସଂପାଦକ ରନ କୁମାର ଘଡେଇ, ଓଷ୍ଟାର ବ୍ଲକ ସଭାପତି ନବଘନ ନାୟକ, ବ୍ଲକ ସଂପାଦକ ଶିଶିର କୁମାର ବିଶ୍ୱାଳ, ସ୍କୁଲ ପରିଚାଳନା କମିଟି ସଭାପତି ବିକ୍ରମ କେଶରୀ ବିଶ୍ୱାଳ, ଓଷ୍ଟାର ଜିଲ୍ଲା ଯୁଗ୍ମ ସଂପାଦକ ଅନିରୁଦ୍ଧ ସେଠୀ, ବିଦ୍ୟାଳୟ ପ୍ରତିଷ୍ଠାତା ରବି ନାରାୟଣ ପାତ୍ର, ସିଆରସିସି ନିରନ ପଣ୍ଡା, ପୂର୍ବତନ ସିଆରସିସି କେଶବ ଚନ୍ଦ୍ର କର ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉପଢୌକନ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୟାଧର ମଲ୍ଲିକ, ଉତ୍ତମ ଚରଣ ଦାସ, ଜୟନ୍ତ କୁମାର ମଣ୍ଡଳ, ନାରାୟଣ ଚନ୍ଦ୍ର ସେଠୀ, ଅରୁଣ କୁମାର ଦାସ, ଦେବେନ୍ଦ୍ର ଖୁଣ୍ଟିଆ, ନଳିନୀ କାନ୍ତ ପଣ୍ଡା, ଗୋପାଳ କୃଷ୍ଣ ପାତ୍ର, ବସନ୍ତ କୁମାର ଦାସ, ଅଜୟ କୁମାର ଭୋଇ ପ୍ରମୁଖ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ
# ପଞ୍ଜୀକରଣ ପାଇଁ ପ୍ରଥମ ପ୍ରସ୍ତୁତିମୂଳକ ବୈଠକ




ଆନନ୍ଦପୁର,୭।୧୦(ନି.ପ୍ର):ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ନିର୍ବାଚନୀ ସାକ୍ଷରତା କ୍ଲବ୍ (ଇଲେକ୍ଟୋରାଲ ଲିଟ୍ରେସି କ୍ଲବ ଇଏଲସି) ଗଠନ ଓ ପଞ୍ଜିକରଣ ସଂପର୍କିତ ପ୍ରଥମ ପ୍ରସ୍ତୁତିମୂଳକ ବୈଠକ ଉପଜିଲ୍ଲାପାଳ ଶ୍ରୀ ନୀଳମାଧବ ସୁନା, ଓଏସ (ଏସ୍‌ବି)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ଗଠନ, ପୀକରଣ ପ୍ରକ୍ରିୟା, ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ତଥା ଏହାର ସୁଚାରୁ ଓ ପ୍ରଭାବଶାଳୀ ପରିଚାଳନା ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଯୁବ ଓ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯାଉଥିବା ଭୋଟରମାନଙ୍କ ମଧ୍ୟରେ ନିର୍ବାଚନୀ ସଚେତନତା ବୃଦ୍ଧି, ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର ଏବଂ ସଚେତନ ଓ ଦାୟିତ୍ୱପୂର୍ଣ୍ଣ ମତଦାନ ପାଇଁ ପ୍ରେରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସୌରଭ କୁମାର ରିତ, ଡେପୁଟି କଲେକ୍ଟର ଏବଂ ଶ୍ରୀମତୀ ବନଜା ପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ମଧ୍ୟ ଉପସ୍ଥିତ ଥିଲେ। ନିର୍ବାଚନୀ ସାକ୍ଷରତା କ୍ଲବ୍ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବେ କାର୍ଯ୍ୟ କରି ନାଗରିକମାନଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା ଓ ସଚେତନତା ବୃଦ୍ଧି କରିବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ, ସଚେତନ ଓ ଦାୟିତ୍ୱପୂର୍ଣ୍ଣ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବ।

# କଲେଜ ନିର୍ବାଚନ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ



ରାମଚନ୍ଦ୍ରପୁର,୭।୧୦(ନି.ପ୍ର):ଦୀର୍ଘ ୮ ବର୍ଷ ପରେ ରାଜ୍ୟ ସରକାର କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ କରାଇବାକୁ ଯାଉଛନ୍ତି। ଏଥି ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆନନ୍ଦପୁର କଲେଜ ସମେତ ଶଳପଡା କନକକମରୀ, ରେକୁଟିଆ କୁଶଳେଶ୍ୱର ମହାବିଦ୍ୟାଳୟ ତଥା ସାଇଁକୁଳ ପତିତପାବନ କଲେଜର ଛାତ୍ରଛାତ୍ରୀ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ସହ ଛାତ୍ରଛାତ୍ରୀଙ୍କ ସ୍ୱର ହୋଇ ଯେଉଁ ପ୍ରାର୍ଥୀ ଠିଆ ହେବ ସେଭଳି ଛାତ୍ରନେତାଙ୍କୁ ନିର୍ବାଚନରେ ଜିତାଇବେ ବୋଲି ଛାତ୍ରଛାତ୍ରୀ ମାନେ ପ୍ରକାଶ କରିଛନ୍ତି। କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ପାଇସାରିଥିବା ବେଳେ ଅକ୍ଟୋବର ୭ ତାରିଖ ଦିନ ପ୍ରତ୍ୟେକ କଲେଜରେ ନିର୍ବାଚନ ନେଇ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ୯ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ବିଭିନ୍ନ ପଦ ପଦବୀ ପାଇଁ ନୋମିନେସନ୍ ଦାଖଲ କରିବେ। ଅକ୍ଟୋବର ୯ ତାରିଖ ଅପରାହ୍ନ ୨ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ନୋମିନେସନ୍ ଯାଂଚ କରାଯାଇ ସନ୍ଧ୍ୟା ୫ ଘଟିକା ସମୟରେ କଲେଜ ତରଫରୁ ବୈଧ ନୋମିନେସନ୍ ତାଲିକା ପ୍ରକାଶିତ ହେବ। ଅକ୍ଟୋବର ୧୦ ଦିନ ସକାଳ ୧୦ ଘଟିକା ଠାରୁ ଦିବା ୧ ଘଟିକା ମଧ୍ୟରେ ଯେଉଁ ପାର୍ଥୀ ନିଜର ନୋମିନେସନ ପ୍ରତ୍ୟାହାର କରିବାକୁ ଚାହୁଁଥିବେ, ସେ ତାହାକୁ ପ୍ରତ୍ୟାହାର କରିପାରିବେ। ଅକ୍ଟୋବର ୧୫ ତାରିଖ ସକାଳ ୮ ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ଭୋଟିଂ ହେବ। ପରେ ଭୋଟ ଗଣତି ହେବା ସହ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ଅକ୍ଟୋବର ୧୬ ତାରିଖ ଦିନ ବିଜୟୀ ପ୍ରାର୍ଥୀଙ୍କ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ସରିଲା ଅଗରକରଙ୍କ କାର୍ଯ୍ୟକାଳ: ମୁଖ୍ୟ ଚୟନକର୍ତ୍ତା ପଦ ପାଇଁ ଆବେଦନ ଆହ୍ୱାନ




ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ପୁରୁଷ ସିନିୟର ଚୟନ ସମିତିର ମୁଖ୍ୟ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଅକ୍ଟୋବର ୪ ରେ ଶେଷ ହେବା ପରେ ଏହି ପଦବୀ ପାଇଁ ଆନୁଷ୍ଠାନିକ ଭାବେ ନୂଆ ଆବେଦନ ଆହ୍ୱାନ କରିଛି ବିସିସିଆଇ। ନୂଆ ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତି ପର୍ଯ୍ୟନ୍ତ, ପୂର୍ବତନ ଭାରତୀୟ ସ୍ପିନର ପ୍ରଜ୍ଞାନ ଓଝା (ଯିଏ ପୂର୍ବରୁ ଚୟନ ସମିତିର ସଦସ୍ୟ ଅଛନ୍ତି) ଅନ୍ତରୀଣ ଭାବେ ଆଗାମୀ ନ୍ୟୁଜିଲ୍ୟାଣ୍ଡ ଗସ୍ତ ପାଇଁ ଟିମ୍ ଚୟନ ବୈଠକର ନେତୃତ୍ୱ ନେବେ। ଆବେଦନ ପ୍ରକ୍ରିୟା ଶେଷ ହେବା ପରେ ନୂଆ ଚୟନକର୍ତ୍ତାଙ୍କ ନାମ ଘୋଷଣା କରାଯିବ । ନିୟମ ଅନୁସାରେ, ସମିତିରେ ସବୁଠାରୁ ଅଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା ସଦସ୍ୟଙ୍କୁ ମୁଖ୍ୟ ଚୟନକର୍ତ୍ତା କରାଯାଏ ।

ବର୍ତ୍ତମାନର ସଦସ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞାନ ଓଝା (୨୪ ଟେଷ୍ଟ) ସବୁଠାରୁ ଆଗରେ ଥିବାରୁ ସେ ସ୍ଥାୟୀ ଭାବେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ହେବାର ଦୌଡ଼ରେ ଆଗରେ ଅଛନ୍ତି । ଅଗରକର ୱେଷ୍ଟ ଜୋନରୁ ପ୍ରତିନିଧିତ୍ୱ କରୁଥିଲେ।ତେଣୁ ନୂଆ ଚୟନକର୍ତ୍ତା ମଧ୍ୟ ୱେଷ୍ଟ ଜୋନ୍ (ମୁମ୍ବାଇ, ମହାରାଷ୍ଟ୍ର, ଗୁଜରାଟ, ବରୋଦା କିମ୍ବା ସୌରାଷ୍ଟ୍ର) ରୁ ଚୟନ କରାଯିବାର ସମ୍ଭାବନା ଅଧିକ । ଅଗରକରଙ୍କ ପ୍ରସ୍ଥାନ ପରେ ଚୟନ ସମିତିରେ ପ୍ରଜ୍ଞାନ ଓଝା (ଅନ୍ତରୀଣ ମୁଖ୍ୟ – ୨୪ ଟେଷ୍ଟ), ଶିବ ସୁନ୍ଦର ଦାସ (୨୩ ଟେଷ୍ଟ), ଆର୍. ପି. ସିଂହ (୧୪ ଟେଷ୍ଟ), ଅଜୟ ରାତ୍ରା (୬ ଟେଷ୍ଟ) ରହିଛନ୍ତି। ଯଦି ନୂଆ ଆସିବାକୁ ଥିବା ସଦସ୍ୟଙ୍କ ନିକଟରେ ୨୪ ରୁ ଅଧିକ ଟେଷ୍ଟ ଖେଳିବାର ଅଭିଜ୍ଞତା ନଥାଏ, ତେବେ ପ୍ରଜ୍ଞାନ ଓଝା ହିଁ ସ୍ଥାୟୀ ଭାବେ ଚୟନ ସମିତିର ଅଧ୍ୟକ୍ଷ ପଦ ସମ୍ଭାଳିବେ ।

ଅଜିତ ଅଗରକରଙ୍କ ପାଇଁ ହେଡ କୋଚ ଗୌତମ ଗମ୍ଭୀର ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ବିଦାୟୀ ସନ୍ଦେଶ ଲେଖିଛନ୍ତି ଅଗରକରଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ଦଳ ୩ଟି ଆଇସିସି ଟ୍ରଫି ଜିତିଛି। ଏହି ସଫଳତା ଅଗରକରଙ୍କ ଟିମ୍ ପ୍ରଥମ ଏବଂ ଟିମ୍ ସବୁବେଳେ ଆଗରେ ଚିନ୍ତାଧାରାର ସପକ୍ଷରେ ବଡ଼ ପ୍ରମାଣ । କାର୍ଯ୍ୟକାଳ ସମୟରେ କିଛି ଚୟନ ନିଷ୍ପତ୍ତିକୁ ନେଇ ସମାଲୋଚନା ହୋଇଥିଲେ ସୁଦ୍ଧା, ଅଗରକର ବ୍ୟକ୍ତିଗତ ପସନ୍ଦ–ନାପସନ୍ଦଠାରୁ ଉପରେ ଉଠି କେବଳ ଦଳର ହିତ ପାଇଁ ନିଷ୍ପତ୍ତି ନେଉଥିଲେ।

# ଭାରତୀୟ କ୍ରିକେଟ ଦଳର ଘରୋଇ ଖେଳସୂଚୀ ଜାରି

ମୁମ୍ବାଇ,୭।୧୦(ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ୨୦୨୬–୨୭ ଋତୁ ପାଇଁ ଭାରତୀୟ ଦଳର ଘରୋଇ ଖେଳସୂଚୀ ଜାରି କରିଛି।ଏହି ଋତୁରେ ଭାରତ ମୋଟ ୨୨ଟି ମ୍ୟାଚ୍ ଖେଳିବ।ଭାରତୀୟ ଦଳ ଖେଳିବାକୁ ଥିବା ମୋଟ ୨୨ଟି ମ୍ୟାଚ୍ ମଧ୍ୟରୁ ୫ଟି ଟେଷ୍ଟ, ୯ଟି ଦିନିକିଆ ଓ ୮ଟି ଟ୍ୱେଣ୍ଟି–୨୦ ରହିଛି। ଟିମ୍ ଇଣ୍ଡିଆର ଘରୋଇ ଋତୁ ୱେଷ୍ଟଇଣ୍ଡିଜର ଭାରତ ଗସ୍ତରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୭ରୁ ତିରୁବନନ୍ତପୁରମରେ ଆରମ୍ଭ ହୋଇଥିବା ଏହି ସିରିଜ ଅକ୍ଟୋବର ୧୭ରେ ବେଙ୍ଗାଲୁରୁ ଟ୍ୱେଣ୍ଟି–୨୦ରେ ଶେଷ ହେବ। ଏହା ପରେ ଶ୍ରୀଲଙ୍କା ଦଳ ଡିସେମ୍ବର ୧୩ରୁ ୨୭ ପର୍ଯ୍ୟନ୍ତ ଭାରତ ଗସ୍ତ କରି ତିନି ଲେଖାଏଁ ଦିନିକିଆ ଓ ଟି–୨୦ ଖେଳିବ। କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ଡିସେମ୍ବର ୨୪ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଟି–୨୦ ମ୍ୟାଚ୍ ଖେଳାଯିବ।ଜାନୁଆରି ୨୦୨୭ରେ ଜିମ୍ବାୱେ ଦଳ ଭାରତ ଗସ୍ତ କରି ତିନିଟି ଦିନିକିଆ ଖେଳିବ। ସେହିମାସ ୨୭ରୁ ଅଷ୍ଟ୍ରେଲିଆ ଦଳର ଗୁରୁତ୍ୱପୂର୍ଣ୍ଣ ଭାରତ ଗସ୍ତ ଆରମ୍ଭ ହେବ, ଯାହାକି ମାର୍ଚ୍ଚ ୩ ପର୍ଯ୍ୟନ୍ତ ଚାଲିବ।ଏହି ଗସ୍ତ କାଳରେ ଅଷ୍ଟ୍ରେଲିଆ ୫ଟି ଟେଷ୍ଟ ଖେଳିବ।

# ୧୯ ବର୍ଷରୁ କମ ଟେଷ୍ଟ: ତନ୍ମୟ ବଲୋଡ଼ାଙ୍କୁ ୧୪ ୱିକେଟ

ଅହମଦାବାଦ,୭।୧୦(ଏଜେନ୍ସି): ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ୧୯ ବର୍ଷରୁ କମ୍ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଜୁନିୟର ଦଳ ୧୦ୱିକେଟରେ ବିଜୟୀ ହୋଇଛି। ଏହି ବିଜୟ ସହ ଭାରତ ୨ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାକୁ ୨–୦ରେ ମୂଳପୋଛ କରି ନେଇଛି।ପଦାର୍ପଣକାରୀ ତନ୍ମୟ ବଲୋଡ଼ା ପ୍ରଥମ ପାଳିରେ ୬ ଓ ଦ୍ୱିତୀୟ ପାଳିରେ ୮ୱିକେଟ୍ ନେବାରୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।



ଫଳରେ ଭାରତ ସମ୍ମୁଖରେ ବିଜୟ ଲକ୍ଷ୍ୟ ମାତ୍ର ୧୧ ରନ୍ ରହିଥିଲା।ଏହାକୁ ଭାରତର ଦୁଇ ଓପନର୍ ଲକ୍ଷ୍ୟ ରାଇଚନ୍ଦାନୀ (୯*, ୪ ବଲ୍) ଓ ସାଗର ବୀର୍କ (୨*, ୧ ବଲ୍) ମାତ୍ର ୫ ବଲ୍ରେ ହାସଲ କରିନେଇଥିଲେ।

ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୭୪ ରନ୍ କରିଥିଲା ବେଳେ ଭାରତ ୩୧୫ ରନ୍ କରି ୧୪୧ ରନରେ ଆଗୁଆ ରହିଥିଲା। ଚମତ୍କାର ବୋଲିଂ (୬/୩୨, ୮/୪୧) ସହ ଦ୍ୱିତୀୟ ପାଳିରେ ଉପଯୋଗୀ ୨୮ ରନ୍ କରିଥିବା ତନ୍ମୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲା ବେଳେ ବ୍ଲାକ୍ କାଟଲ (୨୧୬ ରନ୍)ଙ୍କୁ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ବାଣିଜ୍ୟ ଖବର

# ଆଇଟିଇଆର୍ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରାଜୁଏସନ୍ ଦିବସ




ଭୁବନେଶ୍ୱର,୭।୧୦(ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବିଭିନ୍ନ ବିଭାଗରେ ୨୦୨୬ରେ ଶିକ୍ଷା ସମାପ୍ତ କରିଥିବା ବି.ଟେକ୍, ଏମ୍.ଟେକ୍, ବିସିଏ, ଏମ୍‌ସିଏ ଏବଂ ଏମ୍‌ଏସ୍‌ସି ପାଠ୍ୟକ୍ରମର ଛାତ୍ରଛାତ୍ରୀ ମାନଙ୍କୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଗ୍ରାଜୁଏସନ୍ ଦିବସ ୨୦୨୬ ଅବସରରେ ଡିଗ୍ରୀ ପ୍ରଦାନ କରାଯାଇଛି। ସୋମବାର କାର୍ଯ୍ୟକ୍ରମର ପ୍ରଥମ ଦିନ ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସିଏସ୍‌ଇ) ବିଭାଗର ୨୦୨୨–୨୬ ଶିକ୍ଷା ବର୍ଷର ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲଜି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଡାଟା ସାଇନ୍ସ), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସାଇବର ସିକ୍ୟୁରିଟି), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ) ଓ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଇନ୍‌ଟରନେଟ ଅଫ୍ ଥିଙ୍ଗସ)।

ସେହିପରି ସ୍ନାତକୋତ୍ତର ପାଠ୍ୟକ୍ରମରେ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଷ୍ଟ୍ରକଚରାଲ ଇଞ୍ଜିନିୟରିଂ, ପାୱାର ସିଷ୍ଟମ୍ସ ଆଣ୍ଡ ପାୱାର ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ (କମ୍ୟୁନିକେସନ୍ ସିଷ୍ଟମ୍ ଇଞ୍ଜିନିୟରିଂ) ଏବଂ ହିଟ୍ ପାୱାର ଆଣ୍ଡ ଥର୍ମାଲ ଇଞ୍ଜିନିୟରିଂ ଅଧ୍ୟୟନ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ବୋଷ୍ଟନ୍ କନ୍‌ସଲ୍‌ଟିଂ ଗ୍ରୁପ୍ (ବିସିଜି)ର ପ୍ରୋଗ୍ରାମ୍ ଡାଇରେକ୍ଟର ଅମିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଶିକ୍ଷା ଜୀବନ ଶେଷ କରି ବୃତ୍ତିଗତ ଜୀବନରେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀମାନେ ନିରନ୍ତର ଶିକ୍ଷା, ଦାୟିତ୍ୱବୋଧ, ସମୟାନୁବର୍ତ୍ତିତା, ମାନବିକତା, ନମ୍ରତା ଓ ଆଶାବାଦୀ ମନୋଭାବ ଆପଣାଇବା ଆବଶ୍ୟକ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତା କରିବା ସହିତ ଶପଥ ପାଠ କରାଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୋଆ ଦେଶର ୧୫ ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଥିବା ଦୃଷ୍ଟିରୁ ଏହି ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରୁଥିବା ଛାତ୍ରଛାତ୍ରୀମାନେ ନିଜକୁ ସେହିଭଳି ଢ଼ଙ୍ଗରେ ପ୍ରତିଷ୍ଠିତ କରାଇବା ସହ ଗର୍ବିତ ହେବା ଆବଶ୍ୟକ ବୋଲି ସେ କହିଥିଲେ।

# ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ




ପାରାଦୀପ,୭।୧୦(ନି.ପ୍ର): ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଢ଼ିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳର ସାମାଜିକ–ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗଡକୁଜଙ୍ଗରେ ଏକ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ହୋଇଥିବା ଗ୍ରାମ ବିକାଶର ପ୍ରାଥମିକତାକୁ ଆଧାର କରି ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ସହଯୋଗରେ ଏହି ଅତ୍ୟାଧୁନିକ ସମୁଦାୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଦୀର୍ଘଦିନ ଧରି ଗଡକୁଜଙ୍ଗବାସୀଙ୍କ ପାଇଁ ସାମୂହିକ ଭାବେ ଏକାଠି ହେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ସ୍ଥାନର ଅଭାବ ରହିଥିଲା। ନୂତନ ସମୁଦାୟ କେନ୍ଦ୍ର ଏହି ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ସହ ଗ୍ରାମବାସୀଙ୍କ ପାଇଁ ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ଉତ୍ସବ ଓ ବିଭିନ୍ନ ସାମୂହିକ ଆୟୋଜନ ପାଇଁ ଏକ ସୁବିଧାଜନକ ଓ କେନ୍ଦ୍ରୀୟ ସ୍ଥାନ ଭାବେ କାର୍ଯ୍ୟ କରିବ।

ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ରଗଘ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ସିଓଓ ରିତେଶ ସିହ୍ନା, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦ୍ରୁ ପଟ୍ଟନାୟକ, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ଓଡ଼ିଶାର ଜିଏମ୍ ପ୍ରଶାନ୍ତ ବିଶ୍ୱାଳ ଏବଂ ସିଏସ୍‌ଆର୍ ହେଡ୍ ଅଭିଜିତ ମହାନ୍ତିଙ୍କ ସମେତ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗଡକୁଜଙ୍ଗ ପକ୍ଷରୁ ଗ୍ରାମ ପଞ୍ଚାୟତର ସରପଞ୍ଚ କବିତା ଦାସ, କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟର ପରିଚାଳକ ରାଜେନ୍ଦ୍ର ବେହେରାଙ୍କ ସମେତ ସମୁଦାୟ ନେତୃବୃନ୍ଦ ଯଦୁନାଥ ଖଟୁଆ, ପ୍ରଶାନ୍ତ ଦାସ ଓ ନଳିନୀକାନ୍ତ ବେହେରା ଏବଂ ଅନ୍ୟାନ୍ୟ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଦକ୍ଷିଣ ପୂର୍ବ ରେଳବାଇ ଅଞ୍ଚଳରେ ସ୍ୱଚ୍ଛତା ପଖୱାଡ଼ା

କୋଲକାତା,୭।୧୦(ଏଜେନ୍ସି): ଦକ୍ଷିଣ ପୂର୍ବ ରେଳବାଇ ଅଞ୍ଚଳରେ ୧ ଅକ୍ଟୋବରରୁ ୧୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସ୍ୱଚ୍ଛତା ପଖୱାଡ଼ା–୨୦୨୬' ପାଳନ କରାଯାଉଛି। ଏହି ଅଭିଯାନ ସମୟରେ ସମଗ୍ର ଅଞ୍ଚଳରେ ସ୍ୱଚ୍ଛତା ଓ ପରିମଳ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରେଳବାଇର ଚାରୋଟିଯାକ ଡିଭିଜନ୍ ବିଭିନ୍ନ ସ୍ୱଚ୍ଛତା ଅଭିଯାନ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏଥିରେ ଅଂଶଗ୍ରହଣ କରୁଛନ୍ତି। ୦୫.୧୦.୨୦୨୬ ତାରିଖରେ ଆଦ୍ରା ଡିଭିଜନ୍ ଅଧୀନସ୍ଥ ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, କନକୋର୍ସ (ଯାତ୍ରୀ ସମାବେଶ ସ୍ଥଳ) ଏବଂ ପ୍ରବେଶ ତଥା ପ୍ରସ୍ଥାନ ସ୍ଥାନଗୁଡ଼ିକରେ ଭଲଭାବେ ଘଷି ସଫା କରିବା ଏବଂ ପ୍ରେସର୍–ୱାଶିଂ (ଚାପଯୁକ୍ତ ପାଣି ସାହାଯ୍ୟରେ ଧୋଇବା) କାର୍ଯ୍ୟ କରାଯାଇଥିଲା। ଏହା ବ୍ୟତୀତ ୱେଟିଂ ଏରିଆ, ସର୍କୁଲେଟିଂ ଏରିଆ (ଚଳାଚଳ କ୍ଷେତ୍ର) ଏବଂ ପାର୍କିଂ ସ୍ଥାନଗୁଡ଼ିକୁ ମଧ୍ୟ ଭଲଭାବେ ସଫା କରାଯାଇଥିଲା। ଏହା ସହିତ, ବାଙ୍କୁଡ଼ା ଷ୍ଟେସନର କ୍ୟାଟରିଂ ୟୁନିଟ୍‌ରେ ମଧ୍ୟ ସ୍ୱତନ୍ତ୍ର ସଫେଇ କାର୍ଯ୍ୟ କରାଯାଇଥିଲା।

୦୫.୧୦.୨୦୨୬ ତାରିଖରେ ଖଡ଼ଗପୁର ଡିଭିଜନ୍ ଅଧୀନସ୍ଥ ଷ୍ଟେସନଗୁଡ଼ିକରେ ବ୍ୟାପକ ସଫେଇ କାର୍ଯ୍ୟ କରାଯାଇଥିଲା, ଯେଉଁଥିରେ ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, ସିଡ଼ି, ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ, ସର୍କୁଲେଟିଂ ଏରିଆ ଏବଂ ପାର୍କିଂ ସ୍ଥାନ ଅନ୍ତର୍ଭୁକ୍ତ ଥିଲା।ଛ ସାର୍ବଜନୀନ ଓ ସାମୁଦାୟିକ ଶୌଚାଳୟଗୁଡ଼ିକର ପୁଙ୍ଖାନୁପୁଙ୍ଖ ସଫେଇ ଓ ପରିମଳ କାର୍ଯ୍ୟ କରାଯାଇଥିଲା ଏଥିରେ ଟାଇଲ୍, ଫିଟିଂ, ୱାଶ୍–ବେସିନ୍ ଏବଂ ଫ୍ଲଶ୍ ସିଷ୍ଟମର ସଫେଇ ସହିତ ଦୁର୍ଗନ୍ଧ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ସାମିଲ ଥିଲା। ରାଞ୍ଚି ଡିଭିଜନ୍ ପକ୍ଷରୁ ୦୫.୧୦.୨୦୨୬ ତାରିଖରେ ଷ୍ଟେସନ୍ ଏବଂ ରେଳବାଇ ପରିସରରେ ବ୍ୟାପକ ସଫେଇ ଅଭିଯାନ ଚଳାଯାଇଥିଲା।

# ଅନନ୍ତ ଅମ୍ବାନୀଙ୍କ ଚାମ୍ପିଅନ୍ସ ଅଫ୍ କେୟାର୍ ଅଭିଯାନ
# ପ୍ରତିବର୍ଷ ୨୦ ଲକ୍ଷ ପଶୁଙ୍କ ପାଖରେ ପହଞ୍ଚିବ ସହାୟତା




ଜାମନଗର,୭।୧୦(ଏଜେନ୍ସି): ଦେଶବ୍ୟାପୀ ପଶୁମାନଙ୍କୁ ସହାୟତା ଯୋଗାଇବା ପାଇଁ ଅନନ୍ତ ଅମ୍ବାନୀ ଚାମ୍ପିଅନ୍ସ ଅଫ୍ କେୟାର୍ ଅଭିଯାନ ଆରମ୍ଭ କରିଛନ୍ତି। ବନତାରାର ଏହି ଅଭିଯାନ ସହ ୫୦ରୁ ଅଧିକ ପଶୁ କଲ୍ୟାଣ ସଂଗଠନ ଯୋଡ଼ି ହୋଇଛନ୍ତି। ଏହା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୨୦ ଲକ୍ଷ ପଶୁଙ୍କୁ ଚିକିତ୍ସା, ଉଦ୍ଧାର, ଆଶ୍ରୟ, ଭୋଜନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇପାରିବ ବୋଲି ଆକଳନ କରାଯାଇଛି। ଏହି ଅଭିଯାନରେ ରାସ୍ତାକଡ଼ରେ ରହୁଥିବା କୁକୁର ଓ ବିଲେଇ, ପରିତ୍ୟକ୍ତ କିମ୍ବା ଆହତ ପଶୁଙ୍କ ସହିତ ଗୋରୁଗାଈ, ଗଧ ଏବଂ ଘୋଡ଼ାମାନେ ଅନ୍ତର୍ଭୁକ୍ତ ରହିବେ। ଆବଶ୍ୟକତା ଅନୁଯାୟୀ ପଶୁ କଲ୍ୟାଣ ସଂଗଠନଗୁଡ଼ିକୁ ଆମ୍ବୁଲାନ୍ସ, ଉଦ୍ଧାର ଉପକରଣ, ଚିକିତ୍ସା ଓ ପରୀକ୍ଷା ମେସିନ, ଆଶ୍ରୟସ୍ଥଳ ଏବଂ ପ୍ରଶିକ୍ଷଣ ଭଳି ସହାୟତା ଯୋଗାଇ ଦିଆଯିବ।

ଏହି ଅବସରରେ ଅନନ୍ତ ଅମ୍ବାନୀ କହିଛନ୍ତି, ପ୍ରତିଦିନ ଅନେକ ଲୋକ ସୀମିତ ସାଧନ ସତ୍ତ୍ୱେ ସହାୟତା ଆବଶ୍ୟକ ରହିଥିବା ପଶୁମାନଙ୍କର ଯତ୍ନ ନେଉଛନ୍ତି। ଚାମ୍ପିଅନ୍ସ ଅଫ୍ କେୟାର୍ ମାଧ୍ୟମରେ ଆମେ ସେମାନଙ୍କ ସହ ଠିଆ ହୋଇ ଏହି କାମକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁଛୁ। ଆମ ପାଇଁ ଏହା ହିଁ ପ୍ରତିଟି ଜୀବନ ଗୁରୁତ୍ୱ ରଖେର ବାସ୍ତବ ଅର୍ଥ। ବନତାରା ଏବଂ ଏହି ଅଭିଯାନ ସହ ଜଡ଼ିତ ସଂଗଠନଗୁଡ଼ିକ ମିଳିତ ଭାବେ କାମ କରିବା ପାଇଁ ଏକ ସହମତିପତ୍ରରେ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହା ଅଧୀନରେ ସେମାନେ ତଥ୍ୟ, ଅଭିଜ୍ଞତା ଏବଂ ସମ୍ବଳ ପରସ୍ପର ସହିତ ବିନିମୟ କରିବେ, ଯାହାଦ୍ୱାରା ପଶୁମାନଙ୍କୁ ସହାୟତା କରୁଥିବା ସଂଗଠନଗୁଡ଼ିକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଅଧିକ ଉତ୍ତମ ସହଯୋଗ ମିଳିପାରିବ।

# ବୃହତ ବନ୍ଦରରୁ ମେଗା ପୋର୍ଟର ଯାତ୍ରା



ପାରାଦୀପ,୭।୧୦(ଏଜେନ୍ସି): ପୂର୍ବ ଭାରତର ଉପକୂଳରେ ଗଢ଼ିଥିବା ପାରାଦୀପ ବନ୍ଦର ଆଜି କେବଳ ଏକ ମେଗା ପୋର୍ଟ ନୁହେଁ, ବରଂ ଏହା ଏକ ବଡ଼ ଆର୍ଥିକ ପରିବର୍ତ୍ତନର ମାଧ୍ୟମ ପାଲଟିଛି। ପଣ୍ୟ ପରିବହନର ରେକର୍ଡ,ନୌବାଣିଜିକ କ୍ଷମତା, ଆଧୁନିକ ପରିବହନ, ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ଜାହାଜ ନିର୍ମାଣ ଓ ମରାମତିର ସମ୍ଭାବନା ସହ ପାରାଦୀପ ଏକ ନୂଆ ବିକାଶ ଅଧ୍ୟାୟରେ ପ୍ରବେଶ କରିଛି।ପାରାଦୀପ ବନ୍ଦରକୁ 'ମେଗା ପୋର୍ଟ' ମାନ୍ୟତା ମିଳିବା, ଯାତ୍ରାର ଏକ ମାଇଲଖୁଣ୍ଟ,କିନ୍ତୁ ଏହି ମାନ୍ୟତାର ଗୁରୁତ୍ୱ କେବଳ ଏକ ଦସ୍ତାବିଜ୍ ନୁହେଁ, ବରଂ ଏହା ସମସ୍ତଙ୍କ ପାଇଁ ନିଷ୍ଠା, କର୍ତ୍ତବ୍ୟ ଓ ଆନ୍ତରିକତାର ଏକ ସଫଳ ଚିତ୍ର।ଆର୍ଥିକ ବର୍ଷ ୨୦୨୫–୨୬ରେ ପାରାଦୀପ ବନ୍ଦର ୧୫୬.୪୫ ନିୟୁତ ମେଟ୍ରିକ୍ ଟନ୍ କାର୍ଗୋ ପରିବହନ କରିଛି।ଏହା ଚଳିତ ଆର୍ଥିକ ବର୍ଷର ସର୍ବାଧିକ କାର୍ଗୋ ପରିବହନ। ବିଗତ ବର୍ଷର ପଣ୍ୟ କାରବାରକୁ ଏହି ସଫଳତାକୁ ଆହୁରି ମଜବୁତ କରିଛି।

ଆଜି ବନ୍ଦରର ନିର୍ଦ୍ଧାରିତ କ୍ଷମତା ପ୍ରାୟ ୨୮୯ ମେଟ୍ରିକ୍ ଟନ୍ ଅଛି। ଆଗାମୀ ଦିନରେ ୨୦୪୭ ସୁଦ୍ଧା ଏହାକୁ ୫୦୦ ମେଟ୍ରିକ୍ ଟନ୍‌ରୁ ଅଧିକ କରିବାର ଦୀର୍ଘମିଆଦୀ ଦୃଷ୍ଟିକୋଣ ରହିଛି। ଏହି ମାନ୍ୟତା ପାରାଦୀପ ଆଗରୁ ହାସଲ କରିଥିବା ବିଶାଳ ପରିମାଣର ସ୍ୱୀକୃତି,କିନ୍ତୁ ଏହା ଯାତ୍ରାର ଶେଷ ନୁହେଁ,ବରଂ ଏହା ଏକ ନୂଆ ପର୍ଯ୍ୟାୟର ଆରମ୍ଭ।ପାରାଦୀପକୁ ଏବେ ଅଧିକ ବଡ଼ ବଡ଼ ଜାହାଜ ପରିଚାଳନା, ଅଧିକ ପଣ୍ୟ ପ୍ରବାହ ସମ୍ଭାଳିବା, ଶିଳ୍ପ ସହ ସଂଯୋଗ ବଢ଼ାଇବା ଏବଂ ଏକ ଆଧୁନିକ ନୌବାଣିଜ୍ୟିକ ଅର୍ଥନୀତିର ଭିତ୍ତି ଗଢ଼ିବାକୁ ହେବ।ପାରାଦୀପର ଭବିଷ୍ୟତ ବିକାଶର ଏକ ପ୍ରମୁଖ ଅଂଶ ହେଉଛି ସାମୁଦ୍ରିକ ଭିତ୍ତିଭୂମିର ବିସ୍ତାର।

ପ୍ରାୟ ''୩,୦୦୫ କୋଟିର ପଶ୍ଚିମ ଡକ୍ ପ୍ରକଳ୍ପ ଏହି ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହାର ଅର୍ଥ କେବଳ ଅଧିକ ପଣ୍ୟ ନୁହେଁ, ଏହା ଅଧିକ ବଡ଼ ଜାହାଜ, ଅଧିକ ଦକ୍ଷ ପରିଚାଳନା ଏବଂ ଭବିଷ୍ୟତ ବାଣିଜ୍ୟ ପାଇଁ ଏକ ଅଧିକ ସକ୍ଷମ ନୌବାଣିଜିକ ଭିତ୍ତିଭୂମି ।ମେଗା ପୋର୍ଟ ମାନ୍ୟତା ନିବେଶ କିମ୍ବା ନିଯୁକ୍ତିକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସୃଷ୍ଟି କରେ ନାହିଁ,ଏହା ଏକ ସ୍ୱୀକୃତି।ଏହି ସ୍ୱୀକୃତିକୁ ବାସ୍ତବ ଆର୍ଥିକ ସୁଯୋଗରେ ପରିଣତ କରିବା ପ୍ରକଳ୍ପ, ଶିଳ୍ପ, ଲଜିଷ୍ଟିକ୍ସ ଓ ମାନବ ସମ୍ବଳର ବିକାଶ ଉପରେ ପରବର୍ତ୍ତୀ ଦାୟିତ୍ୱ ରହିବ ।

# ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡାକ୍ତର ଭବାନୀ ଶଙ୍କର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର,୭।୧୦(ନି.ପ୍ର): ଡାକ୍ତର ଭବାନୀ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ମିଶ୍ରଙ୍କୁ ସ୍ୱଗତ କରିଥିଲେ। ଓସାକ୍ସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ଏଚ୍‌ଆଇଭି/ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ନେଇ ଡ. ମିଶ୍ର ପରାମର୍ଶ ଦେଇଥିଲେ। ଏହି ସାମୂହିକ ପ୍ରୟାସରେ ସମସ୍ତଙ୍କର ସହଯୋଗ, ସମର୍ଥନ ଓ ସକ୍ରିୟ ଅଂଶଗ୍ରହଣ କାମନା କରିଥିଲେ। ୨୦୩୦ ସୁଦ୍ଧା ଏଡ୍‌ସ ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ ଦିଗରେ ସକାରାତ୍ମକ ଚିନ୍ତାଧାରା ନେଇ ସମସ୍ତେ ଏକାଠି ହୋଇ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଡାକ୍ତର ମିଶ୍ର ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ।

# ଡିବ୍ରୁଗଡ ପ୍ରଥମ ଥର ପାଇଁ ବାଂଲାଦେଶକୁ ପଠାଇଲା ପଣ୍ୟ ସାମଗ୍ରୀ



ଗୌହାଟି,୭।୧୦(ଏଜେନ୍ସି): ଏକ କ୍ଷୁଦ୍ର ଜାହାଜ (ବାର୍ଜ) ୫୪୦ ମେଟ୍ରିକ ଟନ ମିଥାନଲ ପରିବହନ କରି ଡିବ୍ରୁଗଡର ବୋଗିବିଲ ଟର୍ମିନାଲରୁ ବାଂଲାଦେଶର ଢାକା ଅଭିମୁଖେ ଯାତ୍ରା କରିଛି। କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ (ଏମଓପିଏସଡବ୍ଲୁ/) ସର୍ବାନନ୍ଦ ସୋନୋୱାଲ ପତାକା ଦେଖାଇ ଡିଏଲବି ପତକାଇ ଜାହାଜ ଯାତ୍ରାର ଶୁଭାରମ୍ଭ କରିଥିବାବେଳେ ବୋଗିବିଲରୁ ଟଗ କୁଶାଲ କୋନୱାର ଏହାକୁ ଟାଣି ଆଗକୁ ନେଇଥିଲା। ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତା ବିଶ୍ୱ ଶର୍ମା ଭର୍ଚୁଆଲ ପଦ୍ଧତିରେ ଏହି ଉତ୍ସବରେ ଯୋଗ ଦେଇଥିଲେ। ସହରର ନଦୀ ଘାଟ ବନ୍ଦ ହେବାର ପ୍ରାୟ ୭୦ ବର୍ଷ ପରେ ଏବଂ ୧୯୪୭ରେ ଭାରତର ସ୍ୱାଧୀନତା ପର ଠାରୁ ପ୍ରଥମ କରି ଉପର ଆସାମରୁ ଏକ ବିଦେଶୀ ବନ୍ଦରକୁ ଏହା ପ୍ରଥମ ପଣ୍ୟ ପରିବହନ ହୋଇଛି।

ନାମରୂପସ୍ଥିତ ରାଷ୍ଟ୍ରାୟ ଆସାମ ପେଟ୍ରୋ–କେମିକାଲ୍ସ ଲିମିଟେଡ (ଏପିସିଏଲ) ଦ୍ୱାରା ଉତ୍ପାଦିତ ମିଥାନଲ ବାଂଲାଦେଶର ଢାକାସ୍ଥିତ ପାନଗାଓଁ ଅଭିମୁଖେ ଯାତ୍ରା କରିଛି। ଏହି ଜାହାଜଟି ଭାରତରେ ବ୍ରହ୍ମପୁତ୍ର ନଦୀରେ ଜାତୀୟ ଜଳମାର୍ଗ–୨ରେପ୍ରାୟ ୭୬୮ କିଲୋମିଟର ନିମ୍ନାଭିମୁଖୀ ଯାତ୍ରାକରି ଭାରତ–ବାଂଲାଦେଶ ସୀମାନ୍ତରେ ପହଞ୍ଚିବା ପରେ ଏହା ଭାରତ–ବାଂଲାଦେଶ ପ୍ରୋଟୋକଲ ରୁଟ (ଆଇବିପିଆର)ରେ ତାହାର ଯାତ୍ରା ଜାରି ରଖିବ। ଜାହାଜଟି ଡିବ୍ରୁଗଡର ବୋଗିବିଲରୁ ଢାକାସ୍ଥିତ ନାରାୟଣଗ ପର୍ଯ୍ୟନ୍ତ ମୋଟ ୧୩୦୦ କିଲୋମିଟର ପଥ ଅତିକ୍ରମ କରିବ।

ବିଭାଗୀୟ ମନ୍ତ୍ରୀ ସୋନୋୱାଲ କହିଥିଲେ ଯେ ଜାହାଜରେ ଏହି ପଣ୍ୟ ପରିବହନ ଆରମ୍ଭ ମାତ୍ର। 'ଏହା ପ୍ରଥମ ଜଳଯାତ୍ରା ହୋଇଛି, ଶେଷ ନୁହେଁ,' । 'ଆସାମର ଯୁବବର୍ଗଙ୍କ ନିମନ୍ତେ ମୁଁ କହିରଖୁଛି: ଏହି ନଦୀକୁ ନେଇ ସ୍ୱପ୍ନ ଦେଖ। ବିଶ୍ୱ ଆଉ ବେଶୀ ଦୂର ନୁହେଁ। ଏହା ନଦୀର ତଳ ଆଡକୁ ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ ଭାରତର ଚା' ରାଜଧାନୀ ଡିବ୍ରୁଗଡ ଏକଦା ଏକ ମହାନ ନଦୀ ବନ୍ଦର ଭାବରେ ତାହାର ଗୌରବ ଫେରିପାଉଛି। ଆମେ ଏହାର ଐତିହ୍ୟକୁ ସମ୍ମାନ ଦେଉଥିବାବେଳେ ଏହାକୁ ବିଶ୍ୱ–ମାନର ଭିତ୍ତିଭୂମି ସହିତ ନିର୍ମାଣ କରୁଛୁ। ୧୯୫୬ରେ ନୀରବ ହୋଇଯାଇଥିବା ଷ୍ଟିମର ହ୍ୱିସଲ ପୁଣିଥରେ ଶୁଣାଯାଇଛି।

# ସୌର ଶକ୍ତି କ୍ଷମତା ସହ ସବୁଜ ଶକ୍ତିର ବ୍ୟବହାରକୁ ସୁଦୃଢ଼ କରୁଛି ପୂର୍ବ ତଟ ରେଳପଥ

ଭୁବନେଶ୍ୱର,୭।୧୦(ନି.ପ୍ର): ପୂର୍ବତଟ ରେଳପଥ ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଶକ୍ତି ସଂରକ୍ଷଣ ଓ କାର୍ବନ ନିର୍ଗମନ ହ୍ରାସ ଦିଗରେ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛିଛ ଏହି କ୍ରମରେ, ପୂର୍ବତଟ ରେଳପଥର ବିଭିନ୍ନ ରେଳ ପ୍ରତିଷ୍ଠାନରେ ମୋଟ ୪୮୬.୮୪ କିଲୋୱାଟ୍ ପିକ୍ ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ରେଳ ପରିଚାଳନାରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ବୃଦ୍ଧି ସହିତ ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଦିଗରେ ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି। ଖୋର୍ଦ୍ଧା ରୋଡ ଡିଭିଜନରେ ସର୍ବାଧିକ ୩୨୬.୮୪ କିଲୋୱାଟ୍, ସମ୍ବଲପୁର ଡିଭିଜନରେ ୧୫୦ କିଲୋୱାଟ୍ ଏବଂ ରାୟଗଡା ଡିଭିଜନରେ ୧୦ କିଲୋୱାଟ୍ ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି । ଏହା ବ୍ୟତୀତ, ପୂର୍ବ ତଟ ରେଳପଥର ୨୩୨ଟି ରେଳ ଷ୍ଟେସନରେ ରୁଫଟପ୍ ସୋଲାର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ଖୋର୍ଦ୍ଧା ରୋଡ ଡିଭିଜନର ୧୧୦ଟି, ସମ୍ବଲପୁର ଡିଭିଜନର ୬୮ଟି ଏବଂ ରାୟଗଡା ଡିଭିଜନର ୫୪ଟି ଷ୍ଟେସନ ରହିଛି। ଷ୍ଟେସନଗୁଡିକରେ ସୌର ଶକ୍ତିର ବ୍ୟବହାର ଦ୍ୱାରା ରେଳ ପରିଚାଳନାରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ସହିତ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ପୂର୍ବ ତଟ ରେଳପଥର ପ୍ରୟାସକୁ ଆହୁରି ସୁଦୃଢ଼ କରୁଛି।

ଏହି ସୌର ଶକ୍ତି ବ୍ୟବସ୍ଥାଗୁଡିକ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ରଖୁଛି। ୨୦୨୬–୨୭ ଆର୍ଥିକ ବର୍ଷରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ୬୭,୦୨,୭୦୭.୯୮ ୟୁନିଟ୍ ସୌର ଶକ୍ତି ଉତ୍ପାଦନ ରେକର୍ଡ କରାଯାଇଛି। ସୌର ଶକ୍ତିର ଏହି ବର୍ଦ୍ଧିତ ବ୍ୟବହାର ପାରମ୍ପରିକ ବିଦ୍ୟୁତ ଉତ୍ସ ଉପରେ ପୂର୍ବ ତଟ ରେଳପଥର ନିର୍ଭରଶୀଳତା ହ୍ରାସ କରିବା ସହିତ ଏହାର ବିଭିନ୍ନ ପ୍ରତିଷ୍ଠାନରେ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରୁଛି। ସୌର ଶକ୍ତିର ବ୍ୟବହାର ଦ୍ୱାରା ପୂର୍ବତଟ ରେଳପଥ ଉଲ୍ଲେଖନୀୟ ଆର୍ଥିକ ସଞ୍ଚୟ ହାସଲ କରୁଛି। ୨୦୨୬–୨୭ ଆର୍ଥିକ ବର୍ଷରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସୌର ଶକ୍ତି ଉତ୍ପାଦନ ଯୋଗୁଁ ପ୍ରାୟ ୪.୫୧ କୋଟି ଟଙ୍କା ସଞ୍ଚୟ ହୋଇଛି। ସୌର ଶକ୍ତିର ବ୍ୟବହାର ଦ୍ୱାରା ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହିତ ଶକ୍ତି ବ୍ୟୟ ହ୍ରାସ ଓ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ଉଲ୍ଲେଖନୀୟ ଲାଭ ମିଳୁଛି।

**ଦ. ପୂ ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଡେପୁଟୀ ଚିଫ୍ ଇଂଜିନିୟର(ନିର୍ମାଣ), ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡରସ୍ ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖର ୧୨:୦୦ ଘଣ୍ଟାରେ ବନ୍ଦ ହେବ। **ଇ–ଟେଣ୍ଡର ନୋଟିସ୍ ନଂ.** SER-CON-DCE-KGP-01-2026, **ବନ୍ଦ ତାରିଖ: ୦୨.୧୧.୨୦୨୬, କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଡେପୁଟୀ ସିଇ/ନିର୍ମାଣ/ଖଡଗପୁରଙ୍କ କାର୍ଯ୍ୟ ପରିସର ଅଧୀନରେ ମାଇନର ଇଲେକଟ୍ରିକାଲ ୱାର୍କ ସହ ୨ ବର୍ଷ (୨୪ମାସ) ପାଇଁ କନଷ୍ଟ୍ରକସନ ଟ୍ରାଞ୍ଜିଟ୍ କ୍ୟାମ୍ପ ଦେଖାରଖା କରିବା ସହ ଖଡଗପୁରରେ କନଷ୍ଟ୍ରକସନ ଟ୍ରାଞ୍ଜିଟ୍ କ୍ୟାମ୍ପ (ମନ୍ଦାକିନୀ)ର ରିପେୟାରିଂ ୱାର୍କ, ହର୍ଟିକଲଚର ୱାର୍କ। **ଆନୁମାନିକ ମୂଲ୍ୟ:** ଟ. ୯୩.୭୦ଲକ୍ଷ, ବିଡ୍ ସିକ୍ୟୁରିଟି: ଟ. ୧,୮୭,୪୦୦/– ଏବଂ **ସମାପ୍ତି ଅବଧି:** ୨୪ ମାସ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା /ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବିଶେଷ ସୂଚନା:** ''ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଆଶାୟୀ ବିଡରମାନେ ନିୟମିତ ଭାବେ www.ireps.gov.in. ପରିଦର୍ଶନ କରିପାରିବେ।''

(PR-870)

**ଦ. ପୂ ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ସିନିୟର ଡିଇଇ/ଟିଆର୍‌ଡି/ଖଡଗପୁର–୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟ ପାଇଁ ବିଷୟ ପାଇଁ ଉଲ୍ଲେଖିତ ତାରିଖର ୧୫:୦୦ ଘଣ୍ଟା ପୂର୍ବରୁ ଇ–ଟେଣ୍ଡରସ୍ ଆହ୍ୱାନ କରୁଛନ୍ତି ଏବଂ ଏହା ୧୫:୩୦ ଘଣ୍ଟାରେ ଖୋଲିବ। **ଟେଣ୍ଡର ନୋଟିସ୍ ନଂ.** TRD-KGP-W-2026-27-22RT, **ତାରିଖ: ୦୫.୧୦.୨୦୨୬, କାର୍ଯ୍ୟର ବର୍ଣ୍ଣନା:** ''ଖଡଗପୁର ଡିଭିଜନର ଷ୍ଟେସନ ୟାର୍ଡରେ ଦ୍ୱୈତ ଯାଞ୍ଚ ପାଇଁ ବର୍ତ୍ତମାନ ଥିବା ଏମ୍‌ଏସ୍‌ଡିଏସି ସହ ସମାନ୍ତରାଳରେ ଡିସି ଟ୍ରାକ୍ ସର୍କିଟ୍ ବ୍ୟବସ୍ଥା'' ପାଇଁ ଇଲେକ୍ଟ୍ରିକାଲ୍ ଟିଆର୍‌ଡି କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ଟ. ୭୬,୫୫,୮୩୮.୦୦ (ଛଅସ୍ତରୀ ଲକ୍ଷ ପଞ୍ଚାବନ ହଜାର ଆଠ ଶହ ଅଠତିରିଶ ଟଙ୍କା କେବଳ), **ଅମାନତ ରାଶି ଜମା:** ଟ. ୧,୫୩,୧୦୦.୦୦ (ଏକ ଲକ୍ଷ ତେପନ ହଜାର ଏକ ଶହ ଟଙ୍କା କେବଳ), **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ :** ଶୂନ୍ୟ। **ଟେଣ୍ଡର ଖୋଲିବା ତାରିଖ:** ୨୮/୧୦/୨୦୨୬. **ସମାପ୍ତି ଅବଧି:** ୧୨(ବାର) ମାସ, **ଦାଖଲ ତାରିଖ :** ୨୮/୧୦/୨୦୨୬ ର ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ,ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

(PR-867)

### ତୈଳବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ

# ଅଳ୍ପକେ ବର୍ତ୍ତିଲେ ୨୩ ଭାରତୀୟ ନାବିକ

**ୟୁକ୍ରେନ, ୭।୧୦ (ଏଜେନ୍ସି):** କୃଷ୍ଣ ସାଗରରେ ତୈଳବାହୀ ଜାହାଜ ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି । ସୁରକ୍ଷିତ ଉଦ୍ଧାର ହେଲେ ସମସ୍ତ ୨୩ ଭାରତୀୟ ନାବିକ। ଏହି ଆକ୍ରମଣରେ ଲାଇବେରିଆ ପତାକାବାହୀ 'ଆଫ୍ରାମାକ୍ସ ରିଓ' ଟ୍ୟାଙ୍କରରେ ଭୟଙ୍କର ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି । ରୁଷିଆର ସୋଚି ଉପକୂଳରେ ସମୁଦ୍ର ମଧ୍ୟରେ ଜଳିଲା ଅଶୋଧିତ ତୈଳ, ଆକାଶ ଛୁଇଁଲା କଳା ଧୂଆଁ । ରୁଷର କୃଷ୍ଣ ସାଗର ଉପକୂଳରେ ଏକ ବଡ଼ ଧରଣର ସାମୁଦ୍ରିକ ଅଘଟଣ ଘଟିଛି ।



କାଲି ଦିନ ୟୁକ୍ରେନର ନୌସେନା ଡ୍ରୋନ୍ ଆକ୍ରମଣ ଯୋଗୁଁ ଏକ ଲାଇବେରିଆ ପତାକାବାହୀ ତୈଳବାହୀ ଜାହାଜରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଏହି ଜାହାଜରେ ସମୁଦାୟ ୨୩ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଥିଲେ । ତେବେ ରୁଷର ଜରୁରୀକାଳୀନ ଉଦ୍ଧାରକାରୀ ଦଳର ତ୍ୱରିତ ପଦକ୍ଷେପ ଫଳରେ ସମସ୍ତ ୨୩ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ କାହାରି କୌଣସି ଆଘାତ ଲାଗିନଥିବା ସ୍ପଷ୍ଟ ହୋଇଛି । ରୁଷ ପରିବହନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, 'ଆଫ୍ରାମାକ୍ସ ରିଓ'ନାମକ ଏହି ଅଏଲ୍ ଟ୍ୟାଙ୍କର ଉପରେ କୃଷ୍ଣ ସାଗରସ୍ଥିତ ରୁଷିଆର ପ୍ରସିଦ୍ଧ ପର୍ଯ୍ୟଟନ ସହର ସୋଚି ନିକଟରେ ନୌସେନା ଡ୍ରୋନ୍ ଦ୍ୱାରା ଟାର୍ଗେଟ କରାଯାଇଥିଲା । ଆକ୍ରମଣ ପରେ ଜାହାଜରେ ଥିବା ତୈଳରେ ନିଆଁ ଲାଗିଥିଲା । ନିଆଁର ତୀବ୍ରତା ଏତେ ଅଧିକ ଥିଲା ଯେ ମାଇଲ୍ ମାଇଲ୍ ଦୂର ପର୍ଯ୍ୟନ୍ତ ନିଆଁର ଶିଖା ଏବଂ ଆକାଶକୁ ଛୁଇଁଥିବା କଳା ଧୂଆଁର ବିରାଟ କୁଣ୍ଡଳୀ ଦେଖିବାକୁ ମିଳିଥିଲା । ନିଆଁର ପ୍ରଚଣ୍ଡତା ହେତୁ ଅଗ୍ନିଶମ ବାହିନୀକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଆଁ ଲିଭାଇବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଅଣାଯାଇଥିଲା। ଏହି ଅଘଟଣ ପରେ ନାଗରିକ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ବେଳାଭୂମି ଗୁଡ଼ିକୁ ସାମୟିକ ଭାବେ ବନ୍ଦ କରାଯାଇଛି ।

# ଆସାମରେ ଏମ୍‌ବିବିଏସ୍ ପଢ଼ା ମହଙ୍ଗା ହେଲା

### ପରିବାରର ବାର୍ଷିକ ଆୟ ଆଧାରରେ ନିର୍ଦ୍ଧାରିତ ହେବ ଫି

**ଗୁଆହାଟୀ, ୭।୧୦ (ଏଜେନ୍ସି):** ଆସାମର ସରକାରୀ ମେଡିକାଲ କଲେଜଗୁଡ଼ିକରେ ଏମବିବିଏସ ଓ ବିଡିଏସ ପାଠପଢ଼ା ଫି'ରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାରଙ୍କ ନୂଆ ନିୟମ ଅନୁସାରେ, ଏବେ ଡାକ୍ତରୀ ପାଠପଢ଼ା ଫି'କୁ ଛାତ୍ରଛାତ୍ରୀଙ୍କ ପରିବାରର ବାର୍ଷିକ ଆୟ ସହିତ ଯୋଡ଼ାଯାଇଛି। ଏହି ନୂତନ ଆୟ-ଭିତ୍ତିକ ଫି' ଢାଞ୍ଚା ଯୋଗୁଁ ଉଚ୍ଚ ଆୟବର୍ଗର ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଫି' ପ୍ରାୟ ୬ ଗୁଣ ପର୍ଯ୍ୟନ୍ତ ବୃଦ୍ଧିପାଇଥିବା ବେଳେ ଗରିବ ଓ କମ୍ ଆୟବର୍ଗର ଛାତ୍ରଛାତ୍ରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

୯ ଲକ୍ଷରୁ ଅଧିକ ଆୟ: ଯେଉଁ ଛାତ୍ରଛାତ୍ରୀଙ୍କ ପରିବାରର ବାର୍ଷିକ ଆୟ ୯ ଲକ୍ଷ ଟଙ୍କାରୁ ଅଧିକ, ସେମାନଙ୍କୁ ଏମବିବିଏସ ପାଇଁ ବାର୍ଷିକ ୧ ଲକ୍ଷ ଟଙ୍କା ଏବଂ ବିଡିଏସ ପାଇଁ ୭୫,୦୦୦ ଟଙ୍କା ଫି' ଦେବାକୁ ପଡ଼ିବ। ୪ ରୁ ୯ ଲକ୍ଷ ଆୟ: ବାର୍ଷିକ ୪ ଲକ୍ଷରୁ ୯ ଲକ୍ଷ ଟଙ୍କା ଆୟ ଥିବା ମଧ୍ୟମ ଆୟବର୍ଗର ପରିବାରର ଛାତ୍ରଛାତ୍ରୀଙ୍କୁ ଏମବିବିଏସ ପାଇଁ ବାର୍ଷିକ ୫୦,୦୦୦ ଟଙ୍କା ଏବଂ ବିଡିଏସ ପାଇଁ ୩୭,୫୦୦ ଟଙ୍କା ଦେବାକୁ ହେବ। ବିପିଏଲ ଓ କମ୍ ଆୟବର୍ଗ: ବିପିଏଲ ଓ କମ୍ ଆୟ ଥିବା ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ



ଏମବିବିଏସ ଫି' ମାତ୍ର ୫,୦୦୦ ଟଙ୍କା ଏବଂ ବିଡିଏସ ପାଇଁ ୩,୭୫୦ ଟଙ୍କା ରଖାଯାଇଛି।

୨୦୨୨ ମସିହା ପରଠାରୁ ଆସାମର ସରକାରୀ ମେଡିକାଲ କଲେଜଗୁଡ଼ିକରେ ଫି' ବୃଦ୍ଧି ହୋଇନଥିଲା। ମେଡିକାଲ କଲେଜଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ଲକ୍ଷ୍ୟ ହେଉଛି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାରଠାରୁ ଶିକ୍ଷା ଖର୍ଚ୍ଚର ସଠିକ୍ ପରିମାଣ ଆଦାୟ କରି ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇଦେବା। ଏହି ନୂଆ ଫି' ନିୟମ ଚଳିତ ଶିକ୍ଷାବର୍ଷରୁ ହିଁ ନାମଲେଖା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ। ଏହାଛଡ଼ା, କୌଣସି ଅପ୍ରତ୍ୟାଶିତ କାରଣ କିମ୍ବା ଗୁରୁତର ସମସ୍ୟା ଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହେବାର ସମ୍ଭାବନା ଥିଲେ କଲେଜର ପ୍ରିନ୍ସିପାଲମାନଙ୍କୁ ସରକାରୀ ଫି'ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେବାର ସ୍ୱତନ୍ତ୍ର ଅଧିକାର ମଧ୍ୟ ଦିଆଯାଇଛି।

# ଟ୍ରକକୁ ପିଟିଲା କାର, ୩ ଟେନିସ ଖେଳାଳି ମୃତ

**ସୁଲତାନପୁର, ୭।୧୦ (ଏଜେନ୍ସି):** ଉତ୍ତରପ୍ରଦେଶ ସୁଲତାନପୁର ଜିଲ୍ଲା ପୂର୍ବାଞ୍ଚଳ



ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଲକ୍ଷ୍ନୌରୁ ଦେବରିୟା ଯାଉଥିବା କାର୍ ଟ୍ରକକୁ ପଛରୁ ଧକ୍କା ଦେଇଛି । ଫଳରେ ଘଟଣା ସ୍ଥଳରେ ୩ ଜଣ ଟେନିସ ଖେଳାଳିଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି ।

ଖବର ମୁତାବକ, ସୁଲତାନପୁର ଜିଲ୍ଲା ବଲ୍ଦୀରାୟ ଥାନା ଅର୍ନ୍ତଗତ ପୂର୍ବାଞ୍ଚଳ ଏକ୍ସପ୍ରେସ ୱେର ମାଇଲଖୁଣ୍ଟ ନିକଟରେ ଘଟିଛି । ଦେବରିୟା ଜିଲ୍ଲାର ୬ ଜଣ ଟେନିସ ଖେଳାଳି କାର୍ ଯୋଗେ ଏକ ପ୍ରତିଯୋଗିତାରେ ଭାଗ ନେଇ ନିଜ ଘରକୁ ଦେବରିୟା ଫେରୁଥିଲେ । ସକାଳ ୫ଟା ସମୟରେ ପ୍ରାୟ ୧୦୦ କିମି ସ୍ପିଡରେ କାର୍ ଚାଲୁଥିବା ବେଳେ ଅନିୟନ୍ତ୍ରିତ କାର୍ ଆଗରେ ଯାଉଥିବା ଟ୍ରକକୁ ଧକ୍କା ଦେଇଥିଲା ।

ଧକ୍କା ଏତେ ଭୟଙ୍କର ଥିଲା ଯେ, କାରର ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇ ଟ୍ରକ୍ ତଳେ ଫସିଯାଇଥିଲା । ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକ ଦୌଡି ଆସି ଉଦ୍ଧାର କରିଥିଲେ । ଏହାପରେ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାର୍‌କୁ କାଟି ଆହତଙ୍କୁ ଉଦ୍ଧାର କରିଥିଲା । ୬ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଅଯୋଧ୍ୟା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଯାଞ୍ଚରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୩ ଜଣଙ୍କ ଚିକିତ୍ସା ଚାଲିଛି । ଏଥିରୁ ୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

ଦୁର୍ଘଟଣାର ଶିକାର ହୋଇଥିବା ସମସ୍ତଙ୍କ ପରିଚୟ ମିଳିଛି । ଏମାନଙ୍କ ବୟସ ୨୦ରୁ ୧୫ ବର୍ଷ ମଧ୍ୟରେ ରହିଛି । ଘଟଣା ବିଷୟରେ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି । ପୋଲିସ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଦୁର୍ଘଟଣା ସ୍ଥଳରୁ ଗାଡ଼ିକୁ ହଟାଇ ଯାତାୟତ ସୁଗମ କରାଯାଇଛି ।

### ବାଂଲାଦେଶୀ ପତ୍ନୀଙ୍କୁ ଭାରତରେ ପ୍ରବେଶ ମନା

# ଇମିଗ୍ରେସନ୍ ନିଷ୍ପତ୍ତି କାଏମ ରଖିଲେ କଲିକତା ହାଇକୋର୍ଟ

**କୋଲକାତା, ୭।୧୦ (ଏଜେନ୍ସି):** ଜାଲିଆତି ଉପାୟରେ ଭାରତୀୟ ପରିଚୟପତ୍ର ହାସଲ କରିଥିବାରୁ ଜଣେ ଭାରତୀୟ ନାଗରିକଙ୍କ ବାଂଲାଦେଶୀ ପତ୍ନୀଙ୍କୁ ଭାରତ ପ୍ରବେଶ ଅନୁମତି ନ ଦେବା ନିଷ୍ପତ୍ତିକୁ କଲିକତା ହାଇକୋର୍ଟ ବୁଧବାର କାଏମ ରଖିଛନ୍ତି। ଜଷ୍ଟିସ୍ କୃଷ୍ଣ ରାଓ ଭାରତୀୟ ନାଗରିକ ପ୍ରଦୀପ ଘୋଷଙ୍କ ଆବେଦନକୁ ଖାରଜ କରିଛନ୍ତି। ତାଙ୍କ ବାଂଲାଦେଶୀ ପତ୍ନୀ ଶ୍ରାବନ୍ତୀ ଚୌଧୁରୀ ଓ ନାବାଳକ ପୁଅଙ୍କୁ ଭାରତ ପ୍ରବେଶ ଅନୁମତି ଦେବାକୁ ସେ ଆବେଦନ କରିଥିଲେ।



ପ୍ରଦୀପ ସେପ୍ଟେମ୍ବର ୫ରେ ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଆବେଦନ କରିଥିଲେ। ତାଙ୍କ ଓକିଲ କୋର୍ଟରେ ଯୁକ୍ତି ଦେଇଥିଲେ ଯେ ଶ୍ରାବନ୍ତୀଙ୍କୁ ଭାରତ ପ୍ରବେଶରୁ ରୋକାଯାଇଥିଲେ ମଧ୍ୟ ଏହାର କାରଣ ତାଙ୍କୁ ଜଣାଯାଇନଥିଲା। ଏହାସହ ପ୍ରବେଶ ଅନୁମତି ପାଇଁ ଦିଆଯାଇଥିବା ଆବେଦନ ଉପରେ ମଧ୍ୟ ବିଚାର କରାଯାଇ ନଥିବା ସେ ଦର୍ଶାଇଥିଲେ। କୋର୍ଟରେ ଦାଖଲ ହୋଇଥିବା ବିଦେଶୀ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫ୍‌ଆରଓ) ରିପୋର୍ଟ ଅନୁସାରେ, ଶ୍ରାବନ୍ତୀ ଜଣେ ବାଂଲାଦେଶୀ ନାଗରିକ। ତାଙ୍କ ପାସ୍‌ପୋର୍ଟର ବୈଧତା ୭ ସେପ୍ଟେମ୍ବର ୨୦୨୭ ପର୍ଯ୍ୟନ୍ତ ରହିଛି। ତେବେ ବାଂଲାଦେଶୀ ନାଗରିକ ହୋଇଥିଲେ ମଧ୍ୟ ସେ ଜାଲିଆତି ଉପାୟରେ ଭାରତୀୟ ଭୋଟର କାର୍ଡ ଓ ପାନ୍ କାର୍ଡ ହାସଲ କରିଥିବା କର୍ତ୍ତୃପକ୍ଷ କୋର୍ଟଙ୍କୁ ଜଣାଇଥିଲେ। ଏହି କାରଣରୁ ତାଙ୍କୁ ଭାରତ ପ୍ରବେଶ ଅନୁମତି ଦିଆଯାଇ ନଥିଲା।

ବିବାହ ପରେ ଶ୍ରାବନ୍ତୀ ଭାରତୀୟ ନାଗରିକଙ୍କ ପତ୍ନୀ ଭାବେ ମଲ୍ଟିପଲ୍-ଏଣ୍ଟ୍ରି ଏକ୍ସ-୧ ଭିସାରେ ଭାରତ ଆସୁଥିଲେ। ତାଙ୍କ ଶେଷ ଭିସା ୨୫ ସେପ୍ଟେମ୍ବର ୨୦୨୫ରେ ଜାରି ହୋଇଥିଲା ଏବଂ ଏହା ୨୪ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ବୈଧ ଥିଲା। ଏପ୍ରିଲ ୨୦୨୬ରେ ସେ ବାଂଲାଦେଶ ଯାଇଥିଲେ। ଅଗଷ୍ଟ ୨୩ରେ ଭାରତ ଫେରିବା ବେଳେ ତାଙ୍କୁ ପ୍ରବେଶ ଅନୁମତି ମିଳିନଥିଲା। ସରକାରୀ ପକ୍ଷର ଓକିଲ କହିଥିଲେ ଯେ ୨୦୨୫ର ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ଆଇନର ବ୍ୟବସ୍ଥା ଅନୁସାରେ ଜଣେ ବିଦେଶୀ ନାଗରିକଙ୍କ ଭାରତ ପ୍ରବେଶକୁ ସୀମିତ କରାଯାଇପାରେ। ସମସ୍ତ ପକ୍ଷର ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ କୃଷ୍ଣ ରାଓ ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଠିକ୍ ଥିବା ଦର୍ଶାଇ ପ୍ରଦୀପଙ୍କ ଆବେଦନ ଖାରଜ କରିଦେଇଛନ୍ତି।

### ଭାରତୀୟ ନୌସେନାରେ ହନିଟ୍ରାପ୍ ଆଶଙ୍କା

# ୧୩ ଯବାନଙ୍କ ଉପରେ ତଦନ୍ତ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ପାକିସ୍ତାନର ଗୁପ୍ତଚର ନେଟୱାର୍କ ସର୍ବଦା ଜାତୀୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିଆସିଛି । ସୈନିକମାନଙ୍କଠାରୁ ହନିଟ୍ରାପ୍ କରି ସମ୍ବେଦନଶୀଳ ସୂଚନା ହାସଲ କରୁଥିବା ପାକିସ୍ତାନୀ ନେଟୱାର୍କର ପର୍ଦ୍ଦାଫାସ କରିବା ପାଇଁ ଅପରେସନ୍ ଫାୟାରୱାଲ୍-୨୦୨୬ ଆରମ୍ଭ କରାଯାଇଛି । ତଦନ୍ତକାରୀ ଟିମ୍‌ଗୁଡ଼ିକ ଏକାସାଙ୍ଗରେ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚଢ଼ାଉ କରିଛନ୍ତି। ଏହି ମାମଲାରେ ମୋଟ ୧୮ ଜଣ ସନ୍ଦେହ ଘେରରେ ରହିଥିବା ଜଣାପଡିଛି। ଚିନ୍ତାର ବିଷୟ ହେଉଛି, ଏମାନଙ୍କ ମଧ୍ୟରେ ଭାରତୀୟ ନୌସେନାର ୧୩ ଜଣ ଯବାନ ଓ ଅଧିକାରୀ ସାମିଲ ଥିବା କୁହାଯାଉଛି । ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦିଗରୁ ଏହାର ତଦନ୍ତ କରାଯାଉଛି ସୂଚନା ଅନୁଯାୟୀ, ପାକିସ୍ତାନ ସହ ଜଡ଼ିତ ସନ୍ଦିଗ୍ଧ ଗୁଇନ୍ଦା ନେଟୱର୍କ ବିରୋଧରେ ଆନ୍ଧ୍ରପ୍ରଦେଶ ସମେତ ଦେଶର ଅନେକ ସ୍ଥାନରେ ବଡ଼ ଧରଣର କାଉଣ୍ଟର-ଇଣ୍ଟେଲିଜେନ୍ସ ଅପରେସନ୍ ଆରମ୍ଭ ହୋଇଛି । ଆନ୍ଧ୍ରପ୍ରଦେଶର କାଉଣ୍ଟର-ଇଣ୍ଟେଲିଜେନ୍ସ (ସିଆଇ) ୱିଙ୍ଗ୍ 'ଅପରେସନ୍ ଫାୟାରୱାଲ୍-୨୦୨୬' ଅଧୀନରେ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏକାସାଙ୍ଗରେ ତଲାସୀ ଅଭିଯାନ ଚଳାଇଛି।



ଏହି ମାମଲାରେ ୧୮ ଜଣ ତଦନ୍ତ ପରିସରରେ ଅଛନ୍ତି । ଯେଉଁମାନଙ୍କ ମଧ୍ୟରୁ ୧୩ ଜଣ ସନ୍ଦିଗ୍ଧ ନୌସେନା କର୍ମଚାରୀ ବୋଲି କୁହାଯାଉଛି । ଏଥିସହ ଏହି ଅପରେସନ୍ ଅଧୀନରେ ୧୨ଟି ଟିମ୍ ନିୟୋଜିତ କରାଯାଇଛି । ତଦନ୍ତକାରୀ ଏଜେନ୍ସିଗୁଡ଼ିକ ପାକିସ୍ତାନ ଇଣ୍ଟେଲିଜେନ୍ସ ଅପରେଟିଭ୍‌ସ (ପିଆଇଓ)ଙ୍କ ସହ ସନ୍ଦିଗ୍ଧମାନଙ୍କର କଥିତ ଯୋଗାଯୋଗ ଏବଂ ବିଶେଷ କରି ଏନ୍‌କ୍ରିପ୍ଟେଡ୍ କମ୍ୟୁନିକେସନ୍ ପ୍ଲାଟଫର୍ମ ମାଧ୍ୟମରେ ସୂଚନା ଆଦାନପ୍ରଦାନ ହୋଇଥିଲା କି ନାହିଁ, ତାହାର ଯାଞ୍ଚ କରୁଛନ୍ତି । ପୂର୍ବ ଉପକୂଳରେ ଅବସ୍ଥିତ ବିଶାଖାପାଟଣା ଭାରତୀୟ ନୌସେନାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର । ଏଠାରୁ ସମ୍ବେଦନଶୀଳ ସୂଚନା ପାକିସ୍ତାନ ସହ ଜଡ଼ିତ ଅପରେଟିଭ୍‌ମାନଙ୍କ ନିକଟକୁ ପଠାଯାଇଥିଲା ବୋଲି ଅଭିଯୋଗ ହୋଇଛି ।

ବିଶାଖାପାଟଣାରେ ସିଆଇ ଅଧିକାରୀମାନେ ନୌସେନାରେ ଠିକା ଭିତ୍ତିରେ କାମ କରୁଥିବା ସିଭିଲିଆନ୍ ଡ୍ରାଇଭର ଅନ୍ନମ ସାଇ ବରପ୍ରସାଦଙ୍କୁ ଗିରଫ କରିଛନ୍ତି। ତାଙ୍କ ଉପରେ ପ୍ରତିରକ୍ଷା ପ୍ରତିଷ୍ଠାନ ସହ ଜଡ଼ିତ ସମ୍ବେଦନଶୀଳ ସୂଚନା ପାକିସ୍ତାନ ସହ ଜଡ଼ିତ ଜଣେ ଅପରେଟିଭ୍‌ଙ୍କୁ ଦେଇଥିବା ଅଭିଯୋଗ ରହିଛି। ଏହା ବଦଳରେ ତାଙ୍କୁ ଟଙ୍କା ମିଳିଥିଲା କି ନାହିଁ, ତାହା ମଧ୍ୟ ତଦନ୍ତକାରୀମାନେ ଯାଞ୍ଚ କରୁଛନ୍ତି। କୋର୍ଟ ତାଙ୍କୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତକୁ ପଠାଇଛନ୍ତି। ଅନ୍ୟପଟେ ଏହି ମାମଲାରେ ୩୧ ବର୍ଷୀୟ ନୌସେନା ଯବାନ ପ୍ରଦୀପ ମୁଖାର୍ଜୀଙ୍କୁ କୋଏମ୍ବାଟୁରରୁ ଗିରଫ କରାଯାଇଛି । ଏହା ବ୍ୟତୀତ ଅନ୍ୟ ୧୬ ଜଣ ସନ୍ଦିଗ୍ଧଙ୍କ ବିରୋଧରେ ତଦନ୍ତ ଜାରି ରହିଛି । ତଦନ୍ତକାରୀ ଏଜେନ୍ସିଗୁଡ଼ିକ ସେମାନଙ୍କ ଡିଜିଟାଲ୍ ଯୋଗାଯୋଗ, ଆର୍ଥିକ କାରବାର, ଇଲେକ୍ଟ୍ରୋନିକ୍ ଉପକରଣ ଏବଂ ବିଦେଶୀ ଗୁଇନ୍ଦା ଏଜେଣ୍ଟମାନଙ୍କ ସହ ସମ୍ଭାବ୍ୟ ଯୋଗାଯୋଗର ଯାଞ୍ଚ କରୁଛନ୍ତି ।

## ରୁଷ ଆକ୍ରମଣରେ ୟୁକ୍ରେନରେ ୮ ନିହତ



**କୀଭ୍, ୭।୧୦ (ଏଜେନ୍ସି):** ରୁଷର ମିସାଇଲ ଓ ଡ୍ରୋନ ଆକ୍ରମଣ ଗତରାତିରେ କୀଭ୍ ସମେତ ୟୁକ୍ରେନର ଅନ୍ୟ ସହରରେ ଆବାସିକ ଓ ନାଗରିକ ସ୍ଥଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏଥିରେ ଅତି କମରେ ଆଠ ଜଣ ନିହତ ହୋଇଛନ୍ତି ବୋଲି ୟୁକ୍ରେନ ଅଧିକାରୀମାନେ କହିଛନ୍ତି। ରାଷ୍ଟ୍ରପତି ଭୋଲୋଡ଼ିମିର ଜେଲେନସ୍କି ଏକ୍ସରେ ରୁଷ୍ ଏକ ବୃହତ ଆକ୍ରମଣ ପ୍ରସ୍ତୁତ କରୁଛି ବୋଲି ଚେତାବନୀ ଦେଇଥିବା ପରଦିନ ଏହି ଆକ୍ରମଣ ହୋଇଛି। ଉତ୍ତରାଞ୍ଚଳର ଚେର୍ନିହିଭ ଅଞ୍ଚଳର ପ୍ରିଲୁକି ସହରରେ ଏକ ମିସାଇଲ ଏକ ଉଚ୍ଚ ବହୁତଳ ଆପାର୍ଟମେଣ୍ଟ ଭବନକୁ ମାଡ଼ ହୋଇଛି ଏବଂ ବ୍ୟାପକ କ୍ଷତି ଘଟିଛି। ସେଠାରେ ଅନେକ ଲୋକ ମୃତାହତ ହୋଇଥିବା ବେଳେ ଏ ବାବଦ ପ୍ରକୃତ ସଂଖ୍ୟା ପ୍ରଘଟ କରାଯାଇନାହିଁ। ଧ୍ୱଂସାବଶେଷ ହଟାଇବା କାର୍ଯ୍ୟ ଚାଲିଛି। ରାଜ୍ୟ ଜରୁରୀକାଳୀନ ସେବାର ପ୍ରାଥମିକ ସୂଚନା ଅନୁଯାୟୀ ସେଠାରେ ଅତି କମରେ ଚାରି ଜଣ ନିହତ ହୋଇଛନ୍ତି ଏବଂ ତିନି ଶିଶୁ ସମେତ ୨୦ ଜଣ ଆହତ ହୋଇଛନ୍ତି। କୀଭ୍‌ରେ ବାଲିଷ୍ଟିକ ମିସାଇଲ ବ୍ୟାପକ କ୍ଷୟକ୍ଷତି ଘଟାଇଛି।

# ବିପୁଳ ଅସ୍ତ୍ରଶସ୍ତ୍ର ସମେତ ନକ୍ସଲ ସାମଗ୍ରୀ ନଷ୍ଟ କଲା ଗଡ଼ଚିରୋଲି ପୋଲିସ

**ମହାରାଷ୍ଟ୍ର, ୭।୧୦ (ଏଜେନ୍ସି):** ବିପୁଳ ପରିମାଣର ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରି ନଷ୍ଟ କରିଛି ମହାରାଷ୍ଟ୍ର ଗଡ଼ଚିରୋଲି ପୋଲିସ । ଏହି ସାମଗ୍ରୀଗୁଡ଼ିକୁ ଭାମରାଗଡ଼ ଉପଖଣ୍ଡ କୋପରଶି ଜଙ୍ଗଲ ଅଞ୍ଚଳରେ ନକ୍ସଲମାନେ ଲୁଚାଇ ରଖିଥିଲେ । ଏଭଳି କାର୍ଯ୍ୟାନୁଷ୍ଠାନ ଏକ ସ୍ୱତନ୍ତ୍ର ମାଓବାଦୀ ବିରୋଧୀ ଅଭିଯାନର ଅଂଶ ଥିଲା । ପୋଲିସର ସୂଚନା ଅନୁସାରେ, ଜଙ୍ଗଲରେ ନକ୍ସଲମାନେ ସୁରକ୍ଷା ବାହିନୀକୁ ଲକ୍ଷ୍ୟ ରଖି ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଚାଇ ରଖିଥିଲେ ।



ଗୁପ୍ତ ସୂଚନା ମିଳିବା ପରେ ଗତକାଲିଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ସ୍ପେଶାଲ୍ ଅପରେସନ୍ ସ୍କ୍ୱାଡ୍ ଏବଂ ବମ୍ ଡିଟେକ୍ସନ୍ ଆଣ୍ଡ ଡିସ୍ପୋଜାଲ୍ ସ୍କ୍ୱାଡ୍ (ବିଡିଡିଏସ୍)ର କର୍ମଚାରୀମାନେ ମିଳିତ ଭାବେ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଚଳାଇଥିଲେ। ଏହି ଅଭିଯାନ ସମୟରେ ପୋଲିସ ୩ଟି ରକେଟ୍ ଲଞ୍ଚର, ୨ଟି ସିଙ୍ଗଲ୍-ଶଟ୍ ରାଇଫଲ୍, ୨ଟି ୧୨-ବୋର୍ ରାଇଫଲ୍, ୩ଟି ୧୨-ବୋର୍ ଜୀବନ୍ତ କାର୍ଟିଜ, ୧୦ଟି ଡେଟୋନେଟର୍, ୧୫୦ ମିଟର କେବଲ୍ ତାର, ୯ଟି ମ୍ୟାଗାଜିନ୍, ୧୦ଟି କୁକର, ୫ଟି ୱାକି-ଟକି ଏବଂ ୧୨ଟି ୱାକି-ଟକି ଚାର୍ଜର୍ ସମେତ ଅନ୍ୟାନ୍ୟ ମାଓ ସାମଗ୍ରୀ ଉଦ୍ଧାର କରିଥିଲେ।ଉଦ୍ଧାର ହୋଇଥିବା ବିସ୍ଫୋରକ ଏବଂ ବିପଜ୍ଜନକ ସାମଗ୍ରୀଗୁଡ଼ିକୁ ନିର୍ଦ୍ଧାରିତ ସୁରକ୍ଷା ପ୍ରକ୍ରିୟା ଅନୁସରଣ କରି ନଷ୍ଟ କରାଯାଇଥିଲା।

# ପାହାଡ଼ରୁ ପଥର ଖସି ଅବସରପ୍ରାପ୍ତ ବାୟୁସେନା ଅଫିସର ମୃତ

**ମେଟ୍ଟୁପାଲାୟମ୍, ୭।୧୦ (ଏଜେନ୍ସି):** ବର୍ଷାରେ ଭିଜି ରହିଥିବା କୁନ୍ନୁର ମେଟ୍ଟୁପାଲାୟମ୍ ପାହାଡ଼ିଆ ରାସ୍ତାର ବୁର୍ଲିୟାର୍ ନିକଟରେ ବୁଧବାର ସକାଳ ପ୍ରାୟ ୯:୧୫ ସମୟରେ ଏକ ଚଳନ୍ତା କାର୍ ଉପରେ ବିରାଟ ଆକାରର ପଥର ଖସିପଡ଼ିବାରୁ ୬୪ ବର୍ଷୀୟ ଅବସରପ୍ରାପ୍ତ ବାୟୁସେନା ଅଫିସର ବି. କୃଷ୍ଣମୂର୍ତ୍ତୀଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ଜଣେ ମହିଳା ଆହତ ହୋଇଛନ୍ତି। ନୀଲଗିରି ଅଞ୍ଚଳରେ ବିଗତ କିଛି ଦିନ ହେବ ଲଗାତାର ପ୍ରବଳ ବର୍ଷା ଯୋଗୁଁ ମାଟି ଅଲଗା ହୋଇ ପାହାଡ଼ରୁ ପଥରଟି ଗଡ଼ିଆସି ଗାଡ଼ି ଉପରେ ପଡ଼ିଥିଲା।

ଉଟି ନିକଟସ୍ଥ ଜଗଥାଲା ବାସିନ୍ଦା କୃଷ୍ଣମୂର୍ତ୍ତୀ ନିଜ ପରିବାର ଓ ସମ୍ପର୍କୀୟଙ୍କ ସହ ମେଟ୍ଟୁପାଲାୟମ୍ ଯାଉଥିବା ବେଳେ କାରର ପଛ ସିଟର ବାମ ପାଖରେ ବସିଥିଲେ, ଯାହାଫଳରେ ପଥର ଆଘାତରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ମେଟ୍ଟୁପାଲାୟମ୍ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ କେ. ଦେବଗୀ (୬୦)ଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସମ୍ପର୍କୀୟ ଚିନ୍ତାମଣି (୬୮)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ଏବଂ ସେମାନଙ୍କୁ କୋଏମ୍ବାଟୋରର ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଗାଡ଼ି



ଚଳାଉଥିବା କୃଷ୍ଣମୂର୍ତ୍ତୀଙ୍କ ପୁଅ କାର୍ତ୍ତିକ (୩୦) ଏବଂ ଅନ୍ୟ ଜଣେ ସମ୍ପର୍କୀୟ ଇନ୍ଦିରା (୬୧) ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ଘଟଣାରେ ମେଟ୍ଟୁପାଲାୟମ୍ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ପାହାଡ଼ରେ ଧଳା ଚାଦର: ପାର୍ବତୀ କୁଣ୍ଡର ପାଣି ପାଲଟିଲା ବରଫ

**ଡେରାଡୁନ, ୭।୧୦ (ଏଜେନ୍ସି):** ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ ଥିବା ଆଦି କୈଳାସ ଏବଂ ଓମ୍ ପର୍ବତ ଅଞ୍ଚଳରେ ସେପ୍ଟେମ୍ବର ଶେଷ ସପ୍ତାହରେ ହୋଇଥିବା ପ୍ରବଳ ତୁଷାରପାତ ପ୍ରଭାବ ଏବେ ବି ଦେଖିବାକୁ ମିଳୁଛି। ପ୍ରାୟ ୪ରୁ ୫ ଫୁଟ୍ ପର୍ଯ୍ୟନ୍ତ ତୁଷାରପାତ ହେବା ପରେ ସମଗ୍ର ଉଚ୍ଚ ହିମାଳୟ ଅଞ୍ଚଳ ବରଫର ଧଳା ଚାଦରରେ ଢାଙ୍କି ହୋଇଯାଇଛି। ତାପମାତ୍ରା ଶୂନ ଡିଗ୍ରିରୁ ତଳକୁ ଖସିଯିବା ଯୋଗୁଁ ପୌରାଣିକ ପାର୍ବତୀ କୁଣ୍ଡର ପାଣି ସମ୍ପୂର୍ଣ୍ଣ ଭାବେ ବରଫ ପାଲଟି ଯାଇଛି। ତୁଷାରପାତ ଯୋଗୁଁ କିଛି ରାସ୍ତା ପ୍ରଭାବିତ ହୋଇଥିଲେ ମଧ୍ୟ ବରଫର ଧଳା ଚାଦରର ବିରଳ ଦୃଶ୍ୟ ଉପଭୋଗ କରିବା ପାଇଁ ବହୁ



ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଦି କୈଳାସ ଓ ଓମ୍ ପର୍ବତରେ ଭିଡ଼ ଜମିଛି।

ଉତ୍ତରାଖଣ୍ଡରରେ ସେପ୍ଟେମ୍ବର ୨୫ରୁ ଆରମ୍ଭ ହୋଇଥିବା ତୁଷାରପାତ ପ୍ରଭାବ ଏବେ ବି ଦେଖାଯାଉଛି। ପ୍ରାୟ ୪ ହଜାର ମିଟରରୁ ଅଧିକ ଉଚ୍ଚତାର ଅଞ୍ଚଳ ବରଫର ମୋଟା ଚାଦରରେ ଢାଙ୍କି ହୋଇଯାଇଛି। ପିଥୋରାଗଡ଼ ଜିଲ୍ଲାର ପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନସ୍ଥଳ ଆଦି କୈଳାସ ଏବଂ ଓମ୍ ପର୍ବତ ଅଞ୍ଚଳରେ ବରଫପାତର ସର୍ବାଧିକ ପ୍ରଭାବ ଦେଖାଯାଇଛି।

ସୂଚନା ଅନୁଯାୟୀ, ଆଦି କୈଳାସ ଅଞ୍ଚଳରେ ୪ରୁ ୫ ଫୁଟ୍ ଏବଂ ଓମ୍ ପର୍ବତ ଅଞ୍ଚଳରେ ପ୍ରାୟ ୨ ଫୁଟ୍ ବରଫ ଜମିଛି। ଲଗାତାର ବରଫପାତ ଓ ଥଣ୍ଡା ବଢ଼ିବା ଯୋଗୁଁ ଅଞ୍ଚଳର ତାପମାତ୍ରା ଶୂନ ଡିଗ୍ରିରୁ ତଳକୁ ଖସିଯାଇଛି। ଏହାର ପ୍ରଭାବ ପୌରାଣିକ ଓ ଧାର୍ମିକ ମହତ୍ତ୍ୱ ରଖୁଥିବା ପାର୍ବତୀ କୁଣ୍ଡ ଉପରେ ମଧ୍ୟ ପଡ଼ିଛି। ଆଦି କୈଳାସ ପର୍ବତ ତଳେ ଥିବା ପାର୍ବତୀ କୁଣ୍ଡର ସମସ୍ତ ପାଣି ବରଫ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମୟରେ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି ଏବଂ ରାତି ସମୟରେ ତାପମାତ୍ରା ଆହୁରି ତଳକୁ ଖସିଯାଉଛି।

ପ୍ରବଳ ବରଫପାତର ପ୍ରଭାବ ଅଞ୍ଚଳର ସଡ଼କ ଯୋଗାଯୋଗ ଉପରେ ମଧ୍ୟ ପଡ଼ିଛି। ଆଦି କୈଳାସ ଓ ଓମ୍ ପର୍ବତକୁ ଯାଉଥିବା ଭାରତ-ନେପାଳ ସୀମା ରାସ୍ତାର ଅନେକ ସ୍ଥାନରେ ବରଫ ଜମିଯିବାରୁ ଯାତାୟାତ ପ୍ରଭାବିତ ହୋଇଛି।ଗୌରୀ କୁଣ୍ଡଠାରୁ ଆଗକୁ ପ୍ରାୟ ୨ କିଲୋମିଟର ପାଦଚଲା ରାସ୍ତା ଏବେ ବି ବରଫରେ ଢାଙ୍କି ହୋଇଛି। ସେହିପରି ଲିପୁଲେଖ ଯାଉଥିବା ସଡ଼କ ମାର୍ଗ ମଧ୍ୟ ଅନେକ ସ୍ଥାନରେ ବନ୍ଦ ଥିବା ଜଣାପଡ଼ିଛି।ତେବେ ସୀମା ସଡ଼କ ସଂଗଠନ (ବିଆର୍‌ଓ) ରାସ୍ତା ଖୋଲିବା ପାଇଁ ଲଗାତାର ଅଭିଯାନ ଚଳାଇଛି। ଅଧିକାରୀଙ୍କ ଅନୁଯାୟୀ, କୁଟିଠାରୁ ଆଦି କୈଳାସ ପର୍ଯ୍ୟନ୍ତ ରାସ୍ତାରୁ ବହୁ ପରିମାଣର ବରଫ ହଟାଇ ଦିଆଯାଇଛି। ଫଳରେ ଯାତ୍ରୀ ଏବଂ ସୁରକ୍ଷାବଳର ଗାଡ଼ି ଚଳାଚଳରେ ଆଶ୍ୱସ୍ତି ମିଳିଛି।

ପ୍ରକାଶ ଅପେକ୍ଷାରେ
ଭବ୍ୟ ପ୍ରୀତା
ପୂଜା ସଂଖ୍ୟା– ୨୦୨୬




ମୂଲ୍ୟ: ୫୦ ଟଙ୍କା ମାତ୍ର
ଯୋଗାଯୋଗ
'ପ୍ରତିଦିନ' କାର୍ଯ୍ୟାଳୟ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ମୋବାଇଲ ନଂ– ୮୦୯୩୫୪୫୩୦୦/୭୭୮୯୯୩୦୫୩୨
Email: bhabyaprita@gmail.com

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida